୬ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଲେ ପ୍ରମୁଖ କ୍ରୀଡ଼ାବିତ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

ମୂଲ୍ୟ : ୨.୦୦ ଟଙ୍କା ୮ ପୃଷ୍ଠା
8 Pages, ₹ 2.00

● ବର୍ଷ-୩୩ ● ସଂଖ୍ୟା-୨୨୯ ● ୧୮ ସେପ୍ଟେମ୍ବର ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-229 ● 18th September 2026, Friday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ପ୍ରଧାନମନ୍ତ୍ରୀ ମୋଦୀଙ୍କ ୭୬ତମ ଜୟନ୍ତୀ ଉପଲକ୍ଷେ : ଏକ ମାସ ବ୍ୟାପୀ ସେବା ସଂକଳ୍ପ ଅଭିଯାନ

# ପ୍ରଧାନମନ୍ତ୍ରୀ ମୋଦୀ 'ବିକଶିତ ଭାରତର ବିନ୍ଧାଣୀ'

ଭୁବନେଶ୍ୱର, ୧୭।୯
ନ୍ୟୁଜ୍ ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୭୬ତମ ଜନ୍ମଦିବସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ଦିବସବ୍ୟାପୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ ଏବଂ ବିଜେପି ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ଲୋକସେବା ଭବନ ପରିସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚାରା ରୋପଣ କରିଥିବା ବେଳେ ପ୍ରଦର୍ଶନୀ ପଡ଼ିଆ ଠାରେ ଆୟୋଜିତ ମେଗା ରକ୍ତଦାନ ଶିବିରରେ ଯୋଗ ଦେଇଥିଲେ। ଏହା ସହିତ ସନ୍ଧ୍ୟାରେ ମୁକ୍ତେଶ୍ୱର ମନ୍ଦିର ପରିସରରେ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ସୁସ୍ଥ ଦୀର୍ଘ ନିରାମୟ ଜୀବନ କାମନା କରି ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ମଧ୍ୟ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ।



- ଲୋକସେବାଭବନ ପରିସରରେ ଚାରା ରୋପଣ
- ପ୍ରଦର୍ଶନୀ ପଡ଼ିଆରେ ମେଗା-ରକ୍ତଦାନ ଶିବିର
- ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦୀପ ଦାନ

'ରକ୍ତଦାନ କରି ଗୋଟିଏ ଜୀବନ ବଞ୍ଚାଇବାର ଅନୁଭବ ଆମର ଉଚ୍ଚ ମାନବୀୟ ମୂଲ୍ୟବୋଧର ପରିଚୟ ପ୍ରଦାନ କରିଥାଏ। ବିଜ୍ଞାନ ଯେତେ ଆଗେଇଲେ ମଧ୍ୟ ରକ୍ତର କୌଣସି ବିକଳ୍ପ ନାହିଁ ଏବଂ ଏହା କୌଣସି କାରଖାନାରେ ତିଆରି ହୋଇପାରିବ ନାହିଁ,' ବୋଲି 'ସେବା ସଂକଳ୍ପ ଅଭିଯାନ' ଅବସରରେ ୟୁନିଟ-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ମେଗା-ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି। ଏହା ପୂର୍ବରୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଏକ ଅଶୋକ ଗଛର ଚାରା ମଧ୍ୟ ରୋପଣ କରିଥିଲେ।

ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିକଶିତ ଭାରତର ବିନ୍ଧାଣୀ *(ପୃଷ୍ଠା ୭ରେ)*

## ସେମିକନ ଇଣ୍ଡିଆ-୨୦୨୬ ଉଦ୍‌ଘାଟିତ

# ସେମିକଣ୍ଡକ୍ଟର ନିର୍ମାଣ ପାଇଁ ଭାରତ ପ୍ରସ୍ତୁତ

ନୂଆଦିଲ୍ଲୀ, ୧୭।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର କହିଛନ୍ତି ଯେ ସେମିକଣ୍ଡକ୍ଟର ନିର୍ମାଣ ପାଇଁ ବିଶ୍ୱକୁ ନୂଆ ଏବଂ ବିଶ୍ୱସନୀୟ ସ୍ଥାନର ଆବଶ୍ୟକତା ଅନୁଭବ ହେଉଛି ଏବଂ ଭାରତ ଏହି ସୁଯୋଗ ପାଇଁ ନିଜକୁ ନିରନ୍ତର ପ୍ରସ୍ତୁତ କରୁଛି। ସେ କହିଛନ୍ତି ଯେ ଭାରତ ସେମିକଣ୍ଡକ୍ଟର ନିର୍ମାଣର ପସନ୍ଦର ଗନ୍ତବ୍ୟସ୍ଥଳ ହେବା ଦିଗରେ ପ୍ରତ୍ୟେକ ଆବଶ୍ୟକ ପଦକ୍ଷେପ ନେଉଛି।

ପ୍ରଧାନମନ୍ତ୍ରୀ ଏଠାରେ ଯଶୋଭୂମିରେ ସେମିକନ ଇଣ୍ଡିଆ-୨୦୨୬ର ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି ଯେ ଭାରତ ସେମିକଣ୍ଡକ୍ଟର ମିଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିସାରିଛି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ଆଠ ବିଲିୟନ ଡଲାର ବ୍ୟୟର ଯୋଜନା ଥିଲା, ଯାହାକୁ ଦ୍ୱିତୀୟ ପର୍ଯ୍ୟାୟରେ ବଢ଼ାଇ ୧୩.୫ ବିଲିୟନ ଡଲାର କରାଯାଇଛି। ସେ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ନୀତି ଉପରେ ଆଲୋଚନା ହୋଇଥିଲା, ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକରେ ପାଇଲଟ ଲାଇନ ଏବଂ ପରୀକ୍ଷଣ ଦିଗରେ ପ୍ରଗତି ହୋଇଥିଲା ଏବଂ ଏବେ ଭାରତ ବାଣିଜ୍ୟିକ ଉତ୍ପାଦନର ପର୍ଯ୍ୟାୟରେ ପହଞ୍ଚିଛି।



ଶ୍ରୀ ମୋଦୀ କହିଛନ୍ତି ଯେ ମୋହାଲି ଏବଂ ସୁରତରେ ଦୁଇଟି ସେମିକଣ୍ଡକ୍ଟର କାରଖାନାରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହୋଇଛି ଏବଂ ଭାରତରେ ନିର୍ମିତ ଚିପ୍ ଏବେ ଦେଶ ସହିତ ବିଶ୍ୱର ଗ୍ରାହକମାନଙ୍କ ପାଖରେ ମଧ୍ୟ ପହଞ୍ଚୁଛି। ସେ କହିଛନ୍ତି ଯେ ସେମିକଣ୍ଡକ୍ଟର କ୍ଷେତ୍ରରେ କୌଣସି ଦେଶକୁ ଏହି ସ୍ଥାନରେ ପହଞ୍ଚାଇବା ସହଜ ହୋଇନଥାଏ, କାରଣ କାରଖାନା ସ୍ଥାପନ ହେବା ସହିତ ଉତ୍ପାଦନ ଆରମ୍ଭ ହୋଇଯାଏ ନାହିଁ। ଏଥିପାଇଁ ବୈଷୟିକ କ୍ଷମତା ଏବଂ ବିଶେଷଜ୍ଞତା ବିକଶିତ କରିବାରେ ଦୀର୍ଘ ସମୟ ଲାଗେ। ପ୍ରଧାନମନ୍ତ୍ରୀ ଶିଳ୍ପ ଜଗତକୁ ଏହି ଯାତ୍ରାରେ ସକ୍ରିୟ ଭାଗୀଦାରି ଜାରି ରଖିବାକୁ ଆହ୍ୱାନ କରିଛନ୍ତି।

ସେ କହିଛନ୍ତି ଯେ ଭାରତର ଲକ୍ଷ୍ୟ ଫ୍ୟାବ୍‌ଲେସ୍ କମ୍ପାନୀଗୁଡ଼ିକର ବୃଦ୍ଧି ଏବଂ ବୌଦ୍ଧିକ ସମ୍ପଦର ସୃଷ୍ଟିକୁ ଦେଶରେ ପ୍ରୋତ୍ସାହନ ଦେବା। ବିଭିନ୍ନ ପ୍ରକାରର କମ୍ପାଉଣ୍ଡ ସେମିକଣ୍ଡକ୍ଟର, ସିଲିକନ ଫୋଟୋନିକ୍ସ ଏବଂ କୃତ୍ରିମ ବୁଦ୍ଧିମତା ଆଧାରିତ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ଲୋକସଭା ବାଚସ୍ପତି ଏବଂ କେନ୍ଦ୍ର ମନ୍ତ୍ରୀ।
- ପାର୍ବତୀୟ ଜିଲ୍ଲାରେ ପ୍ରବଳ ବର୍ଷା, ବଜ୍ରପାତ ସତର୍କ ସୂଚନା; କେଦାର ନାଥରେ ହେଲି ସେବା ସ୍ଥଗିତ।
- ଉଧମପୁରରେ ଦୁଇ ଆତଙ୍କବାଦୀ ନିହତ, ଅସ୍ତ୍ର ଏବଂ ଗୋଳାବାରୁଦ ଜବତ।
- ପ୍ରଧାନମନ୍ତ୍ରୀ ସଂଗ୍ରହାଳୟରେ 'ମନ୍ କି ବାତ୍' ପ୍ରଦର୍ଶନୀ ଉଦ୍‌ଘାଟିତ।
- ପଶ୍ଚିମବଙ୍ଗରେ ନକ୍ସଲ ନେତା ଅସୀମ ମଣ୍ଡଳ ଗିରଫ।
- ନେପାଳର ଅର୍ଥମନ୍ତ୍ରୀ ଡକ୍ଟର ସ୍ୱର୍ଣ୍ଣିମ ୱାଗଲେ ତିନି ଦିନିଆ ଭାରତ ଗସ୍ତରେ ଦିଲ୍ଲୀରେ ପହଞ୍ଚିଲେ ।
- ଆଞ୍ଚଳିକ ଉତ୍ତେଜନା ମଧ୍ୟରେ ଇରାନ ରାଷ୍ଟ୍ରପତି କହିଛନ୍ତି ପଡ଼ୋଶୀଙ୍କ ସହିତ ବିବାଦ ସମାଧାନ କରିବାକୁ ପ୍ରସ୍ତୁତ।
- ଜାତିସଂଘକୁ ଆମେରିକାରୁ ମିଳିଛି ୭୨.୫ କୋଟି ଡଲାର, ୨୦୨୭ରେ ମତଦାନ ଅଧିକାର ସୁରକ୍ଷିତ।
- ବ୍ରିଟେନର ନେତୃତ୍ୱାଧୀନ ସାମରିକ ମେଣ୍ଟରେ ଯୋଗଦେବ କାନାଡ଼ା।

## ଜିଲ୍ଲାପାଳମାନଙ୍କ ସହିତ ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

# ସମ୍ବେଦନଶୀଳ ଅଞ୍ଚଳରେ ପୋଷଣ ସେବାର ପହଞ୍ଚ ବୃଦ୍ଧି ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୭।୯
ନ୍ୟୁଜ୍‌ବ୍ୟୁରୋ

ଲୋକସେବା ଭବନଠାରେ ଗୁରୁବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ଜିଲ୍ଲାପାଳ ଆଭାସୀ ମାଧ୍ୟମରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗୀୟ ପ୍ରମୁଖ ଯୋଜନା ଓ ପ୍ରକଳ୍ପର ଅଗ୍ରଗତି, ଜମି ସମ୍ବନ୍ଧୀୟ ସମସ୍ୟା, ଅନୁମୋଦନ, କାର୍ଯ୍ୟାନ୍ୱୟନରେ ରହୁଥିବା ସମସ୍ୟା ଏବଂ ଆବଶ୍ୟକ ଜିଲ୍ଲାସ୍ତରୀୟ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା। ଗୃହ ଓ ନଗର ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ *(ପୃଷ୍ଠା ୭ରେ)*

# ଲୋକସେବା ଭବନ ପରିସର ତମାଖୁମୁକ୍ତ ଅଞ୍ଚଳ ଘୋଷିତ

ଭୁବନେଶ୍ୱର, ୧୭।୯
ନ୍ୟୁଜ୍‌ବ୍ୟୁରୋ

ଜନସ୍ୱାସ୍ଥ୍ୟର ସୁରକ୍ଷା, ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସୃଷ୍ଟି ତଥା ତମାଖୁ ବ୍ୟବହାରର କୁପ୍ରଭାବରୁ କର୍ମଚାରୀ ଓ ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଲୋକସେବା ଭବନ ପରିସରକୁ 'ତମାଖୁମୁକ୍ତ ଅଞ୍ଚଳ' ଭାବେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି।

ବିଜ୍ଞପ୍ତିରେ କୁହାଯାଇଛି ଯେ, ତମାଖୁ ବ୍ୟବହାର କ୍ୟାନ୍‌ସର, ହୃଦ୍‌ରୋଗ ଓ ଫୁସ୍‌ଫୁସ୍‌ଜନିତ ରୋଗ ସମେତ ବିଭିନ୍ନ ଅଣସଂକ୍ରାମକ ରୋଗର ଏକ ପ୍ରମୁଖ କାରଣ। ତମାଖୁ ବ୍ୟବହାର ଯୋଗୁଁ ଦେଶରେ ପ୍ରତିବର୍ଷ ପ୍ରାୟ ୧୩ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି।

ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, "ସ୍ୱଚ୍ଛ ଭାରତ, ସ୍ୱସ୍ଥ ଭାରତ ଏବଂ 'ନିଶାମୁକ୍ତ ଭାରତ ଅଭିଯାନ'ର ଲକ୍ଷ୍ୟକୁ ସୁଦୃଢ଼ କରିବା ସହ ଲୋକସେବା ଭବନକୁ ଏକ ସ୍ୱଚ୍ଛ, ସୁସ୍ଥ ଓ ତମାଖୁମୁକ୍ତ କାର୍ଯ୍ୟସ୍ଥଳ ଭାବେ ଗଢ଼ି ତୋଳିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ତମାଖୁ ସେବନ ବିରୋଧୀ ଅଭିଯାନକୁ ଆହୁରି ସୁଦୃଢ଼ କରାଯାଉଛି। ଆମ ଆଗାମୀ ପିଢ଼ିକୁ ଏକ ସୁସ୍ଥ ଜୀବନ ଓ ସଠିକ୍ ବାର୍ତ୍ତା *(ପୃଷ୍ଠା ୭ରେ)*




# ପୁଣି ଘୁଞ୍ଚିଲା ଡିଜିପି ନିଯୁକ୍ତି ମାମଲାର ଶୁଣାଣି

ନୂଆଦିଲ୍ଲୀ, ୧୭।୯

ପୁଣି ଘୁଞ୍ଚିଲା ଡିଜିପି ମାମଲାର ସୁପ୍ରିମକୋର୍ଟରେ ଶୁଣାଣି। ଆସନ୍ତା ୨୨ ତାରିଖରେ ହେବ ପରବର୍ତ୍ତୀ ଶୁଣାଣି। ଗୁରୁବାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଏବଂ ଡିଜି ଚୟନ ସମ୍ପୂର୍ଣ୍ଣ ଆଇନ ସମ୍ମତ। ଏଥିରେ କୌଣସି ବ୍ୟତିକ୍ରମ ହୋଇ ନାହିଁ ବୋଲି କହିଛନ୍ତି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ଡିଜିପି ଭାବେ କିଏ ନିଯୁକ୍ତି ପାଇବେ ତାହା ସରକାରଙ୍କ ଶେଷ ନିଷ୍ପତ୍ତି। ଏଥିରେ କୌଣସି ଅଫିସରଙ୍କ ଅଧିକାର ଦାବି କରିବା ଅବାଞ୍ଛନୀୟ। କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଏ ମାମଲାକୁ ରାଜନୈତିକ ଉଦ୍ଦେଶ୍ୟ ରଖି ମାମଲାର ସୂତ୍ରପାତ୍ କରିଛନ୍ତି ବୋଲି କହିଛନ୍ତି ଆଡଭୋକେଟ୍ ଜେନେରାଲ ଶ୍ରୀ ଆଚାର୍ଯ୍ୟ। ଏଥିରେ ଅଫିସରଙ୍କ ନାମ ସୁପାରିସ ବାବଦରେ ସୁପ୍ରିମକୋର୍ଟ *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା - ପ୍ରତି ଗ୍ରାମ ୧୫,୨୮୪ (-୬୦)
୨୨ କ୍ୟାରେଟ ସୁନା - ପ୍ରତି ଗ୍ରାମ ୧୪,୦୧୦ (-୫୫)
୧୮ କ୍ୟାରେଟ ସୁନା - ପ୍ରତି ଗ୍ରାମ ୧୧,୪୬୩ (-୪୫)

## ରୁପା ଦର

ରୂପା - ପ୍ରତି ଗ୍ରାମ ୨୪୫ (+୦)

# ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ

ଭୁବନେଶ୍ୱର, ୧୭।୯
ନ୍ୟୁଜ୍‌ବ୍ୟୁରୋ

୨୦୧୩ ବ୍ୟାଚର ଆଇପିଏସ୍ ଅଫିସର ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ ହୋଇଛି। ଶ୍ରୀ ମୀନା ଭୁବନେଶ୍ୱର ଡିସିପି ଭାବେ କାର୍ଯ୍ୟରତ ଥିବା ଅବସ୍ଥାରେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। କେନ୍ଦ୍ର ସରକାର ତାଙ୍କ ଇସ୍ତଫା ଗ୍ରହଣ କରିଛନ୍ତି। ପୂର୍ବରୁ ରାଜ୍ୟ ସରକାର ଜଗମୋହନଙ୍କ ଇସ୍ତଫା ପତ୍ର ଗ୍ରହଣ କରିବା ସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ସୁପାରିସ କରିଥିଲେ। ତେବେ ଜଗମୋହନଙ୍କ ଇସ୍ତଫା ସେପ୍ଟେମ୍ବର ୧୧ରୁ କାର୍ଯ୍ୟକାରୀ ହୋଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବିଜ୍ଞପ୍ତିରେ ସୂଚନା ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲ୍ଲାକୁ ନୂଆ ଡିସିପି ନିଯୁକ୍ତ କରାଯିବା ନେଇ ସୂଚନା ମିଳିଛି।



୨୦୨୫ ଫେବୃୟାରୀରେ ଶ୍ରୀ ମୀନାଙ୍କୁ ଭୁବନେଶ୍ୱର ଡିସିପି ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୨୫ ମାର୍ଚ୍ଚ ୫ରେ ଶ୍ରୀ ମୀନା ଭୁବନେଶ୍ୱର ଡିସିପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

# ବଜ୍ରାଘାତରେ ଦୁଇ ମହିଳା ମୃତ

ବରଗଡ଼, ୧୭।୯
ନ୍ୟୁଜ୍‌ବ୍ୟୁରୋ

ବରଗଡ଼ ଜିଲ୍ଲା ସୋହେଲା ନିକଟସ୍ଥ ପାଣିମୋରା ପଞ୍ଚାୟତର କୁସୁର୍ଡା ଗ୍ରାମରେ ବଜ୍ରାଘାତରେ ଦୁଇ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କଟାପାଲି ଗ୍ରାମର ଜାହ୍ନବୀ ପ୍ରଧାନ (୪୫) ଓ ରୀତା ପ୍ରଧାନ (୩୨)। ଉଭୟ ମହିଳା ଚାଷ କାମ କରିବା ପାଇଁ ନିକଟସ୍ଥ ଗାଁ କୁସୁର୍ଡା ଗ୍ରାମକୁ ଆସିଥିଲେ। ଚାଷଜମିରେ କାମ କରୁଥିବା ସମୟରେ ସେମାନେ ବଜ୍ରାଘାତର ଶିକାର ହୋଇ ଗୁରୁତର ହୋଇଥିଲେ। ଉଭୟଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉଭୟଙ୍କ ମୃତଦେହ ରଖାଯାଇଛି।




## ଏକାଳ ପଖାଳ



ନିଆଁ ଲଗା ଗୁଡ଼ା ଯେତକ ଥିଲେ
ପାଇଲେ ଏଡ଼ିକି ଶାସ୍ତି
ବଦଳା ବଦଳି ନୋଟିସ୍ ଦେଇଣ
ଦଣ୍ଡ ଗୁଡ଼ା କିସ୍ତି କିସ୍ତି
ସବୁ ବଡ଼ ବଡ଼ ହସ୍ତୀ
କିଏ ସେ କ'ଣ କହିବ କରିବ
ଜନତାର ଖଡ଼ା ନାସ୍ତି !!

# ଆମେରିକୀୟ ହାଉସ୍ ପାସ୍ କଲା ରୁଷ୍-ଇରାନ ପ୍ରତିବନ୍ଧକ ବିଲ୍



## ଭାରତ, ଚୀନ୍ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ପ୍ରସ୍ତାବ

ୱାଶିଂଟନ୍, ୧୭।୯

ଆମେରିକାର ପ୍ରତିନିଧି ସଭା ରୁଷ୍ ଓ ଇରାନ ବିରୋଧରେ କଠୋର ଆର୍ଥିକ କଟକଣା ଲଗାଇବା ସମ୍ବନ୍ଧୀୟ 'ଲିଣ୍ଡସେ ଓ. ଗ୍ରାହାମ୍ ସାଙ୍କସନିଂ ରୁଷିଆ ଆଣ୍ଡ ଇରାନ୍ ଆକ୍ଟ ଅଫ୍ ୨୦୨୬'କୁ ୨୬୨-୧୫୯ ଭୋଟ୍‌ରେ ଅନୁମୋଦନ କରିଛି। ଏହି ବିଲ୍‌କୁ ବର୍ତ୍ତମାନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦସ୍ତଖତ ପାଇଁ ପଠାଯାଇଛି।

ଏକ ସମ୍ବାଦ ସଂସ୍ଥା ଅନାଡୋଲୁ ଅନୁସାରେ, ବିଲ୍‌ର ସମର୍ଥନରେ ୨୦୩ ଜଣ ରିପବ୍ଲିକାନ୍ ଏବଂ ୫୮ ଜଣ ଡେମୋକ୍ରାଟିକ୍ ସାଂସଦ ଭୋଟ ଦେଇଥିଲେ। ଅନ୍ୟପକ୍ଷରେ, ୭ ଜଣ ରିପବ୍ଲିକାନ୍ ଏବଂ ୧୫୨ ଜଣ ଡେମୋକ୍ରାଟିକ୍ ସାଂସଦ ବିଲ୍‌କୁ ବିରୋଧ କରିଥିଲେ। ଏହା ପୂର୍ବରୁ ଆମେରିକାର ସିନେଟ୍ ୮୬-୧୧ର ବଡ଼ ଦ୍ୱିଦଳୀୟ ଅଧିକ୍ୟତାରେ ଏହି ବିଲ୍‌କୁ ପାରିତ କରିସାରିଛି।

ବିଲ୍‌ଟି ଆଇନରେ ପରିଣତ ହେବା ପରେ, ରୁଷ୍‌ରୁ ବିପୁଳ ପରିମାଣର ତେଲ କିମ୍ବା ଗ୍ୟାସ୍ କିଣୁଥିବା ଅଥବା ରୁଷ୍‌କୁ କଟକଣା ଏଡ଼ାଇବାରେ ସହାୟତା କରୁଥିବା ଦେଶଗୁଡ଼ିକରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ (ଟାରିଫ୍) ଲଗାଇବାର *(ପୃଷ୍ଠା ୭ରେ)*

# ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ସରକାର ପ୍ରସ୍ତୁତ

ଭୁବନେଶ୍ୱର, ୧୭।୯
ନ୍ୟୁଜ୍‌ବ୍ୟୁରୋ

ସାଧାରଣତଃ ଅକ୍ଟୋବର ମାସରେ ଓଡ଼ିଶାରେ ବାତ୍ୟା ଆଶଙ୍କା ରହିଥିବା ବେଳେ ଏବର୍ଷ ସେପ୍ଟେମ୍ବର ମାସରେ ବାତ୍ୟା ଆଶଙ୍କା ଦେଖାଦେଇଛି। ଆମେରିକାର ଏକ ଘରୋଇ ସଂସ୍ଥାର ମଡେଲ ଓ ୟୁରୋପର ଏକ ମଡେଲ୍ ବାତ୍ୟା ହେବା ନେଇ ପୂର୍ବାନୁମାନ କରିଛନ୍ତି। ତେବେ ସମ୍ଭାବ୍ୟ ବାତ୍ୟାର ପ୍ରକୋପ କ'ଣ ରହିବ, ତୀବ୍ରତା ଓ କେଉଁ ଦିଗରେ ଗତି କରିବ ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବତ୍ୟା ନେଇ କିଛି ଘରୋଇ ସଂସ୍ଥା ପୂର୍ବାନୁମାନ ଲଗାଉଛନ୍ତି। ସେମାନେ ଆକଳନ କରୁଛନ୍ତି। ତେବେ ରାଜ୍ୟ ସରକାର ସବୁବେଳେ ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିହତ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଅନ୍ୟ ପକ୍ଷରେ ପାଣିପାଗ ବିଭାଗ ଆକଳନ ଅନୁସାରେ ଆସନ୍ତା ୧୯ ତାରିଖରେ ଲଘୁଚାପ କ୍ଷେତ୍ର ସୃଷ୍ଟି ଏବଂ ୨୩ରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି।



ବର୍ତ୍ତମାନ ଉତ୍ତର ଥାଇଲ୍ୟାଣ୍ଡ ଉପରେ ବାୟୁମଣ୍ଡଳର ମଧ୍ୟଭାଗରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଉତ୍ତର ଆଣ୍ଡାମାନ ସାଗର ଅଞ୍ଚଳକୁ *(ପୃଷ୍ଠା ୭ରେ)*



## ଜିଲ୍ଲାରେ ବଢୁଛି ଶବ୍ଦ ପ୍ରଦୂଷଣ:ପ୍ରଶାସନ ନିରବ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଠାରୁ କେନ୍ଦ୍ର ସରକାର ପର୍ଯ୍ୟନ୍ତ ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଆଇନ୍ ଉପରେ ଆଇନ୍ ଲଦି ଦେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ପ୍ରଶାସନ ଏହାକୁ ଲାଗୁ କରୁନାହାନ୍ତି ଯାହାଫଳରେ ଦିନକୁ ଦିନ ଶବ୍ଦ ପ୍ରଦୂଷଣ ବଢିବାରେ ଲାଗିଛି। ବିଭିନ୍ନ ସଭା ସମିତି, ପର୍ବ ପର୍ବାଣୀ, ଶୋଭାଯାତ୍ରା ଓ ଭସାଣୀ ପୂଜା ମଣ୍ଡପରେ ଓ ବିଭିନ୍ନ କାର୍ଯ୍ୟକ୍ରମରେ ମାଇକ୍ ବଜାଇବା ପାଇଁ (ଲାଉଡ୍ ସ୍ପିକର୍) ବଜାଇବା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ନେଇଥିବା ବ୍ୟାଣ୍ଡ ପାର୍ଟି ମାଲିକମାନେ ମନ ମୁତାବକ ଗୋଟିଏ ଗାଡିରେ ପ୍ରାୟ ୩୦ରୁ ୪୦ ବଡ ବଡ ସାଉଣ୍ଡ ବକ୍ସ ଲଗାଇ ୬୫ ଡେସିବିଲ୍ ପରିବର୍ତ୍ତେ ଦୁଇ ଶହରୁ ଉର୍ଦ୍ଧ୍ୱ ଡେସିବିଲ୍‌ରେ ବଜାଉଥିବାରୁ ସ୍କୁଲ, କୋର୍ଟ, କଚେରୀ, ଚିକିତ୍ସାଳୟ, ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ଇତ୍ୟାଦିରେ ଲୋକ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଓ ରୋଗୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଭସାଣୀ ସମୟରେ ମାତ୍ରାଧିକ ବକ୍ସ ବ୍ୟବହାର କରି ବଜାଉଥିବାରୁ ଏହାର ସାଉଣ୍ଡ ପ୍ରଦୂଷଣରେ ମୃତ୍ୟୁବରଣ କରିଥିବା ମଧ୍ୟ ଅଭିଯୋଗ ହେଉଛି। ଏଭଳି ପରିସ୍ଥିତିରେ ଅନୁମତି ଦେବା ସମୟରେ ଏବଂ ଅନୁମତି ପତ୍ରକୁ ଦିଆଯାଉଥିବା ଆଦେଶ ହିସାବରେ କାମ କରୁନଥିବା ବ୍ୟାଣ୍ଡ ପାର୍ଟି ମାଲିକ ବିରୁଦ୍ଧରେ ଓ ଅନୁମତି ନେଇଥିବା ଅନୁଷ୍ଠାନ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।


## ୟୁପିଆଇ ପେମେଣ୍ଟ ଉପରେ ୦.୪% ଏମ୍‌ଡିଆର୍ ଲାଗୁକୁ ଖୁଚୁରା ବ୍ୟବସାୟୀଙ୍କ ବିରୋଧ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

୨୦୦୦ ଟଙ୍କାରୁ ଅଧିକ କାରବାର କରୁଥିବା ବ୍ୟବସାୟୀଙ୍କ ପାଇଁ ୟୁପିଆଇ ପେମେଣ୍ଟ ଉପରେ ୦.୪% ଏମ୍‌ଡିଆର୍ ଲାଗୁ ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଖୁଚୁରା ବ୍ୟବସାୟୀମାନେ ଘୋର ବିରୋଧ କରୁଛନ୍ତି । କାରଣ ଦେଶକୁ ଡିଜିଟାଲ ଅର୍ଥନୀତି ପଥରେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ବ୍ୟବସାୟୀ ସମ୍ପ୍ରଦାୟ ଏବେ ୟୁପିଆଇ ପେମେଣ୍ଟ ଉପରେ ପ୍ରସ୍ତାବିତ ଅତିରିକ୍ତ ସରଚାର୍ଜ ଦ୍ୱାରା ଗଭୀର ଚିନ୍ତିତ। ଜିଲ୍ଲା ବାଣିଜ୍ୟ ବୋର୍ଡ ଅଧିକାରୀମାନେ ଏହି ପଦକ୍ଷେପକୁ ବ୍ୟବସାୟୀଙ୍କ ଉପରେ ଆଉ ଏକ ଅନାବଶ୍ୟକ ଆର୍ଥିକ ବୋଝ ବୋଲି କହିଛନ୍ତି । ବ୍ୟବସାୟୀମାନେ କହିଛନ୍ତି ଯେ ଜିଏସ୍‌ଟି ଆୟକର ବର୍ଦ୍ଧିତ ବିଦ୍ୟୁତ୍ ଏବଂ ପାଣି ବିଲ୍, ଦୋକାନ ଭଡା ଏବଂ କର୍ମଚାରୀଙ୍କ ଦରମା ଭଳି ଗୁରୁତ୍ୱପୂର୍ଣ୍ଣ ଖର୍ଚ୍ଚ ପରେ ଡିଜିଟାଲ ପେମେଣ୍ଟ ଗ୍ରହଣ ପାଇଁ ଫି ଆଦାୟ ସମ୍ପୂର୍ଣ୍ଣ ଅନ୍ୟାୟ । ବ୍ୟବସାୟୀମାନେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସରକାର ତୁରନ୍ତ ଏହି ନୀତିର ପୁନର୍ବିଚାର କରିବା ଉଚିତ୍, ନଚେତ୍ ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବାର ତାଙ୍କର ସଂକଳ୍ପ ଦୁର୍ବଳ ହୋଇଯିବ । ଏବେ ଯଦି ୨୦୦୦ ଟଙ୍କାରୁ ଅଧିକ ପେମେଣ୍ଟ ଉପରେ ଶୁଳ୍କ ଲଗାଯାଏ ତେବେ ଗ୍ରାହକ ଏବଂ ବ୍ୟବସାୟୀ ଉଭୟ ନଗଦ କାରବାରକୁ ଫେରିବାକୁ ବାଧ ହେବେ। ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ବ୍ୟବସାୟୀଙ୍କ ସ୍ୱାର୍ଥ ବିରୋଧୀ। ସରକାର ଏହି ନିଷ୍ପତ୍ତିର ପୁନର୍ବିଚାର କରିବା ଉଚିତ୍ ବୋଲି କଟେ କ୍ୱାର୍ଟର ମାର୍କେଟ୍ ଆସୋସିଏସନ ସଭାପତି ରାକେଶ ଚୋପ୍ରା । ବ୍ୟବସାୟୀ ଗ୍ରାହକଙ୍କ ଠାରୁ ଟିକସ ସଂଗ୍ରହ କରନ୍ତି ଏବଂ ସେଗୁଡିକୁ ସରକାରଙ୍କ ନିକଟରେ ଜମା କରନ୍ତି ତଥାପି ପେମେଣ୍ଟ ଗ୍ରହଣ କରିବା ପାଇଁ ସେମାନଙ୍କ ଉପରେ ବୋଝ ପକାଇବା ଉପଯୁକ୍ତ ନୁହେଁ । ସେ ଆହୁରି ମଧ୍ୟ କହିଛନ୍ତି ଯେ ବ୍ୟବସାୟୀମାନେ ସାଧାରଣତଃ ଦୀର୍ଘ ସମୟ ପାଇଁ କୌଣସି ଅତିରିକ୍ତ ଖର୍ଚ୍ଚ ବହନ କରନ୍ତିନାହିଁ । କାର୍ଡ ପେମେଣ୍ଟରେ ମଧ୍ୟ ଗ୍ରାହକମାନଙ୍କୁ ପ୍ରାୟତଃ ହୋଇଥିବା ଖର୍ଚ୍ଚ ପାଇଁ ଅତିରିକ୍ତ ଦେୟ ଆଦାୟ କରାଯାଏ ।

## କୋର୍ଟ ପରିସରରେ ଲାଗିଲା ସିସି କ୍ୟାମେରା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ପୁରୁଣା କୋର୍ଟ ପରିସରରେ ଦୀର୍ଘଦିନରୁ ମଟର ସାଇକେଲ୍ ଚୋରି ହୋଇ ଆସୁଥିବା ଏବଂ ଅନ୍ୟାନ୍ୟ ସାମଗ୍ରୀ ଗୁଡିକ ଚୋରି ହୋଇଯାଉଥିବାର ଅଭିଯୋଗ ହେଉଥିଲା। ଜିଲ୍ଲା ଓକିଲ ସଂଘର ଅନୁରୋଧ କ୍ରମେ ଜିଲ୍ଲା ଦୌରାଜଜ୍ ଦୀପକ କୁମାରଙ୍କ ସହାୟତାରେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡା ପୁରୁଣା କୋର୍ଟ ପରିସରରେ ୧୪ ଗୋଟି ସିସି କ୍ୟାମେରା ବିଭିନ୍ନ ସ୍ଥାନରେ ଲଗାଯାଇଛି। ଏହି କୋର୍ଟର ଦୁଇଗୋଟି ମୁଖ୍ୟ ଦ୍ୱାର ଓ କୋର୍ଟ ପରିସରରେ ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଯାଇଥିବାରୁ ଜିଲ୍ଲା ଓକିଲ ସଂଘ ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ଉପସଭାପତି ନୃସିଂହ ରାଉତଙ୍କ ସମେତ ସଂଘର ଅନ୍ୟ ସଦସ୍ୟମାନେ ଉଚ୍ଚ ନ୍ୟାୟାଳୟ ଓ ଜିଲ୍ଲା ଓ ଦୌରାଜଜ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନୂଆଖାଇ ଭେଟ୍‌ଘାଟ୍ ଅବସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ୍ ଅନ୍ତର୍ଗତ ନାରାୟଣୀ ସାଂସ୍କୃତିକ ପରିଷଦ, ଲକର୍ମା ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍ ଓ ସାଇବର୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ବିଶିକେଶନ ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହରଡ଼ଖୋଲ ସରପଞ୍ଚ ମୋହନ କର୍ମୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ନୂଆଖାଇର ଶୁଭେଚ୍ଛା ଜଣାଇବା ସହ ସାଇବର ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଜୁନିୟର ରେଡକ୍ରସ୍‌ର ପରାମର୍ଶଦାତା ଶିକ୍ଷକ ବିକ୍ରମ କୁମାର ନନ୍ଦ କୋଶଲି କବିତା ମାଧ୍ୟମରେ ନୂଆଖାଇର ମହତ୍ତ୍ୱ ପ୍ରତିପାଦିତ କରିବା ସହ ସମସ୍ତଙ୍କୁ ନୂଆଖାଇର ଶୁଭେଚ୍ଛା ଜଣାଇଥିଲେ ଏବଂ ସାଇବର ସୁରକ୍ଷା ସଚେତନତାର ଆବଶ୍ୟକତା କହିବା ସହ ଉଦାହରଣ ମାଧ୍ୟମରେ ଲୋକମାନଙ୍କୁ ସାଇବର ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ମହାବିଦ୍ୟାଳୟ ଆଇ.ଟି ଅଧ୍ୟାପକ ତଥା ଏନ୍.ସି.ସି. ଅଫିସର ଆଶିଷ କୁମାର ଅଗ୍ରୱାଲ ସମସ୍ତଙ୍କୁ ନୂଆଖାଇର ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ ଉଦାହରଣ ମାଧ୍ୟମରେ ସାଇବର ଠକେଇ ଓ ତହିଁରୁ ସୁରକ୍ଷା ପାଇବାର ଉପାୟ ଓ ସାବଧାନତା ଉପରେ ବିଷଦ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ହରଡ଼ଖୋଲର ସମିତି ସଭ୍ୟ ମନୁରାଜ କର୍ମୀ ଓ ପୂର୍ବତନ ସରପଞ୍ଚ ଦେବାର୍ଚ୍ଚନ ଚାଉଲିଆ ଯୋଗଦେଇ ସମସ୍ତଙ୍କୁ ନୂଆଖାଇର ଶୁଭେଚ୍ଛା ଜଣାଇ ସାଇବର ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ ସାଂସ୍କୃତିକ ପରିଷଦର କୁନିକୁନି କଳାକାରମାନଙ୍କ ଦ୍ୱାରା 'ସୀତା ନିର୍ବାସନ' ନୃତ୍ୟ ନାଟିକା ପ୍ରଦର୍ଶିତ ହୋଇଥିଲା ଏଥିରେ ବିଶିଷ୍ଟ ଅରଗାନ୍ ବାଦ୍ୟକାର ବିଜୟ କୁମାର ବଗାର ବାଦ୍ୟ ଯନ୍ତ୍ରରେ ସହଯୋଗ କରିଥିଲେ। ଏହାସହ ପରିଷଦ ତରଫରୁ ଗ୍ରାମର ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ବିଶିକେଶନ ବାଘ ପରିଚାଳନା କରୁଥିବାବେଳେ ମକରନ୍ଦ ସଞ୍ଜୁଆ, ମନୋଜ ରଣା, ଗଣନାଥ ରଣା, ସନ୍ତୋସିନୀ ରଣା, ମହେନ୍ଦ୍ର ହାତୀ, ଯଶୋବନ୍ତୀ ବାଘ, ଚୁମୁକୀ ବଗର୍ତ୍ତି, ଝଗୁଡୁ ବଗର୍ତ୍ତି, ଡୋଲାମଣି ବଗର୍ତ୍ତି ପ୍ରମୁଖ ପରିଷଦର ସଦସ୍ୟବୃନ୍ଦ ସହଯୋଗ କରିଥିଲେ।

## ସମାନତା, ସ୍ୱାଧୀନତା ଏବଂ ଭ୍ରାତୃଭାବ ହିଁ ଗଣତନ୍ତ୍ରର ପ୍ରକୃତ ସ୍ତମ୍ଭ

**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**



ସ୍ଥାନୀୟ ଉଫୁନା କାର୍ଯ୍ୟାଳୟରେ ପ୍ରାତଃ ୮ଟା ସମୟରେ ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନ୍‌ସ୍ ଆସୋସିଏସନ୍ (ଇଫୁନା) ଓ ଉତ୍କଳ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନସ୍ ଆସୋସିଏସନ୍ (ଉଫୁନା) ପକ୍ଷରୁ ବିଶ୍ୱ ଗଣତନ୍ତ୍ର ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାକୁ ଇଫୁନାର ମହାସଚିବ ତଥା ୱାର୍ଲ୍ଡ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନସ୍ ଆସୋସିଏସନ୍‌ର ଭାଇସ୍ ଚେୟାରମ୍ୟାନ୍ ସୁରେଶ ଶ୍ରୀବାସ୍ତବ ଓ ଇଫୁନାର ଜାତୀୟ ଉପ-ସଭାପତି ତଥା ଉଫୁନାର ରାଜ୍ୟ ସଭାପତି ଆଡ୍‌ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍ଘାଟନ କରିଥିଲେ। ଉଫୁନାର ସମ୍ପାଦକ କବି ବାହାଦୂର ପାଟ୍ଟସାହାଣୀ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ ସ୍ୱୀୟ ବକ୍ତବ୍ୟରେ 'ଗଣତନ୍ତ୍ର କେବଳ ଏକ ଶାସନ ପଦ୍ଧତି ନୁହେଁ, ବରଂ ଏହା ଏକ ଜୀବନଶୈଳୀ । ସୁସ୍ଥ ଗଣତନ୍ତ୍ର ପାଇଁ ପ୍ରତ୍ୟେକ ନାଗରିକ ସଚେତନ ଓ ଦାୟିତ୍ୱବାନ ହେବା ଆବଶ୍ୟକ' ବୋଲି ଦୃଢ଼ ମତବ୍ୟକ୍ତ କରିଥିଲେ। ସଭାପତି ଆଡ୍‌ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ, ଡ. ପ୍ରମୋଦ କୁମାର ନାୟକ, ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ସମ୍ପାଦକ ସରୋଜ ଶତପଥୀ, ସଭାପତିତ୍ୱ କରିଥିବା ସମ୍ପାଦକ କବି ବାହାଦୂର ପାଟ୍ଟସାହାଣୀ, ପରିବେଶବିତ୍ ଉପେନ୍ଦ୍ର ରାଉତ, ଡ. ଅନୁପମା ମିଶ୍ର, ଡା. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଓ ଅନ୍ୟତମ ସମ୍ମାନିତ ବକ୍ତା ଭାବରେ ସ୍ୱୀୟ ସ୍ୱୀୟ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ଗୋଟିଏ ଓଡ଼ିଆ ସନେଟ୍ ଓ ଗୋଟିଏ ଇଂରାଜୀ ସନେଟ୍ ଆବୃତ୍ତି କରିଥିଲେ ଓ ସ୍ୱୀୟ ବକ୍ତବ୍ୟରେ ବିଶ୍ୱ ଗଣତନ୍ତ୍ର ଦିବସ ପ୍ରତିବର୍ଷ ସେପ୍ଟେମ୍ବର ୧୫ ତାରିଖରେ ସାରା ବିଶ୍ୱରେ ପାଳିତ ହୁଏ। ଜାତିସଂଘ ସାଧାରଣ ସଭା ଦ୍ୱାରା ୨୦୦୭ ମସିହାରେ ଏହି ଦିବସର ଶୁଭାରମ୍ଭ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱରେ ଗଣତାନ୍ତ୍ରିକ ପ୍ରକ୍ରିୟା, ମୂଲ୍ୟବୋଧ ଏବଂ ନାଗରିକଙ୍କ ଅଧିକାରକୁ ସୁରକ୍ଷିତ ତଥା ମଜଭୁତ କରିବା। ଗଣତନ୍ତ୍ର ହେଉଛି ଜନସାଧାରଣଙ୍କ ଦ୍ୱାରା, ଜନସାଧାରଣଙ୍କ ପାଇଁ ଏବଂ ଜନସାଧାରଣଙ୍କର ଶାସନ। ଏଥିରେ ଜନମତ ଓ ସ୍ୱାଧୀନତାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥାଏ। ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ଦେଶରେ ଏହି ଦିବସର ଗୁରୁତ୍ୱ ଅନେକ ଅଧିକ। ଏହି ଅବସରରେ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଭିନ୍ନ ଅନୁଷ୍ଠାନରେ ସଚେତନତା ସଭା ଓ ଆଲୋଚନାଚକ୍ର ଆୟୋଜନ କରାଯାଏ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ କବି ବାହାଦୂର ପାଟ୍ଟସାହାଣୀ ସ୍ୱୀୟ ସଭାପତିଙ୍କ ଅଭିଭାଷଣରେ କହିଥିଲେ ଯେ ସମାନତା, ସ୍ୱାଧୀନତା ଏବଂ ଭ୍ରାତୃଭାବ ହିଁ ଗଣତନ୍ତ୍ରର ପ୍ରକୃତ ସ୍ତମ୍ଭ। ବର୍ତ୍ତମାନ ସମୟରେ ଗଣତନ୍ତ୍ର ସମ୍ମୁଖରେ ଅନେକ ଆହ୍ୱାନ ରହିଛି, ଯେପରିକି ଦୁର୍ନୀତି, ଅଶିକ୍ଷା ଏବଂ ସାମାଜିକ ଅସମାନତା। ସମସ୍ତ ବକ୍ତାମାନଙ୍କ ଚିନ୍ତାଧାରା ଅନୁଯାୟୀ, ଯୁବପିଢ଼ି ଶିକ୍ଷିତ ଓ ସଚେତନ ହେଲେ ହିଁ ଗଣତନ୍ତ୍ର ଅଧିକ ସୁଦୃଢ଼ ହୋଇପାରିବ। ଏହି ଦିବସରେ ଆମେ ସମସ୍ତେ ମିଳିମିଶି ଆମର ଗଣତାନ୍ତ୍ରିକ ଅଧିକାର ଓ କର୍ତ୍ତବ୍ୟକୁ ସଠିକ୍ ଭାବେ ପାଳନ କରିବା ପାଇଁ ସଂକଳ୍ପ ନେବା ଉଚିତ ବୋଲି ପ୍ରକାଶ କରିଥିଲେ।

## ରାଜ୍ୟରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ ପିସିସି ସାଧାରଣ ସମ୍ପାଦକଙ୍କ ଆହ୍ୱାନ




**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଯାଜପୁରର ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କୁ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ନଗର / ବ୍ଲକ କଂଗ୍ରେସ ପକ୍ଷରୁ ରେଡ଼କ୍ରସ୍ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ପ୍ରଥମେ ଶ୍ରୀ ରାଉତଙ୍କୁ ଉପସ୍ଥିତ ସମସ୍ତ କର୍ମୀ ଏବଂ ନେତୃମଣ୍ଡଳୀ ମାନେ ଭବ୍ୟ ସ୍ୱାଗତ କରିବା ସହ ସଭା ଗୃହକୁ ନେଇଥିଲେ। ସଭାଗୃହରେ ଉପସ୍ଥିତ ନେତୃମଣ୍ଡଳୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ ଅଧ୍ୟକ୍ଷତା କରି ଦୀର୍ଘ ୧୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶ୍ରୀ ରାଉତ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବେ କାର୍ଯ୍ୟ କରି କଂଗ୍ରେସର ସଂଗଠନକୁ ସୁଦୃଢ଼ କରିବା ସହ ସୁଚାରୁ ରୂପେ କାର୍ଯ୍ୟ ତୁଲାଇଥିଲେ। ତାଙ୍କର ଦକ୍ଷତାକୁ ଆଧାର କରି ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି ବୋଲି କହିବା ସହ ପି.ସି.ସି ସଭାପତି ଶ୍ରୀ ଦାସଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟାନ୍ୟ ନେତୃମଣ୍ଡଳୀ ମାନଙ୍କ ମଧ୍ୟରେ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ନଗର କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ, ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ, ବରିଷ୍ଠ ନେତା ଦିଲ୍ଲୀପ ଦାଶ, ଦୁର୍ଯ୍ୟୋଧନ ବେହେରା, ପୂର୍ଣ୍ଣ ଜେନା ପ୍ରଭୃତି ନେତୃମଣ୍ଡଳୀ ମାନେ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ କଂଗ୍ରେସ ସଂଗଠନ ମଜ୍‌ବୁତ୍ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଦେଶ କଂଗ୍ରେସ ପକ୍ଷରୁ ଯେଉଁ ନୂତନ ଗୁରୁ ଦାୟିତ୍ୱ ଅର୍ପଣ କରାଯାଇଛି । ତାହାକୁ ସେ ଆଗାମୀ ଦିନରେ ଦଳର ସାଂଗଠନିକ ବୈଠକରେ ଜିଲ୍ଲାର ସମସ୍ତ କର୍ମକର୍ତ୍ତା ଓ ସମସ୍ତ ସେଲ୍ ଅଧ୍ୟକ୍ଷ ତଥା କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସ, ଛାତ୍ର କଂଗ୍ରେସ, ଛାମୁଆ ନେତାମାନଙ୍କ ସହିତ ବୈଠକ କରି ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ଉପସ୍ଥିତ କର୍ମୀ ଓ ନେତୃମଣ୍ଡଳୀ ମାନଙ୍କୁ ଆହ୍ୱାନ ଦେବା ସହ ସମସ୍ତ ଏକ ମନ ହୋଇ କାର୍ଯ୍ୟ କଲେ ଆଗାମୀ ଦିନରେ କଂଗ୍ରେସ ଦଳ ନିଶ୍ଚିତ ଭାବେ ସୁଦୃଢ଼ ହୋଇପାରିବ ବୋଲି ଶ୍ରୀ ରାଉତ କହିଥିଲେ।

## 'ସ୍ୱାଧୀନତା ସଂଗ୍ରାମୀ ଦୋଳଗୋବିନ୍ଦ ପ୍ରଧାନ ଥିଲେ ଜଣେ ନୀତିନିଷ୍ଠ ରାଜନେତା'

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ସଭାଗୃହରେ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ଅଷ୍ଟମ ପୂଣ୍ୟତିଥି ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବରିଷ୍ଠ ସନ୍ଥ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ସ୍ୱର୍ଗତ ପ୍ରଧାନ ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ବେଳେ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ଦେଶ ସ୍ୱାଧୀନତା ପାଇଁ ବାନର ସେନାରେ ଯୋଗଦେଇ କାରାବରଣ କରିଥିଲେ। ୪ ବର୍ଷ କାରାଗାର ଜୀବନରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଠାରୁ ଜେଲ୍ ଭିତରେ ଯେଉଁ ଶିକ୍ଷା ଗ୍ରହଣ କରିଥିଲେ । ୧୯୪୫ ମସିହାରେ କାରାଗାରରୁ ମୁକ୍ତ ହେବା ପରେ ସ୍ୱାଧୀନ ଭାରତରେ ଗ୍ରାମର ଉନ୍ନତିକୁ ବ୍ରତ କରି ମହାତ୍ମା ଗାନ୍ଧୀଙ୍କ ରଚନାତ୍ମକ କାର୍ଯ୍ୟକୁ ଗ୍ରାମାଞ୍ଚଳରେ ପ୍ରୟୋଗ କଲେ। ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସେ ଗାନ୍ଧୀନୀତିରେ କାର୍ଯ୍ୟ କରୁଥିଲେ ଓ ନୀତିନିଷ୍ଠ ଥିଲେ। ମୁଖ୍ୟ ଅତିଥି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ସତ୍ୟନାରାୟଣ ଆଚାର୍ଯ୍ୟ ସ୍ୱର୍ଗତ ପ୍ରଧାନଙ୍କୁ ଜଣେ ଯୋଗଗୁରୁ ଭାବେ ବର୍ଣ୍ଣନା କରିଥିଲେ। ଜୀବନକାଳ ମଧ୍ୟରେ ସେ ଏଲୋପାଥି ଔଷଧ ଗ୍ରହଣ କରିନଥିଲେ, କିନ୍ତୁ ଯୋଗ ପ୍ରାଣାୟମ ଦ୍ୱାରା ସେ ୯୨ ବର୍ଷ ବଞ୍ଚିଥିଲେ। ନୂତନ ଯୁବପିଢି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ଦୈନିକ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଗାନ୍ଧୀ ମଣିଷ ଦୋଳଗୋବିନ୍ଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଜଣେ ସମୟାନୁବର୍ତ୍ତୀ ରାଜନେତା ଥିଲେ। ସମୟକୁ ସେ ଗୁରୁତ୍ୱ ଦେଉଥିଲେ। ତାଙ୍କର ଦିନଚର୍ଯ୍ୟା ସମକାଳୀନ ନେତୃବୃନ୍ଦଙ୍କୁ ପ୍ରଭାବିତ କରୁଥିଲା। ଠିକ୍ ମଧ୍ୟାହ୍ନ ୧୨ଟା ବେଳେ ମଧ୍ୟାହ୍ନଭୋଜନ କରୁଥିଲେ, ୫ ମିନିଟ୍ ବିଳମ୍ବ ହେଲେ ସେ ଖାଦ୍ୟ ଗ୍ରହଣ କରୁନଥିଲେ। କେହି ଏ ବିଷୟରେ ପ୍ରଶ୍ନ କଲେ ସେ ତାର ସରଳ ଉତ୍ତର ଦେଉଥିଲେ। ଭଗବାନଙ୍କ ତରଫରୁ ମୋର ଆଜି ପଡ଼ିକାଟ୍ ହୋଇଛି। ସମ୍ମାନିତ ଅତିଥି ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ବହୁତ କମ୍ ଲୋକ ଇଚ୍ଛାମୃତ୍ୟୁ ଗ୍ରହଣ କରିଥାନ୍ତି। ସେ ପ୍ରକୃତରେ ଥିଲେ ଜଣେ ସନ୍ଥ ମହାତ୍ମା। ମୃତ୍ୟୁର ୧୫ ଦିନ ପୂର୍ବରୁ ସେ ମୃତ୍ୟୁ ପାଇଁ ପ୍ରସ୍ତୁତ ହୋଇଯାଇଥିଲେ। ଶୁଭେଚ୍ଛୁମାନଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ସେ ଡାକ୍ତରଖାନା ନଯାଇ ମୃତ୍ୟୁ ସମୟକୁ ଅପେକ୍ଷା କରି ପିଲାମାନଙ୍କୁ ଜଣାଇଦେଇ ହସି ହସି ବିଦାୟ ନେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଫେସର ବୁଦ୍ଧଦେବ ମିଶ୍ର ସ୍ୱାଗତ ଭାଷଣ ଓ ଶେଷରେ ଟ୍ରଷ୍ଟି ପୁଷ୍ପରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପୂର୍ବରୁ ସ୍ନିଗ୍ଧା ଏକାଡ଼େମୀର ଶିଶୁ କଳାକାର ସୁଶ୍ରୀ ଆରାଧ୍ୟା ସାହୁ ଦଶାବତାର ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଗୁରୁ ଡଃ ପିତାମ୍ବର ବିଶ୍ୱାଳଙ୍କୁ ଗାନ୍ଧୀମଣିଷ ଦୋଳଗୋବିନ୍ଦ ନୃତ୍ୟ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଟ୍ରଷ୍ଟି ପ୍ରଜ୍ଞାରାଜ ପ୍ରଧାନ, ନିବେଦିତା ଭଞ୍ଜ, ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ବରୁଣରାଜ, ଅମୂଲ୍ୟ ଜେନା, ଜିତେନ୍ଦ୍ର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ପୂର୍ବରୁ ପାତ୍ରପଡ଼ା ସ୍ଥିତ ସ୍ମୃତିବନରେ ବୃକ୍ଷ ପୂଜା, ସ୍ୱାମୀ ବ୍ରହ୍ମାନନ୍ଦ ଆଶ୍ରମରେ ଶାନ୍ତିଯଜ୍ଞ ଓ ଶ୍ରୀ ରାମକୃଷ୍ଣ ଆଶ୍ରମ, ମ.ରାମପୁର ଠାରେ ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ୱାମୀ ବିରେଶାନନ୍ଦ ମହାରାଜ, ଦୁଃଶାସନ ସ୍ୱାଇଁ, ରମେଶ କୁମାର ପାତାଳସିଂହ, ସାରଦା ପ୍ରସନ୍ନ ପରିଜା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ନୂଆଁଖାଇ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବୌଦ୍ଧର ଦିବ୍ୟପ୍ରକାଶ ଭବନ ଠାରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅନୁଷ୍ଠିତ ହୋଇଯାଇଛି । ଏହି ପର୍ବରେ କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବି.କେ. ମାମିନା ଭଉଣୀ ପର୍ବର ଆଧ୍ୟାତ୍ମିକତା ଓ ସାମାଜିକତା ସହ ସମ୍ବନ୍ଧ, ସମ୍ପର୍କ ଆସ୍ଥା। ବିଶ୍ୱାସ କିପରି ଜଡ଼ିତ ତାହା ଉପସ୍ଥିତ ଭାଇଭଉଣୀ ମାନଙ୍କୁ ବୁଝାଇଥିଲେ । ଈଶ୍ୱରୀୟ ଭାଇଭଉଣୀ କିପରି ଅହଂଭାବ ଦୂରକରି ନିଜ ନିଜ ଭିତରେ ସ୍ନେହ ପ୍ରେମ ଓ ଶ୍ରଦ୍ଧାରେ ସୁଖମୟ ଜୀବନ ଯାପନ କରିବେ ତାହା ପରାମର୍ଶ ଦେଇଥିଲେ । ମାଁ ସମଲେଶ୍ୱରୀଙ୍କ ସ୍ତୁତିରେ ପରମାତ୍ମାଙ୍କ ଠାରେ ଧୂପ ଦୀପ ଜଳାଇ ନବାନ୍ନ ଭୋଗ ଲଗାଇଥିଲେ। କେନ୍ଦ୍ର ସଞ୍ଚାଳିକା ଭଉଣୀ ସମସ୍ତଙ୍କୁ ନବାନ୍ନ ଦେଇ ନୂଆଁଖାଇ ପର୍ବ ପାଳନ କରାଇଥିଲେ । ଏହି ପର୍ବରେ ୧୫ଟି ପରିବାର ଏକତ୍ର ନୂଆଁ ଖାଇଥିଲେ। ଶେଷରେ ଭେଟ୍ ଘାଟ୍ ଜୁହାର ସହିତ ଗୀତ କବିତା ନୃତ୍ୟ ଓ ଅଭିନୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରି ଆନନ୍ଦ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ସହଯୋଗୀ ଭଉଣୀ ବି.କେ.ଅନୁଜା, ବି.କେ. ବଳଦେବ ଭାଇ, ବି.କେ. ଜଗନ୍ନାଥ ଭାଇ ଓ ବି.କେ.ନିର୍ମଳ ଭାଇ ସହିତ ଈଶ୍ୱରୀୟ ପରିବାର ସମସ୍ତ ବି.କେ ଭାଇ ଭଉଣୀ ସହଯୋଗ କରିଥିଲେ।

## ପ୍ରାଚୀନ ପରମ୍ପରାର ସୁରକ୍ଷା ପାଇଁ ଏକାଠି ନୂଆଁ ଖାଇଲେ ଗ୍ରାମବାସୀ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**



ପଶ୍ଚିମ ଓଡ଼ିଶାର ମହାନ୍ ପରମ୍ପରା, ଭାଇଚାରା ଓ ସାମାଜିକ ଏକତାର ପର୍ବ ନୂଆଁଖାଇ ଅବସରରେ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକରେ ଅନ୍ତର୍ଗତ ଭାଙ୍ଗମୁଣ୍ଡା ଗ୍ରାମରେ ପ୍ରଥମଥର ସାମୂହିକ ନୂଆଁଖାଇ-୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହ ପ୍ରଥମ ଥର ପାଳିତ ହୋଇଯାଇଛି। ୧୩୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏକାଠି ହୋଇ ଏକତ୍ରିତ ନବାର୍ଣ୍ଣ ଭକ୍ଷଣ କରିଥିଲେ । ନୂଆଁଖାଇ କେବଳ ନୂଆ ଧାନର ନବାର୍ଣ୍ଣ ଭକ୍ଷଣର ପର୍ବ ନୁହେଁ, ଏହା ପରସ୍ପର ଭାଇଚାରା, ସ୍ନେହ, ସମ୍ପର୍କ ଓ ଏକତାର ପର୍ବ। ଏହି ଭାବନାକୁ ନେଇ ଭାଙ୍ଗମୁଣ୍ଡାର ଛୋଟ ଠାରୁ ବଡ଼, ଶିଶୁ, ଯୁବକ-ଯୁବତୀ, ମହିଳା ଓ ବୟୋଜ୍ୟେଷ୍ଠମାନେ ଏକାଠି ହୋଇ ନୂଆଁଖାଇର ଆନନ୍ଦ ବାଣ୍ଟି ନେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ସବ ମୁଖର ଗାଁ ସାମୂହିକ ନୂଆଁଖାଇ ଭେଟଘାଟ ଅବସରରେ ଶିଶୁ ଓ ଯୁବ ପିଢ଼ିଙ୍କ ପାଇଁ ବିଭିନ୍ନ ପାରମ୍ପରିକ ଖେଳ ଓ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସେହିପରି ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ନିଜର କଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ସନ୍ଧ୍ୟା ସମୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗ୍ରାମର ଛାତ୍ର /ଛାତ୍ରୀ ଓ ଯୁବପିଢ଼ିଙ୍କ ଗୀତ, ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଗୁଟେ ଗାଁ–ଗୁଟେ କୁଟୁମ୍‌ର ବାର୍ତ୍ତା ଏହି ଆୟୋଜନର ମୁଖ୍ୟ ଆକର୍ଷଣ ଥିଲା । ଗୁଟେ ଗାଁ–ଗୁଟେ କୁଟୁମ୍‌ର ବାର୍ତ୍ତା। ଗ୍ରାମର ସମସ୍ତ ପରିବାର ଏକାଠି ହୋଇ ନୂଆଁଖାଇ ପାଳନ କରିବା ଦ୍ୱାରା ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ଓ ପରସ୍ପର ସହଯୋଗର ଭାବନା ଆହୁରି ଦୃଢ଼ ହୋଇଥିଲା। ବିଶେଷକରି ଯୁବପିଢ଼ି ଓ ଶିଶୁମାନଙ୍କୁ ନିଜ ମାଟି, ନିଜ ସଂସ୍କୃତି ଓ ପରମ୍ପରା ସହ ଯୋଡ଼ି ରଖିବା ଏହି ଆୟୋଜନର ଏକ ପ୍ରମୁଖ ଉଦ୍ଦେଶ୍ୟ ଥିଲା। ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ ଦେବା ସହ ସେମାନଙ୍କ ଆଶୀର୍ବାଦ ନିଆଯାଇଥିଲା ଏବଂ ଗାଁ ପାଇଁ ଗୌରବ ଆଣିଥିବା ଭାରତୀୟ କବାଡି ମହିଳା ଜୁନିଅର ଟିମ୍‌ର ସୁଶ୍ରୀ ପ୍ରିୟଙ୍କା ପଧାନ ଓ ଗାଁର ପ୍ରଥମ ବିଏସ୍‌ଏଫ୍ ଯବାନ ସିଦ୍ଧାନ୍ତ ସାହୁ ଏହି ଦୁଇଟି ପ୍ରତିଭାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷା ଚେତନା ବିକାଶ ସଂଘର୍ଷ ସମିତି, ଭାଙ୍ଗମୁଣ୍ଡାର ସଭାପତି ଛବିଲାଲ ସାହୁ, ସମ୍ପାଦକ ଗଜପତି ସାହୁ, ସହ ସମ୍ପାଦକ ସଞ୍ଜୟ କୁମାର ଦୀପ, କୋଷାଧ୍ୟକ୍ଷ ସୁଦାମ ଚରଣ ସାହୁ ଓ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ସାମୂହିକ ନୂଆଁଖାଇ ଉତ୍ସବ ଗ୍ରାମ ଗୌତିଆଁ ଗୋବିନ୍ଦ ସାହୁ ଗ୍ରାମ୍ୟ କମିଟିର ସଭାପତି ବିପିନ ସାହୁ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାହୁ, ପଦ୍ମନ ସାହୁ, ବକୁଳ ସାହୁ, ଟିକେମଣୀ ସାହୁ, ତ୍ରିନାଥ ସାହୁ, ସୁବଳୟା ବେହେରା, ୱାର୍ଡ ସଭ୍ୟ ସୁଦାମ ଚରଣ ଧରୁଆ, ୱାର୍ଡ ସଭ୍ୟ ଭାଗିରଥି ଦୀପଙ୍କ ଉପସ୍ଥିତିରେ ଆୟୋଜିତ ଏହି ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଯୁବ ସମାଜସେବୀ ହେମନ୍ତ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ସରପଞ୍ଚ ରାଧାକାନ୍ତ ବୁଢ଼େକ, ଚାଷୀ ନେତା ଅରବିନ୍ଦ ପଣ୍ଡା, ଚାଷୀ ନେତା ସରୋଜ ସାହୁ, ଡୋଲାମଣୀ ସାହୁ, ଲମ୍ବୋଦର ସାହୁ, ସାମ୍ବାଦିକ ପ୍ରଦୀପ ସାହୁ, ସାମ୍ବାଦିକ ସମ୍ବାଦ କଳିକା ଜିଲ୍ଲା ପ୍ରତିନିଧି ଯୋଗେନ୍ଦ୍ର ସାହୁ, ସାମ୍ବାଦିକ ଦୈନିକ ଆଶା ଜିଲ୍ଲା ପ୍ରତିନିଧି ସୁବାସ ଚନ୍ଦ୍ର ସାହୁ, ବିଜୟ କୁମାର ଦୀପ, ସ୍କୁଲ ଚେୟାରମେନ ରଜନୀକାନ୍ତ ସାହୁ, ଭାଗ୍ୟସେନୀ ମହାନନ୍ଦ, ବିଜୟ କୁମାର ଦୀପ, ଦିଲ୍ଲୀପ ସାହୁ, ଅକ୍ଷୟ ସାହୁ, ପ୍ରଦୀପ ସାହୁ, ଲଳିତ ସାହୁ, ଲକ୍ଷ୍ମୀକାନ୍ତ ସାହୁ, ସୁଦାମ ସାହୁ, ଗୋକୁଳ ସାହୁ, ସୁବାସ ସାହୁ, ପ୍ରମୋଦ ସାହୁ, ପ୍ରଶାନ୍ତ ସାହୁ, ବିରବାହୁ ଦୀପ ପ୍ରମୁଖ ସାମିଲ ଥିଲେ । ଅତିଥିମାନେ ନୂଆଁଖାଇର ମହତ୍ତ୍ୱ, ଗ୍ରାମୀଣ ପରମ୍ପରା ଓ ସାମାଜିକ ଏକତା ଉପରେ ମତବ୍ୟକ୍ତ କରିଥିଲେ। ବିଚାରକ ମଣ୍ଡଳୀରେ ରମେଶ ସାହୁ, ସଚ୍ଚିଦାନନ୍ଦ ସାହୁ, ଶକ୍ତିମାନ ସାହୁ, ଦୁର୍ବାଦଳ ବୁଢ଼େକ ଦାୟିତ୍ୱ ସମ୍ପନ୍ନ କରିଥିଲେ । ଏହି ଉତ୍ସବ ସଫଳତାର ସହ ସମ୍ପନ୍ନ ହୋଇଥିଲା। ସମସ୍ତଙ୍କ ସହଯୋଗ, ଉତ୍ସାହ ଓ ଏକତା ଯୋଗୁ ଭାଙ୍ଗମୁଣ୍ଡାରେ ନୂଆଁଖାଇ ଏକ ପାରିବାରିକ ମିଳନର ରୂପ ନେଇଥିଲା ଶେଷରେ ସମ୍ପାଦକ ଗଜପତି ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳର ନିଜସ୍ୱ ଖାଦ୍ୟର ସ୍ୱାଦ, ପରମ୍ପରା ଓ ପରିଚୟ ରହିଛି

**ବାରିପଦା, ନ୍ୟୁଜ୍ ବ୍ୟୁରୋ**




ଓଡ଼ିଆ ଖାଦ୍ୟ କେବଳ ଖାଦ୍ୟ ନୁହେଁ, ଏହା ଆମ ମାଟି, ପରମ୍ପରା ଓ ଜୀବନଶୈଳୀର ଏକ ଅଂଶ । ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳର ନିଜସ୍ୱ ସ୍ୱାଦ ଓ ଖାଦ୍ୟ ପରମ୍ପରା ରହିଛି । ସେହି ସ୍ୱାଦ ଓ ପରମ୍ପରାକୁ ଗୋଟିଏ ଛାତ ତଳେ ଆଣିବାର ଏକ ଛୋଟ ପ୍ରୟାସ ହେଉଛି 'ନମସ୍ତେ ଓଡ଼ିଶା'। ବାରିପଦା ମଧୁବନ ବା କେସି ସର୍କଲ-ଅସ୍ତିଆ ରୋଡରେ ରବିବାର ନୂଆ ରେଷ୍ଟୁରାଣ୍ଟର ଶୁଭାରମ୍ଭ ହୋଇଛି। ଓଡ଼ିଆ ଚକୋଲେଟ ହିରୋ ସ୍ୱରାଜ ବାରିକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଓଡ଼ିଶାର ପାରମ୍ପରିକ ଓ ଅଥେଣ୍ଟିକ୍ ଖାଦ୍ୟକୁ ଗୁରୁତ୍ୱ ଦେଇ ଓଡ଼ିଆଙ୍କ ପ୍ରିୟ ଖାଦ୍ୟର ରେଷ୍ଟୁରାଣ୍ଟ ପରିକଳ୍ପନାକୁ ପ୍ରଶଂସା କରିଥିଲେ ଓ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଓ ସମ୍ପ୍ରଦାୟର ପାରମ୍ପରିକ ରେସିପି, ରନ୍ଧନ ପ୍ରଣାଳୀ ଓ ସ୍ୱାଦକୁ ଏଠାକାର ମେନୁରେ ସ୍ଥାନ ଦେବା ଆମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଫାଉଣ୍ଡର ଗୁରୁଜ୍ୟୋତି ପାଠୀ, କୋ-ଫାଉଣ୍ଡର ନିଗମ ଜ୍ୟୋତି ପାଠୀ ଓ ମାଷ୍ଟର୍ ସେଫ୍ ମଧୁସ୍ମିତା ସୋରେନ୍ ଓ ମୌସୁମୀ ଦାସ କହିଛନ୍ତି। ସେମାନେ କହିଛନ୍ତି, ଲକ୍ଷ୍ୟ କେବଳ ଗୋଟିଏ ରେଷ୍ଟୁରାଣ୍ଟ ତିଆରି କରିବା ନୁହେଁ। ଓଡ଼ିଆ ଖାଦ୍ୟକୁ ଓଡ଼ିଶାର ଲୋକଙ୍କ ପାଖରେ ଆହୁରି ଭଲ ଭାବେ ପହଞ୍ଚାଇବା ସହିତ ଆଗାମୀ ଦିନରେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏହାକୁ ବିସ୍ତାର କରିବା ଓ ପରେ ଓଡ଼ିଶା ବାହାରେ ମଧ୍ୟ ଓଡ଼ିଆ ଖାଦ୍ୟର ସ୍ୱାଦକୁ ପହଞ୍ଚାଇବା ଆମର ସ୍ୱପ୍ନ ଆମେ ଚାହୁଁଛୁ ଓଡ଼ିଶା ବାହାରର ଲୋକେ ଯେତେବେଳେ ଓଡ଼ିଆ ଖାଦ୍ୟ ବିଷୟରେ ଭାବିବେ, ସେତେବେଳେ ଓଡ଼ିଶାର ମାଟିର ସ୍ୱାଦ, ଆମର ପରମ୍ପରା ଓ ଆତିଥ୍ୟ ସେମାନଙ୍କ ମନରେ ଆସିବ । ଏହି ଯାତ୍ରାରେ ଆମ ସହିତ ଅଛନ୍ତି ସମସ୍ତଙ୍କର ଅଭିଜ୍ଞତା, ପରିଶ୍ରମ । ଓଡ଼ିଆ ଖାଦ୍ୟ ପ୍ରତି ଭଲ ପାଇବା ହିଁ 'ନମସ୍ତେ ଓଡ଼ିଶା'ର ମୂଳ ଶକ୍ତି । ଆମର ଚେଷ୍ଟା ଗୋଟିଏ ଓଡ଼ିଆ ଖାଦ୍ୟକୁ କେବଳ ପରସିବା ନୁହେଁ, ତାହା ପଛରେ ଥିବା ଆମ ମାଟିର କାହାଣୀ ଓ ପରମ୍ପରାକୁ ମଧ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ବୋଲି କହିଛନ୍ତି।

## ରାଷ୍ଟ୍ର ନିର୍ମାଣରେ ଯୁବ ପିଢ଼ିଙ୍କୁ ଯୋଡ଼ିବା ନେଇ ଗୁରୁତ୍ୱାରୋପ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର 'ମାଇଁ ଭାରତ ଜିଲ୍ଲା ପରାମର୍ଶଦାତା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ୧୨ରୁ ଅଧିକ ବିଭାଗର ମୁଖ୍ୟ ଓ ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକରେ ମାଇଁ ଭାରତ, ବୌଦ୍ଧର ଜିଲ୍ଲା ଯୁବ ଅଧିକାରୀ ଆସିଷ୍ଟାଣ୍ଟ ଡାଇରେକ୍ଟର ପ୍ରଶାନ୍ତ ରାଜପୁତ ମାଇଁ ଭାରତର ବିଭିନ୍ନ କାର୍ଯ୍ୟକଳାପ, ଯୁବମାନଙ୍କ ପାଇଁ ଉପଲବ୍ଧ ସୁଯୋଗ ଓ ଯୁବ ସହଭାଗିତା ସମ୍ପର୍କରେ ବିସ୍ତୃତ ଉପସ୍ଥାପନା ରଖିଥିଲେ। ଯୁବମାନଙ୍କୁ ଅଧିକ ସଂଖ୍ୟାରେ ସରକାରୀ ଯୋଜନା, ଦକ୍ଷତା ବିକାଶ, ସାମାଜିକ କାର୍ଯ୍ୟକ୍ରମ ଓ ରାଷ୍ଟ୍ର ନିର୍ମାଣମୂଳକ କାର୍ଯ୍ୟ ସହ ଯୋଡ଼ିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଦୃଢ଼ ଆନ୍ତଃବିଭାଗୀୟ ସମନ୍ୱୟର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଯୁବକମାନଙ୍କ ମଧ୍ୟରେ ନେତୃତ୍ୱ ଗୁଣର ବିକାଶ, ସାମାଜିକ ଦାୟିତ୍ୱବୋଧ ବୃଦ୍ଧି, ସ୍ୱେଚ୍ଛାସେବାରେ ସଂପୃକ୍ତି ଏବଂ ସେମାନଙ୍କୁ ବିକାଶମୂଳକ କାର୍ଯ୍ୟକଳାପରେ ଅଧିକ ସୁଯୋଗ ପ୍ରଦାନ ନେଇ ଆଲୋଚନା ହୋଇଥିଲା। ଏଥିସହ ବିଭିନ୍ନ ବିଭାଗରେ ଉପଲବ୍ଧ ସମ୍ବଳ, ଯୋଜନା ଓ ସୁଯୋଗର ସମନ୍ୱିତ ବ୍ୟବହାର ମାଧ୍ୟମରେ ଜିଲ୍ଲାର ଯୁବଶକ୍ତିକୁ ଅଧିକ ସଶକ୍ତ କରାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଶେଷରେ ଆସିଷ୍ଟାଣ୍ଟ ଡାଇରେକ୍ଟର ପ୍ରଶାନ୍ତ ରାଜପୁତ ବୌଦ୍ଧ ଜିଲ୍ଲାରେ ଏକ ସୁଦୃଢ଼, ସମନ୍ୱିତ ଓ ଯୁବକେନ୍ଦ୍ରିକ ସମାଜ ସେବା ବ୍ୟବସ୍ଥା ଗଠନ ସହିତ ଯୁବଶକ୍ତିକୁ ଜିଲ୍ଲାର ବିକାଶ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ୍ କରିବା ପାଇଁ ମାଇଁ ଭାରତ ନେଉଥିବା ପଦକ୍ଷେପ ସମ୍ବନ୍ଧରେ ଏକ ପ୍ରେସ୍ ମିଟ୍ କରିଥିଲେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଭାରତୀୟ ରପ୍ତାନୀକୁ ଲାଗିବ ବଡ଼ ଝଟକା

ଭାରତ ଉପରେ ଘନେଇଛି ୧୦୦% ଟାରିଫ୍ କଳାବାଦଲ । ରୁଷ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ଆମେରିକା ଏଭଳି ମୋଟା ଟାରିଫ କଷିବାକୁ ଜିଦ୍‌ରେ ଅଟଳ ରହିଛି। ରୁଷ କଟକଣା ବିଲ୍ ଜରିଆରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ, ଚୀନ ସହ ଆଉ କିଛି ଦେଶ ଉପରେ ଟିକସ ଲଦିବାକୁ ମସୁଧା ରଖିଛନ୍ତି । ଆମେରିକାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭରେ ବିଲ୍ ପାସ୍ ହେବା ଲାଗି ଚୂଡାନ୍ତ ଭୋଟ ଅପେକ୍ଷାରେ ରହିଛି। ଏହା ପାସ୍ ହେଲେ ଭାରତ ବଡ଼ ମାତ୍ରାରେ କ୍ଷତି ସହିବ । ଏହି ବିଲ୍ ଉପରେ ଆମେରିକାର ସ୍ଥାନୀୟ ସମୟ ବୁଧବାର ଅପରାହ୍ନରେ ଚୂଡାନ୍ତ ଭୋଟ୍ ହେବାକୁ ଯାଉଛି। ବିଲ୍ ମଞ୍ଜୁରୀ ଲାଭ କଲା ପରେ ଏହା ଟ୍ରମ୍ପଙ୍କ ଅନୁମୋଦନ ପାଇଁ ଯିବ। ଦି ଲିଣ୍ଡସେ ଓ ଗ୍ରାହାମ ସାଙ୍କସନିଂ ରୁଷ ଆଣ୍ଡ୍ ଇରାନ ଆକ୍ଟ-୨୦୨୬ ନାମକ ଏହି ବିଲ୍ ଆମେରିକା ହାଉସ୍ ର ୨୧୪-୨୧୧ ଭୋଟ୍ ର ଆଗରେ ରହିଛି । ୨ ଜଣ ଡେମୋକ୍ରାଟିକ ସାଂସଦ ରିପବ୍ଲିକାନଙ୍କ ସହ ମିଶି ଏହି ବିଲ୍ ସପକ୍ଷରେ ଭୋଟ ଦେଇଥିଲେ। ଫଳରେ ଏ କ୍ଷେତ୍ରରେ ରହିଥିବା ପ୍ରମୁଖ ଢ଼ାଞ୍ଚାଗତ ବିପଦ ଟଳିଥିବା କୁହାଯାଉଛି । ଅନ୍ୟପଟେ ସିନେଟ୍ ଏହି ବିଲ୍‌କୁ ଅଗଷ୍ଟ ୭ରେ ମଞ୍ଜୁରି ଦେଇଥିଲା। ବିଲ୍ ସପକ୍ଷରେ ୮୬ ଏବଂ ବିପକ୍ଷରେ ୧୧ ଭୋଟ ମିଳିଥିଲା । ରୁଷରୁ ତେଲ କିଣି ୟୁକ୍ରେନ ଯୁଦ୍ଧକୁ ପରୋକ୍ଷ ଭାବେ ଉତ୍ସାହିତ କରୁଥିବା ନେଇ ଆମେରିକା ଅଭିଯୋଗ ଆଣି ଏଭଳି ବିଲ୍ ଆଣିଥିଲା । ବିଲ୍ ଜରିଆରେ ରୁଷର ନେତୃତ୍ୱ, ତୈଳ ଓ ଗ୍ୟାସ କ୍ଷେତ୍ର, ଆର୍ଥିକ ପ୍ରତିଷ୍ଠାନ ଏବଂ ରୁଷ ତେଲ ରପ୍ତାନିରେ ବ୍ୟବହାର ହେଉଥିବା ଘୋଷ୍ଟ ସିପ୍ ବା ଭିତିରିଆ ତେଲ ଯୋଗାଣରେ ନିୟୋଜିତ ଜାହାଜ ଗୁଡ଼ିକୁ ଆମେରିକା ଟାର୍ଗେଟ୍ କରିବା ଲକ୍ଷ୍ୟ ରଖିଛି । ଏହାଦ୍ୱାରା ରୁଷ ତେଲ କିଣୁଥିବା ପ୍ରମୁଖ ଦେଶ ଗୁଡ଼ିକ ଉପରେ ୧୦୦% ଯାଏ ଟାରିଫ୍ ଲଗାଇବା ନେଇ ଟ୍ରମ୍ପଙ୍କୁ ଅନୁମତି ମିଳିବ । ବିଲ୍ କାର୍ଯ୍ୟକାରୀ ହେଲେ ସବୁଠାରୁ ବେଶି ଝଟକା ଭାରତ ଏବଂ ଚୀନକୁ ମିଳିବ । ଏହି ୨ ଦେଶ ରୁଷ ତେଲର ସର୍ବବୃହତ କ୍ରେତା। ଅନ୍ୟପଟେ ଆମେରିକା ଭାରତର ସର୍ବବୃହତ ବାଣିଜ୍ୟିକ ସହଯୋଗୀ ହୋଇଥିବାରୁ ଉଚ୍ଚ ଟାରିଫ୍ ଘରୋଇ ବଜାର ଲାଗି ଅସହ୍ୟ ହେବ । ସେଠାକୁ ଭାରତୀୟ ସାମଗ୍ରୀ ଗୁଡିକ ରପ୍ତାନିରେ ୧୦୦% ଟାରିଫ୍ ବିଜନେସଗୁଡ଼ିକର ପ୍ରତିସ୍ପର୍ଦ୍ଧା ପ୍ରତି ବିପଦ ଆଣିବ । ଆମେରିକାକୁ ଘରୋଇ ବଜାରରୁ ରପ୍ତାନି ହେଉଥିବା ଔଷଧ, ବସ୍ତ୍ର, ଇଞ୍ଜିନିୟରିଂ ସାମଗ୍ରୀ, କେମିକାଲ୍ସ, ରତ୍ନପଥର, ଅଳଙ୍କାର ଏବଂ ଇଲେକଟ୍ରୋନିକ୍ସ କ୍ଷେତ୍ର ବଡ଼ ମାତ୍ରାରେ ପ୍ରଭାବିତ ହେବା ଆଶଙ୍କା ରହିଛି । ରୁଷ ତେଲ କିଣାକୁ ନେଇ ଟ୍ରମ୍ପ ପୂର୍ବରୁ ମଧ୍ୟ ଭାରତକୁ ଟାର୍ଗେଟ କରି ଆସିଛନ୍ତି । ୟୁକ୍ରେନ ଯୁଦ୍ଧକୁ ତେଜିବାରେ ଭାରତ ସହଯୋଗ କରିଥିବା ସେ ଅଭିଯୋଗ କରି ଆସିଛନ୍ତି। ଫଳରେ ରୁଷ ସହ କାରବାର କରୁଥିବା ଦେଶ ଗୁଡିକ ବିରୋଧରେ ଟାରିଫକୁ ଟ୍ରମ୍ପ ପ୍ରଶାସନ ଅସ୍ତ୍ର କରିଛି। ଅନ୍ୟପଟେ ଏହି ବିଲ୍ ଜରିଆରେ ଇରାନ ଉପରେ କଟକଣା କଡ଼ାକଡ଼ି ହେବ । ଅର୍ଥନୈତିକ ଚାପ ବଢ଼ାଇ ଇରାନକୁ ଆର୍ଥିକ ଭାବେ ଦୁର୍ବଳ କରିବାକୁ ମସୁଧା ରଖିଛନ୍ତି ଟ୍ରମ୍ପ । ପୂର୍ବରୁ ସିନେଟରେ ପାସ ହୋଇଥିବା ଏହି ବିଲ୍‌ରେ କୌଣସି ଦେଶର ନାମ ନ ଥିଲା । ତେବେ ଋଷଠାରୁ ତେଲ କିଣୁଥିବା ଶୀର୍ଷ ୫ ଦେଶ ବୋଲି ଉଲ୍ଲେଖ ରହିଥିଲା । ମାତ୍ର ହାଉସ ଅଫ୍ ରିପ୍ରେଜେଣ୍ଟେଟିଭରେ ଡେମୋକ୍ରାଟିକ ସାଂସଦ ଷ୍ଟେନିଂ ହୋୟରଙ୍କ ସଂଶୋଧନ ପ୍ରସ୍ତାବ ପରେ ଭାରତ, ଚୀନ, ତୁର୍କୀ, ହଙ୍ଗେରୀ, ୟୁଏଇ, ସିଙ୍ଗାପୁର ଭଳି ଦେଶକୁ ଏଥିରେ ସ୍ପଷ୍ଟ ଭାବେ ଚିହ୍ନଟ କରାଯାଇଛି। ତେବେ ଏହି ପ୍ରସ୍ତାବକୁ ନେଇ ଆମେରିକା ସଂସଦ ମଧ୍ୟରେ ବଡ଼ ବିତର୍କ ସୃଷ୍ଟି ହୋଇଛି । ଡେମୋକ୍ରାଟିକ ସାଂସଦ ଗ୍ରେଗୋରି ମିକ୍ସଙ୍କ ସମେତ ଅନ୍ୟ କିଛି ନେତା ବିଲ୍‌ର ଧାରା ୧୩ ହଟାଇବାକୁ ଦାବି କରୁଛନ୍ତି। ସେମାନେ ଯୁକ୍ତି ବାଢ଼ିଛନ୍ତି ଯେ, ଏହି ବିଲ୍ ରାଷ୍ଟ୍ରପତିଙ୍କୁ ଅସୀମ ଶୁଳ୍କ ଲଗାଇବା କ୍ଷମତା ଦେବ । ଏହା ହେଲେ ଆମେରିକାରେ ଦରଦାମ ବଢ଼ିଯିବ। ଭାରତ ଭଳି ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଏବଂ କୂଟନୈତିକ ଅଂଶୀଦାରଙ୍କ ସହ ସମ୍ପର୍କ ବିଗିଡ଼ିବ । ଅନ୍ୟପଟେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି। ମନ୍ତ୍ରଣାଳୟ କହିଛି ଯେ, ଶକ୍ତି ନିରାପତ୍ତା ଏବଂ ଜାତୀୟ ସ୍ୱାର୍ଥକୁ ଧ୍ୟାନରେ ରଖି ତେଲ ଆମଦାନି ସମ୍ପର୍କିତ ନିଷ୍ପତ୍ତି ନିଆଯାଉଛି ।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## ମନୁଷ୍ୟ ଭକ୍ତ ଭିତରେ ରହସ୍ୟ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଶିଷ୍ୟ ହେଉକି ଭକ୍ତ ହେଉ ସେ ସଦାସର୍ବଦା ଶ୍ରୀ ଗୁରୁଙ୍କ ପଦ୍ମ ପାଦରେ ଲୟ ରଖି ଶ୍ରୀଗୁରୁଙ୍କ ଆଦେଶକୁ ଗୁରୁଜ୍ଞାନ ଭାବି ସେ ତାର କର୍ମକୁ ସମ୍ପାଦନ କରିଥାଏ । କିନ୍ତୁ ମନୁଷ୍ୟ ତାର ନିଜର କର୍ମ ପାଇଁ ବ୍ୟକ୍ତି ଭାବରେ ନିଜକୁ ଦିନହୀନ ଭାବି କର୍ମ ସମ୍ପାଦନ କରିଥାଏ । ମନୁଷ୍ୟ ନିଜ ପାଇଁ କରେ ଶିଷ୍ୟ ଭଗବାନଙ୍କ ପାଇଁ କର୍ମ କରେ ଏହାହିଁ ପ୍ରକୃତ ରହସ୍ୟ । ମନୁଷ୍ୟ, ଶିଷ୍ୟ ଭକ୍ତ ଭିତରେ ଆଉ ଗୋଟିଏ କଥା ଜୀବ(ବା) ମନୁଷ୍ୟ ନିଜପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥାଏ । ମୁଁ ଏବଂ ମୋର ସଂସାରରେ କିପରି ଉନ୍ନତି ହେବ କିନ୍ତୁ ଭକ୍ତ ବା ଶିଷ୍ୟ ସମାଜର, ଦେଶର, ବିଶ୍ୱର କିପରି ମଙ୍ଗଳ ହେବ ସେ ନିରନ୍ତର ଭଗବାନଙ୍କୁ ଜଣାଇଥାଏ । ଅର୍ଥାତ୍ ସେ ନିଜକୁ ଭୁଲି ପରମାତ୍ମା ସରଣରେ ବୁଡି ରହିଥାଏ । ଆଉ ଏ ବଦ୍ଧଯିବ ନିଜକୁ ଜାବୁଡ଼ି ଧରି ମୋହ ମାୟାର ପଙ୍କିଳ ଭିତରେ ମନକୁ ବୁଡାଇ ରଖିଥାଏ । ଗୋଟିଏ (ମହୁମାଛି ହେଲେ ଅନ୍ୟଟି ମାଛି) ତାର ଅର୍ଥ ଭକ୍ତ ବା ଶିଷ୍ୟ ମଧୁ ସଂଗ୍ରହ କରି ଅନ୍ୟକୁ ବାଣ୍ଟିଥାଏ ଏବଂ ଆନନ୍ଦ ଅନୁଭବ କରୁଥାଏ । କିନ୍ତୁ ଏ ବଦ୍ଧଜିବ ପଚାଷଢା ପୁତି ଗନ୍ଧରେ ମନକୁ ଛନ୍ଦି ନର୍କକୁ ଗମନ କରିଥାଏ।

# ଲୁଟେରାଙ୍କ ଦେଶ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ସ୍ୱାଧୀନତା ହାସଲ ପରେ ଗଣତନ୍ତ୍ର ପଦ୍ଧତିରେ ପରିଚାଳିତ ହେଉଥିବା ଭାରତବର୍ଷର ଶାସନ ବ୍ୟବସ୍ଥାରେ ଦେଶର ପ୍ରଗତି ନିମନ୍ତେ ଯେତିକିଟା ତତ୍ପରତା ପ୍ରକାଶ ପାଇଛି ଅପରାଧକୁ ରୋକିବାରେ ସେତେଟା ତତ୍ପରତା ପ୍ରକାଶ ପାଇନାହିଁ। ବର୍ତ୍ତମାନ ଅପରାଧ ଓ ଅପରାଧୀମାନଙ୍କ ସଂଖ୍ୟା ଏତେ ବଢ଼ିଗଲାଣି ଯେ ସାଧାରଣ ଧନଜୀବନ ବ୍ୟତିବ୍ୟସ୍ତ ହୋଇପଡୁଛି। ପ୍ରଥମେ ଦେଖାଯାଉ ଲୁଟେରାମାନଙ୍କ କଥା। ସେମାନଙ୍କର ସଂଖ୍ୟା ମୋଟ ଜନସଂଖ୍ୟାର ଶତକଡ଼ା ତିନିଭାଗ। ମାତ୍ର ସେମାନେ ଏତେ ଶକ୍ତିଶାଳୀ ଯେ ଜନସମାଜକୁ ପ୍ରଲୋଭିତ ବା ପ୍ରଭାବିତ କରି ଅପରାଧ ଜଗତର ବୈଜୟନ୍ତୀ ଉଡ଼ାଇ ଚାଲିଛନ୍ତି। ଆଉ ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ସାହାଯ୍ୟ କରିଥାନ୍ତି ଜନସମାଜ। ଜନସାଧାରଣଙ୍କ ସହଯୋଗ ବିନା ସେମାନେ କଦାପି ଆଗେଇ ପାରନ୍ତେ ନାହିଁ। ସେଥିନିମନ୍ତେ ପ୍ରଥମେ ଗଣମାଧ୍ୟମମାନଙ୍କର ପ୍ରମୁଖ ଭୂମିକା ରହିଥିବା ଦେଖାଯାଏ। ବିଭିନ୍ନ ପ୍ରକାରର ଆକର୍ଷଣୀୟ ସମ୍ବାଦମାନ ପ୍ରତିଦିନର ଛପା ସମ୍ବାଦପତ୍ରମାନଙ୍କରେ ପ୍ରକାଶ ପାଉଛି ଯାହାକି ଲୋକମାନଙ୍କୁ ବିଶେଷ ଭାବରେ ପ୍ରଲୋଭିତ କରୁଛି।

ଗଣମାଧ୍ୟମମାନଙ୍କଦ୍ୱାରା ବିଜ୍ଞାପନ ଜରିଆରେ ଲୁଟେରାମାନେ ସେମାନଙ୍କର ଜାଲ ମେଲି ବସୁଛନ୍ତି ଯେଉଁଥିରେ କି ଅତି ସହଜରେ ସରଳ ଓ ନିରୀହ ବ୍ୟକ୍ତିମାନେ ଆକୃଷ୍ଟ ହୋଇ ଫସିଯାଇଛନ୍ତି। କ୍ଲାସିଫାଏଡ୍ ବିଜ୍ଞାପନରେ ଥିବା (୧) ଘରେ ବସି ରୋଜଗାର କରନ୍ତୁ (୨) ଆପଣଙ୍କର ବେକାର ଜୀବନ ଆନନ୍ଦମୟ ହୋଇଉଠିବ (୩) ଛୋଟ ଅଙ୍ଗ ଅଛି ତେବେ ନିରାଶ କାହିଁକି (୪) ନୂଆ ଆୟୁର୍ବେଦିକ ଆବିଷ୍କାର (୫) ସେକ୍ସ ସମସ୍ୟାର ସମାଧାନ (୬) ବି.ଏ., ଏମ୍.ବି.ଏ, ବି.ଇ.ଡ଼ି. ଓ ଏମ୍.ବି.ବି.ଏସ୍ ସୁବିଧାରେ ପାସ୍ (୭) ମାର୍ଟିକ୍ ଫେଲ୍ ନିରାଶ ହୁଅନ୍ତୁ ନାହିଁ ଓ (୮) ଓମେନ୍ ଫ୍ରେଣ୍ଡସିପ୍ ଇତ୍ୟାଦିକୁ ଦେଖି ବହୁ ଯୁବକ ଯୁବତୀ ସେହି ସଂସ୍ଥାମାନଙ୍କ ସହ ଟେଲିଫୋନ୍‌ରେ ବାର୍ତ୍ତାଳାପ କରି ଆବଶ୍ୟକୀୟ ଅର୍ଥ ସେମାନଙ୍କ ପାଖରେ ଜମା କରି ସର୍ବସ୍ୱାନ୍ତ ହୋଇଯାଉଛନ୍ତି। ଶେଷକୁ ସେମାନେ ପୋଲିସ୍‌ର ଦ୍ୱାରସ୍ଥ ହୋଇ ନିଜର ଅଭିଯୋଗକୁ ଉପସ୍ଥାପିତ କରୁଛନ୍ତି। ପ୍ରକାଶିତ ବିଜ୍ଞାପନ ଅନୁଯାୟୀ ସମ୍ପର୍କ ରଖିବାବେଳେ ସେମାନେ କାହାରି ପରାମର୍ଶ ନେଇନଥାନ୍ତି। ସେହିପରି ବିଦେଶରେ ବହୁ ଆକର୍ଷଣୀୟ ନିଯୁକ୍ତିର ପ୍ରଲୋଭନ ଦେଖାଇ ବହୁ ଠକ ସଂସ୍ଥା ଲୋକମାନଙ୍କୁ ନେଇ ସେଠାରେ ନିଯୁକ୍ତି ଦେଇଥାନ୍ତି। ମାତ୍ର ସେପରି ନିଯୁକ୍ତିରେ ଚୁକ୍ତି ଅନୁଯାୟୀ ତାଙ୍କୁ ଅର୍ଥ ଦିଆଯାଇନଥାଏ ଓ ପଶୁ ଭଳି ସେଠାରେ ଖଟିବାକୁ ପଡ଼େ। ଏପରିକି ବହୁ ପରିଶ୍ରମ ଓ ଖାଦ୍ୟର ଅଭାବ ହେତୁ ସେମାନଙ୍କ ମଧ୍ୟରୁ କେତେକଙ୍କର ମୃତ୍ୟୁ ମଧ୍ୟ ସେହି ବିଦେଶ ମାଟିରେ ହୋଇଯାଏ। ଯେତେବେଳେ ସେମାନେ ବିଦେଶର ସେହି ସଂସ୍ଥାମାନଙ୍କ ପାଖରେ ଚାକିରି କରିବାକୁ ଯାଆନ୍ତି ସରକାରଙ୍କୁ ଜଣାଇ ନଥାନ୍ତି ବା ସରକାରଙ୍କ ପଞ୍ଜିକୃତ ଶ୍ରମିକଭାବରେ ସେଠାକୁ ଯାଇନଥାନ୍ତି। ସ୍ଥାନୀୟ ଦଲାଲମାନେ ମଧ୍ୟସ୍ଥି ରୂପେ ମାଲିକମାନଙ୍କଠାରୁ ଟଙ୍କା ନେଇ ଏହିଭଳି ଶ୍ରମିକ ଚାଲାଣ କରିଥାନ୍ତି। ହଇରାଣ ହେଲାପରେ ସେମାନଙ୍କ ପରିବାର ସରକାରଙ୍କ ପାଖରେ ପହଞ୍ଚି ତାଙ୍କ ଲୋକେ ଭୋଗୁଥିବା ଅସୁବିଧା ଜଣାଇ ସାହାଯ୍ୟ କରିବାକୁ ଅନୁରୋଧ କରିଥାନ୍ତି। ଯଦି ସରକାର ସାମାନ୍ୟତମ ଅବହେଳା ଦେଖାଇଲେ ତେବେ ସମ୍ପୃକ୍ତ ବିଭାଗକୁ ଦାୟୀ କରିବାକୁ ପଛାନ୍ତି ନାହିଁ। ଏଥିନିମନ୍ତେ ସରକାରଙ୍କ ଶ୍ରମ ବିଭାଗର ସ୍ୱତନ୍ତ୍ର ଆଇନ ରହିଛି ଏବଂ ସେହି ଆଇନର ବଳୟ ମଧ୍ୟରେ ସେମାନେ ସମ୍ପୃକ୍ତ ସଂସ୍ଥାରେ ଚାକିରି କରିବା ପାଇଁ ଯାଇପାରିଥାନ୍ତେ ଏବଂ ସେମାନଙ୍କର ସମସ୍ତ ତଥ୍ୟ ସରକାରଙ୍କର ସମ୍ପୃକ୍ତ ବିଭାଗ ଦ୍ୱାରା ପରୀକ୍ଷିତ ହେବା ସହ କାର୍ଯ୍ୟରେ ସୁରକ୍ଷିତ ରହିପାରିଥାନ୍ତେ। ଗଣମାଧ୍ୟମମାନେ ଏପରି ସମ୍ବାଦମାନ ସେମାନଙ୍କ ସମ୍ବାଦପତ୍ରମାନଙ୍କରେ ଅର୍ଥ ନେଇ ଛାପୁଛନ୍ତି ଓ ଲୁଟେରାମାନଙ୍କର ପୃଷ୍ଠପୋଷକ ହୋଇଯାଉଛନ୍ତି। ଯଦି ସମ୍ବାଦପତ୍ରର ସମ୍ପୃକ୍ତ ବିଭାଗଟି ବିଜ୍ଞାପନ ଛାପିବା ପୂର୍ବରୁ ପୋଲିସ ବା ସରକାରୀ ଅଧିକାରୀଙ୍କ ଅନୁମୋଦନ ଥିବା ପତ୍ରଟିକୁ ଯାଞ୍ଚ କରି ପ୍ରକାଶ କରନ୍ତା ତେବେ ଠକମାନେ ଧରାପଡ଼ିଯାଆନ୍ତେ। ମାତ୍ର କୌଣସି ସମ୍ବାଦପତ୍ରର ବିଜ୍ଞାପନ ବିଭାଗ ପକ୍ଷରୁ ଏପରି ଯାଞ୍ଚ କରାହୁଏ ନାହିଁ। ଫଳତଃ ସେପରି ଲୋଭନୀୟ ବିଜ୍ଞାପନରେ ଆକର୍ଷିତ ହୋଇ ଲୁଟେରାମାନଙ୍କ ଜାଲରେ ସାଧାରଣ ଲୋକ ସହଜରେ ପଡ଼ିଯାଉଛନ୍ତି। ବିଦ୍ୟୁତ୍ ଗଣମାଧ୍ୟମଗୁଡ଼ିକରେ ମଧ୍ୟ ସେପରି ପ୍ରଚାର ହୋଇଚାଲିଛି। ସମସ୍ତ ଚ୍ୟାନେଲ୍‌ରେ ଭାଗ୍ୟ, ଭବିଷ୍ୟତ, ଧନଲକ୍ଷ୍ମୀ, କେଶ ତୈଳ, ଜାପାନୀ ତୈଳ ଓ ଚର୍ମ ରୋଗ ଇତ୍ୟାଦିର ବିଜ୍ଞାପନମାନ ବେଶ୍ ସୁନ୍ଦର ଭାବରେ ପ୍ରକାଶିତ ହେଉଛି। ଏହି ବିଜ୍ଞାପନ ସବୁକୁ ଆକର୍ଷିତ କରିବା ପାଇଁ ଓଲିଉଡ଼ ଓ ବଲିଉଡ୍‌ର ସିନେତାରକା ତଥା କ୍ରିକେଟ ତାରକାମାନଙ୍କୁ ମାଧ୍ୟମ କରାଯାଉଛି। ତେଣୁ ଏହିସବୁ ଗଣମାଧ୍ୟମମାନେ ମଧ୍ୟ ସେମାନଙ୍କର ଏପରି ଲୋଭନୀୟ ସମ୍ବାଦମାନ ପ୍ରକାଶ କରିବା ପୂର୍ବରୁ ତାହା ପ୍ରଶାସନ ପକ୍ଷରୁ ଯାଞ୍ଚ ହୋଇଛି କି ନାହିଁ ତାହା ଦେଖିବାର ଆବଶ୍ୟକତା ରହିଛି। ପୁଣି ଦେଖାଯାଉଛି ଯେ ଗୋଟିଏ ଜମିକୁ ଦଲାଲମାନଙ୍କ ଜରିଆରେ ବାରଂବାର ବିକ୍ରି କରାଯାଉଛି। ଜମି କିଣିବା ନିମନ୍ତେ ଆଗ୍ରହୀ ବ୍ୟକ୍ତି ଏଥିନିମନ୍ତେ ଏତେ ବ୍ୟସ୍ତ ହୋଇ ପଡୁଛନ୍ତି ଯେ ଜମିର କାଗଜପତ୍ର ସମ୍ପର୍କରେ କୌଣସି ଯାଞ୍ଚ ନକରି ଠକ ସଂସ୍ଥାମାନଙ୍କ ନିକଟରେ ଆଗତୁରା ଟଙ୍କା ପୈଠ କରିଦେଉଛନ୍ତି। ଗୋଟିଏ ଜମିରେ ଏକରୁ ଅଧିକ ମାଲିକ ଯେତେବେଳେ ଏକାଠି ଦାବି କରିଉଠନ୍ତି ସେତେବେଳେ ସମସ୍ୟାଟିର ଗୁରୁତ୍ୱ ଜଣାପଡ଼େ ଏବଂ ଠକିଥିବା ଲୋକଟିକୁ ଖୋଜା ଚାଲେ। ମାତ୍ର ସେହି ଲୋକଟି କେଉଁଠାରେ ଅଛି ତାହା ସହଜରେ ଜଣାପଡ଼େ ନାହିଁ। ଏହିପରି ଲୁଟେରାମାନଙ୍କୁ ଧରି କଠୋର ଦଣ୍ଡ ଦିଆଗଲେ ସେପରି ଅପରାଧ କରିବା ପାଇଁ ଆଉ କେହି ସାହସ କରନ୍ତେନାହିଁ। ଏବେ ଚିଟ୍ ଫଣ୍ଡ ଠକେଇ ସମ୍ବାଦମାନ ପ୍ରାୟଶଃ ସମ୍ବାଦପତ୍ରମାନଙ୍କର ପୃଷ୍ଠା ମଣ୍ଡନ କରୁଛି। ଲୋଭନୀୟ ମାସିକ ସୁଧହାର ଦେଖାଇ ଏହି ଠକ ସଂସ୍ଥାଗୁଡ଼ିକ ଜନସାଧାରଣଙ୍କଠାରୁ ପୁଞ୍ଜି ନେଇ କିଛି ବର୍ଷ ପରେ ଉଭାନ ହୋଇଯାଉଛନ୍ତି। ଅଧିକ ସୁଧ ଆଶାରେ ଜମା ଦେଇଥିବା ଗ୍ରାହକଟି ହତାଶ ହୋଇ ପଡୁଛି ଓ ଶେଷରେ ପୁଞ୍ଜି ନିବେଶକାରୀ ଗ୍ରାହକମାନେ ପୋଲିସର ଦ୍ୱାରସ୍ଥ ହେଉଛନ୍ତି। ମାତ୍ର ଉକ୍ତ ସଂସ୍ଥାରେ ଗ୍ରାହକ ହେବା ପାଇଁ ଯିବା ପୂର୍ବରୁ ତାହା ସମ୍ପର୍କରେ କୌଣସି ସଠିକ ତଥ୍ୟ ସଂଗ୍ରହ କରିନଥାନ୍ତି। ଠକମାନେ ସମାଜରେ ସର୍ବଦା ଅଛନ୍ତି। ସେମାନଙ୍କ କାର୍ଯ୍ୟ ହେଲା ଅନ୍ୟକୁ ଠକିବା। ତେବେ ସଚେତନ ନାଗରିକମାନଙ୍କର ଦାୟିତ୍ୱ କ'ଣ କିଛି ନାହିଁ? ଲୋଭନୀୟ ବିଜ୍ଞାପନମାନ ସମ୍ବାଦପତ୍ରରେ ଦେଖି ନିଆଁରେ ପତଙ୍ଗ ପଡ଼ିଲା ଭଳି ସେମାନେ ଆପେ ଆପେ ଠକମାନଙ୍କ ପାଖକୁ ଚାଲିଯାଉଛନ୍ତି। ଯାହାଫଳରେ ଏହିପରି ସମସ୍ୟାମାନ ସୃଷ୍ଟି ହୋଇଚାଲିଛି। ଭାରତବର୍ଷର ଲୋକସଂଖ୍ୟା ତୁଳନାରେ ପୋଲିସ ସଂଖ୍ୟା ସୀମିତ। କୌଣସି ଗୋଟିଏ ମକଦ୍ଦମାର ବିଚାର ହେବାକୁ ହେଲେ ବହୁ ବର୍ଷ ଲାଗିଯାଉଛି। କାରଣ ମକଦ୍ଦମା ସଂଖ୍ୟା ଏତେ ବଢ଼ିଯାଉଛି ଯେ ସେ ସବୁକୁ ସମାଧାନ କରିବା ଏତେ ସହଜ କଥା ନୁହେଁ। ଭାରତବର୍ଷର ୧୨୧କୋଟି ଲୋକମାନଙ୍କ ନିମନ୍ତେ ରହିଛି ଦିଲ୍ଲୀରେ ଏକମାତ୍ର ସୁପ୍ରିମକୋର୍ଟ। ଯେଉଁଠାକୁ ଯିବା ଏତେ ସହଜ କଥା ନୁହେଁ। ମକଦ୍ଦମାଟି ଥାନାରୁ ପ୍ରଥମେ ମାଜିଷ୍ଟ୍ରେଟଙ୍କ କୋର୍ଟ ଓ ଶେଷରେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯିବାର ବ୍ୟବସ୍ଥା ରହିଛି। ବିଚାର କଚ୍ଛପ ଗତିରେ ଚାଲିଲେ ଜଣେ ଲୋକ ୧୦-୧୫ବର୍ଷ ପରେ ସୁପ୍ରିମକୋର୍ଟକୁ ଯାଇପାରିବ। ସେତେବେଳକୁ ତାହାର ଧୈର୍ଯ୍ୟ ଥିଲେ ହେଲା। ତେଣୁ ବିଚାରର ସରଳୀକରଣ ହେବାର ଆବଶ୍ୟକତା ରହିଛି। ବିଚାରାଳୟଗୁଡ଼ିକର ସଂଖ୍ୟା ବଢ଼ିଲେ ଓ ଏହି ସବୁର ସମାଧାନ ଆପେ ଆପେ ହୋଇଯିବ। ଯାହା ଦେଖାଯାଉଛି ସରକାର ଏଥିନିମନ୍ତେ ବିଶେଷ ଧ୍ୟାନ ଦେଉନାହାନ୍ତି। ୪୦୦ବର୍ଷ ତଳର ମୋଗଲ ଓ ବ୍ରିଟିଶ ଆଇନର ପରମ୍ପରା ଏବେ ବି ଚାଲିଛି। ଏହା ବଦଳରେ ଏପରି ଏକ ଆଇନ କରାଯିବା ଉଚିତ ଯାହାର ସୁଫଳ ଜନସମାଜ ଅତି ଅଳ୍ପ ଦିନରେ ପାଇପାରିବା ସହ ଶାନ୍ତିରେ ରହିପାରନ୍ତେ।

# କର୍କଟ ସହିତ ଯୁଝୁଛି ଶୈଶବାବସ୍ଥା



ଡାକ୍ତର ରାଜକିଶୋର ପଣ୍ଡା
ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋ ନଂ- ୮୧୪୪୦୪୨୯୯୭

ଶିଶୁ, ଦେଶର ଭବିଷ୍ୟତ। ସମାଜର ନିର୍ମାଣ ନିମନ୍ତେ ଆବଶ୍ୟକ ରହିଛି ଏକ ସୁସ୍ଥ ଓ ପ୍ରତିଭାବାନ୍ ଶୈଶବର। ବାଲ୍ୟକାଳ ହେଉଛି ଜୀବନର ସେହି ସ୍ୱର୍ଣ୍ଣିମ ସମୟ, ଯେଉଁଥିରେ ସ୍ୱପ୍ନର ମୂଳଦୁଆ ପଡ଼ିଥାଏ, ସମ୍ଭାବନାର ଡେଣା ବିକଶିତ ହୋଇଥାଏ ଓ ଭବିଷ୍ୟତର ଦିଗ ନିର୍ଣ୍ଣିତ ହୁଏ। କିନ୍ତୁ ଆଜି ଏହି ଶୈଶବାବସ୍ଥା କର୍କଟ ଭଳି ଜଟିଳ ବ୍ୟାଧିର ଶିକାର ହୋଇଛି, ଯାହାକି ପିଲାମାନଙ୍କ ଜୀବନର ବହୁ ମୂଲ୍ୟବାନ ସମୟକୁ ଛଡ଼ାଇ ନେବା ସହିତ ସେମାନଙ୍କ ମୃତ୍ୟୁର ମଧ୍ୟ ଏକ ପ୍ରମୁଖ କାରଣ ପାଲଟିଛି। ଏହା କେବଳ ଜୀବନଶୈଳୀ ଓ ପ୍ରାକୃତିକ ପରିବର୍ତ୍ତନର ପରିଣାମ ନୁହେଁ, ବରଂ ବ୍ୟବସ୍ଥା ସହିତ ଜଡ଼ିତ ପ୍ରସଙ୍ଗ ମଧ୍ୟ ଅଟେ। ଚିନ୍ତାଜନକ ବିଷୟ ହେଉଛି କି, ବାଲ୍ୟାବସ୍ଥାରେ କର୍କଟ ଯୋଗୁଁ ହେଉଥିବା ମୃତ୍ୟୁର ଚଉରାନବେ ପ୍ରତିଶତ ଓ ପଞ୍ଚାଅଶୀ ପ୍ରତିଶତ ନୂଆ ମାମଲା ମଧ୍ୟମ ଏବଂ ସ୍ୱଳ୍ପ ଆୟ ବିଶିଷ୍ଟ ଦେଶମାନଙ୍କରେ ଦେଖିବା ପାଇଁ ମିଳୁଛି। ଏହାର ଅର୍ଥ ଯେଉଁ ଦେଶରେ ସମ୍ବଳ କମ୍ ସେଠାରେ କର୍କଟର ପ୍ରାର୍ଦୁଭାବ ସବୁଠାରୁ ଅଧିକ। ଏହି ଦେଶଗୁଡ଼ିକ ମଧ୍ୟରେ ଭାରତ ମଧ୍ୟ ଅନ୍ୟତମ ଯେଉଁଠାରେ ପ୍ରତିବର୍ଷ ପାଖାପାଖି ସତର ହଜାର ଶିଶୁ କର୍କଟ କାରଣରୁ ମୃତ୍ୟୁବରଣ କରୁଛନ୍ତି। କ୍ୟାନ୍ସର ସହ ସଂଗ୍ରାମ କେବଳ ବ୍ୟକ୍ତିଗତ ନୁହେଁ, ବରଂ ଆର୍ଥିକ, ସାମାଜିକ ଓ ବୈଚାରିକ ସ୍ତରରେ ମଧ୍ୟ ଦେଖିବା ପାଇଁ ମିଳୁଛି। ସ୍ୱନାମଧନ୍ୟ ଚିକିତ୍ସା ବିଜ୍ଞାନ ପତ୍ରିକା "ଦି-ଲାନ୍‌ସେଟ୍" (The Lancet)ରେ ପ୍ରକାଶିତ ରିପୋର୍ଟ "ଗ୍ଲୋବାଲ୍ ବର୍ଡେନ୍ ଅଫ୍ ଡିଜିଜ - ୨୦୨୩" ଶୈଶବାବସ୍ଥାରେ କ୍ୟାନ୍‌ସର ସଙ୍କଟର ଭୟାବହତାକୁ ଉଜାଗର କରୁଛି। ଏହା ବୈଶ୍ୱିକ ସ୍ୱାସ୍ଥ୍ୟ ପ୍ରଣାଳୀର ବିଫଳତା ଓ ସ୍ୱାସ୍ଥ୍ୟ ସେବାର ଅସମାନତାର ଚିତ୍ରକୁ ସମ୍ମୁଖକୁ ଆଣୁଛି, ଯେଉଁଥିରେ ସେହି ଦେଶଗୁଡ଼ିକ ବେଶୀ କଷ୍ଟ ପାଉଛନ୍ତି, ଯେଉଁମାନଙ୍କର ସଂସାଧନ ସୀମିତ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଦୁର୍ବଳ। ରିପୋର୍ଟ ଅନୁଯାୟୀ ୨୦୨୩ ରେ ସମଗ୍ର ବିଶ୍ୱରେ ବାଲ୍ୟାବସ୍ଥା କର୍କଟରେ ପ୍ରାୟ ୩.୭୭ ଲକ୍ଷ ନୂଆ ମାମଲା ସାମନାକୁ ଆସିଥିଲା ଓ ପାଖାପାଖି ୧.୪୪ ଲକ୍ଷ ଶିଶୁଙ୍କର ଏହି କାରଣରୁ ମୃତ୍ୟୁ ହୋଇଥିଲା। ତେଣୁ ଏହା ସ୍ପଷ୍ଟ ଯେ ବାଲ୍ୟାବସ୍ଥାରେ କର୍କଟ କେବଳ ଏକ ଚିକିତ୍ସାଜନିତ ସମସ୍ୟା ନୁହେଁ ବରଂ ବର୍ତ୍ତମାନ ସମୟରେ ଏହା ସଂରଚନାତ୍ମିକ ଦୁର୍ବଳତା ଓ ସାମାଜିକ ଆର୍ଥିକ ଅସମାନତାର ଏକ ପ୍ରତୀକରେ ପରିଣତ ହୋଇଯାଇଛି। ସନ୍ଦର୍ଭଟିରେ ଆଗକୁ ଯିବା ପୂର୍ବରୁ ଶୈଶବାବସ୍ଥା କର୍କଟ କ'ଣ ସେ ବିଷୟରେ ଆଲୋଚନା କରିବା। କର୍କଟ ଯାହାକି ଶିଶୁ ଓ କୈଶୋର ଅବସ୍ଥାରେ ଦେଖାଯାଇଥାଏ, ଜନ୍ମ ସମୟରୁ ଉଣେଇଶ ବର୍ଷ ବୟସ ପର୍ଯ୍ୟନ୍ତ ତାହାକୁ ବାଲ୍ୟାବସ୍ଥା କର୍କଟ (Childhood Cancer) ବୋଲି କୁହାଯାଏ। ପ୍ରାପ୍ତ ବୟସ୍କ (Adult) ମାନଙ୍କଠାରେ ଦେଖାଯାଉଥିବା କର୍କଟ ଅପେକ୍ଷା ଶିଶୁ କର୍କଟ ଏହି ପ୍ରକାରେ ଭିନ୍ନ କି, ଏହା ଜୀବନଶୈଳୀ (Life Syle) ଓ ପରିବେଶ ଜନିତ କାରଣ (Environmental Factor) ଯୋଗୁଁ ହୋଇନଥାଏ। ଶିଶୁମାନଙ୍କଠାରେ ମୁଖ୍ୟତଃ ଲିଉକେମିଆ, ବ୍ରେନ୍ ଟ୍ୟୁମର୍, ଲିମ୍ଫୋମା ଆଦି କର୍କଟ ଅଧିକ ମାତ୍ରାରେ ଦେଖାଯାଇଥାଏ। ଭାରତରେ ମଧ୍ୟ ଏହି ସମସ୍ୟା ବର୍ତ୍ତମାନ ଜଟିଳ ଆକାର ଧାରଣ କରିଛି। ଗୋଟିଏ ପଟେ ଚିକିତ୍ସା ବିଜ୍ଞାନରେ କ୍ୟାନସରର ଉପଚାରକୁ ନେଇ ଉଲ୍ଲେଖନୀୟ ପ୍ରଗତି ହୋଇଛି ସତ, ଏହି ଆଧୁନିକ ସୁବିଧା ପାଖରେ ପହଞ୍ଚିବା କିନ୍ତୁ ସୀମିତାବସ୍ଥାରେ ରହିଛି। ଦେଶର ବଡ଼ ବଡ଼ ସହରାଞ୍ଚଳରେ ଉନ୍ନତ କର୍କଟ ଚିକିତ୍ସା କେନ୍ଦ୍ର ଉପଲବ୍ଧ ଅଛି ମାତ୍ର ଗ୍ରାମୀଣ କ୍ଷେତ୍ରରେ ଏହି ସୁବିଧା ନାହିଁ କହିଲେ ଚଳେ। ଫଳସ୍ୱରୂପ ଅଧିକାଂଶ ଶିଶୁ ସେହି ସମୟରେ ଡାକ୍ତରଖାନାରେ ପହଞ୍ଚନ୍ତି ଯେତେବେଳେ ରୋଗଟି ଶେଷ ପର୍ଯ୍ୟାୟରେ ଥାଏ। ଏହି ହେତୁ ଭାରତରେ ଶିଶୁ କର୍କଟ କ୍ଷେତ୍ରରେ ଜୀବିତ ରହିବାର ହାର ବିକଶିତ ଦେଶମାନଙ୍କ ତୁଳନାରେ ଯଥେଷ୍ଟ କମ୍ ଅଟେ। ଲାନ୍‌ସେଟ୍‌ର ରିପୋର୍ଟରୁ ଜଣାପଡ଼ିଛି କି, ୨୦୨୩ ରେ ଶିଶୁମାନଙ୍କର ମୃତ୍ୟୁର ଅଷ୍ଟମ ପ୍ରମୁଖ କାରଣ ହେଉଛି କର୍କଟ। କେବଳ ଏତିକି ନୁହେଁ "ଡିଜାବିଲିଟି ଆଡ୍‌ଜଷ୍ଟେଡ୍ ଲାଇଫ୍ ଇୟର୍ସ (ଡି.ଏ.ଏଲ.ୱାଇ) କ୍ଷେତ୍ରରେ ମଧ୍ୟ କ୍ୟାନସର୍ ହେଉଛି ଦଶମ ପ୍ରମୁଖ କାରଣ"। "ଡି.ଏ.ଏଲ.ୱାଇ" ର ଅର୍ଥ ହେଉଛି ସମଗ୍ର ସୁସ୍ଥ ଜୀବନର ସମୟ ସୀମାରୁ ଏକବର୍ଷ କୌଣସି ବ୍ୟାଧି ଯୋଗୁଁ ନଷ୍ଟ ହେବା। ତେଣୁ କର୍କଟ କେବଳ ଜୀବନ ହାନି କରୁନାହିଁ ବରଂ ପିଲାମାନଙ୍କର ସୁସ୍ଥ, ସକ୍ରିୟ ଓ ମୂଲ୍ୟବାନ ସମୟକୁ ମଧ୍ୟ ନଷ୍ଟ କରୁଛି। ଏହା ଏପରି ଏକ କ୍ଷତି ଯାହାର ସାମାଜିକ ଓ ଆର୍ଥିକ ପ୍ରଭାବ ଦୀର୍ଘକାଳୀନ ଏବଂ ଗଭୀର। ପୂର୍ବରୁ ମୁଁ ଉଲ୍ଲେଖ କରିଥିବା ଗୋଟିଏ ତଥ୍ୟ ଯାହାକି ହେଉଛି, ବୟସ୍କମାନଙ୍କ ଭଳି ଶିଶୁକର୍କଟର ଜୀବନଶୈଳୀ ସହିତ କୌଣସି ସମ୍ପର୍କ ନଥାଏ, ବରଂ ଏହା ହୋଇଥାଏ ଆନୁବଂଶିକ ପରିବର୍ତ୍ତନ (Genetic Change) ବା କୋଷୀୟ ଅସମାନତା (Aneuploidy) ହେତୁ। ଉପରୋକ୍ତ ଦୁଇଟି କାରଣବଶତଃ ବାଲ୍ୟାବସ୍ଥା କର୍କଟ ଏବେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ଚିନ୍ତାଜନକ ପ୍ରସଙ୍ଗ ପାଲଟିଛି। ଜୀବନଶୈଳୀକୁ ଆମେ ପରିବର୍ତ୍ତନ କରିପାରିବା ମାତ୍ର ଆନୁବଂଶିକ ଓ କୋଷୀୟ କ୍ଷେତ୍ରରେ କୌଣସି ପରିବର୍ତ୍ତନ ଅତ୍ୟନ୍ତ କଷ୍ଟସାଧ୍ୟ। ଲ୍ୟୁକେମିଆ (ରକ୍ତ କର୍କଟ) ହେଉଛି ପିଲାମାନଙ୍କଠାରେ ସର୍ବାଧିକ ମାତ୍ରାରେ ଦେଖାଯାଉଥିବା କର୍କଟ, ଯାହାଦ୍ୱାରା ୨୦୨୩ ରେ ପ୍ରାୟ ୪୫୦୦୦ ଶିଶୁଙ୍କର ମୃତ୍ୟୁ ହୋଇଛି। ଦ୍ୱିତୀୟରେ ଅଛି ମସ୍ତିଷ୍କ ଓ ମେରୁଦଣ୍ଡ କର୍କଟ ଯେଉଁଥିରେ ଆକ୍ରାନ୍ତ ହୋଇ ୨୩୦୦୦ ପିଲାଙ୍କର ମୃତ୍ୟୁ ଘଟିଛି। ଏଠାରେ ଗୋଟିଏ ବିରୋଧାଭାସ ମଧ୍ୟ ଦେଖିବା ପାଇଁ ମିଳେ। ୧୯୯୦ ତୁଳନାରେ ୨୦୨୩ ରେ ବାଲ୍ୟାବସ୍ଥା କର୍କଟ ହେତୁ ମୃତ୍ୟୁରେ ପାଖାପାଖି ସତେଇଶି ପ୍ରତିଶତ ହ୍ରାସ ଆସିଛି ଯାହାକି ଚିକିତ୍ସା ବିଜ୍ଞାନରେ ଉନ୍ନତିର ଏକ ସ୍ପଷ୍ଟ ସଙ୍କେତ। କିନ୍ତୁ ଏହି ଉନ୍ନତି ସବୁ ସ୍ଥାନରେ ସମାନ ଭାବରେ ଆବଣ୍ଟିତ ହୋଇନାହିଁ। ବିକଶିତ ଦେଶମାନଙ୍କରେ ଚିକିତ୍ସାର ବ୍ୟାପକ ସୁବିଧା ହେତୁ ମୃତ୍ୟୁର ହାର କମିଥିବାବେଳେ, ଆଫ୍ରିକା ଭଳି ଅନଗ୍ରସର କ୍ଷେତ୍ରରେ ଏହି ହାର ୫୫ ପ୍ରତିଶତରୁ ଅଧିକ ଅଛି। ଏହି ଅସମାନତା ପରିଷ୍କାର ଭାବରେ ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିଫଳତାକୁ ହିଁ ଦର୍ଶାଉଛି। ଭାରତ ବିଷୟରେ ଚର୍ଚ୍ଚା କଲେ ଏଠାରେ ଶିଶୁ କର୍କଟର ସମସ୍ୟା କେବଳ ଚିକିତ୍ସା ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଏହା ସାମାଜିକ ଓ ଆର୍ଥିକ ଦିଗ ସହିତ ମଧ୍ୟ ଜଡ଼ିତ ଅଛି। ପ୍ରଥମରେ ବ୍ୟୟ ବହୁଳ ଚିକିତ୍ସା ଓ ଦ୍ୱିତୀୟରେ ଅଧିକାଂଶ ପରିବାର ପାଖରେ ସ୍ୱାସ୍ଥ୍ୟ ବୀମା ବା କୌଣସି ଆର୍ଥିକ ସୁରକ୍ଷାର ଉପଲବ୍ଧତା ନାହିଁ। ତେଣୁ କେତୋଟି ମାମଲାରେ ଚିକିତ୍ସା ଅଧା ରହିଯାଏ। ସଚେତନାର ଅଭାବ ମଧ୍ୟ ଏକ ବଡ଼ ସମସ୍ୟା। କର୍କଟର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଅଧିକାଂଶ ସମୟରେ ସାମାନ୍ୟ ରୋଗ ବୋଲି ଭାବି ଅବହେଳା କରାଯାଇଥାଏ, ଯାହାଦ୍ୱାରା ଚିହ୍ନଟରେ ବିଳମ୍ବ ହେବା ସହିତ ଚିକିତ୍ସା ସମ୍ଭାବନା କମିଯାଏ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସଂରଚନାତ୍ମକ ଦୁର୍ବଳତା ମଧ୍ୟ କ୍ୟାନସରର ସଙ୍କଟକୁ ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲିମପ୍ରାପ୍ତ ଡାକ୍ତର, ଆବଶ୍ୟକୀୟ ଯାଞ୍ଚ ସୁବିଧା ଓ ବିଶେଷଜ୍ଞମାନଙ୍କର ଅଭାବ, ବଡ଼ ଡାକ୍ତରଖାନାକୁ ରୋଗୀକୁ ପଠାଇବା (Reler) ପ୍ରକ୍ରିୟାରେ ଜଟିଳତା, ଶିଶୁମାନଙ୍କୁ ଉପଯୁକ୍ତ ସମୟରେ ଚିକିତ୍ସା ମିଳିବାରେ ବାଧା ସୃଷ୍ଟି କରେ। ତେବେ ଏହି ନିରାଶାଜନକ ପରିଦୃଶ୍ୟ ମଧ୍ୟରେ ଆଶାର କିରଣ ମଧ୍ୟ ଦେଖାଦେଇଛି। ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ଆରମ୍ଭ କରାଯାଇଥିବା "ଗ୍ଲୋବାଲ୍ ଚାଇଲ୍ଡ ହୁଡ୍ କ୍ୟାନ୍‌ସର୍ ଇନିସିଏଟିଭ୍" ଏହି ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାର ଲକ୍ଷ୍ୟ ୨୦୩୦ ସୁଦ୍ଧା କର୍କଟରେ ପୀଡ଼ିତ ଶିଶୁଙ୍କର ବଞ୍ଚିରହିବାର ହାରକୁ ଅତିକମ୍‌ରେ ଷାଠିଏ ପ୍ରତିଶତକୁ ବଢ଼ାଇବା। ଏହି କାର୍ଯ୍ୟକ୍ରମ ଜରିଆରେ ଠିକ୍ ସମୟରେ ରୋଗ ଚିହ୍ନଟ, ଶସ୍ତା ଓ ସୁଲଭ ଔଷଧର ଉପଲବ୍ଧତା, ପ୍ରଶିକ୍ଷିତ ସ୍ୱାସ୍ଥ୍ୟକର୍ମୀମାନଙ୍କର ସଂଖ୍ୟା ବୃଦ୍ଧି ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆଦି ଉପରେ ଗୁରୁତ୍ୱ ଦିଆଯାଉଛି। ଭାରତରେ ମଧ୍ୟ କେନ୍ଦ୍ର ସରକାର ଓ ବିଭିନ୍ନ ସଂସ୍ଥା ଏହି ଦିଗରେ ପ୍ରୟାସରତ ଅଛନ୍ତି। ଆୟୁଷ୍ମାନ ଭାରତ ଭଳି ଯୋଜନା ଆର୍ଥିକ ଦିଗରୁ ଦୁର୍ବଳ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରୁଛି। ଟେଲି ମେଡିସିନ୍ (ଇ-ସଞ୍ଜିବନୀ) ବ୍ୟବସ୍ଥା ଦ୍ୱାରା ଦୂରଦୂରାନ୍ତର ଲୋକମାନଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ଓ ସୂଚନା ପହଞ୍ଚାଇବା ପାଇଁ ପ୍ରଚେଷ୍ଟା କରାଯାଉଛି। ତେବେ ଏହି ସବୁ ପ୍ରୟାସକୁ ଆହୁରି ଅଧିକ ବ୍ୟାପକ, ସମନ୍ୱିତ ଓ ପ୍ରଭାବୀ କରାଯିବାର ଆବଶ୍ୟକତା ରହିଛି। କର୍କଟ ସମସ୍ୟାର ସମାଧାନ କେବଳ ଚିକିତ୍ସାରେ ଉନ୍ନତି ହେତୁ ସମ୍ଭବ ନୁହେଁ ବରଂ ଏଥିପାଇଁ ଏକ ବହୁମୁଖୀ ଦୃଷ୍ଟିକୋଣକୁ ଆପଣାଇବାର ଆବଶ୍ୟକତା ରହିଛି। ସର୍ବପ୍ରଥମେ ସଚେତନା ବଢ଼ାଇବାକୁ ପଡ଼ିବ, ଯାହାଦ୍ୱାରା ପିତା, ମାତା, ଶିକ୍ଷକ ଶିଶୁର ପ୍ରାରମ୍ଭିକ ଲକ୍ଷଣ ସବୁକୁ ସୁବିଧାରେ ଚିହ୍ନଟ କରିପାରିବେ। ଏହା ସହିତ ପ୍ରାଥମିକ ସ୍ୱାସ୍ଥ୍ୟ ପ୍ରଣାଳୀକୁ ଆହୁରି ମଜବୁତ କରିବାକୁ ହେବ, ଯାହାଦ୍ୱାରା କର୍କଟର ଚିହ୍ନଟ ଓ ଚିକିତ୍ସା ଆଦି ଶୀଘ୍ର କରାଯାଇପାରିବ। ଚିକିତ୍ସା ଶିକ୍ଷା ଓ ପ୍ରଶିକ୍ଷଣରେ ନିବେଶ ବଢ଼ାଇ ବିଶେଷଜ୍ଞମାନଙ୍କର ସଂଖ୍ୟାକୁ ବୃଦ୍ଧି କରିବାକୁ ହେବ। ସ୍ୱାସ୍ଥ୍ୟ ସେବାରେ ସମାନତାକୁ ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ଯେଉଁ ପର୍ଯ୍ୟନ୍ତ ଗ୍ରାମୀଣ ଓ ସହରୀ କ୍ଷେତ୍ର ଏବଂ ଧନୀ ଓ ଗରିବ ଦେଶ ମଧ୍ୟରେ ସ୍ୱାସ୍ଥ୍ୟ ସୁବିଧାର ଅନ୍ତର ବା ଫରକ୍ କମ୍ ନ ହୋଇଛି, ସେତେବେଳ ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ଅପୂର୍ଣ୍ଣ ରହିବ। ଶୈଶବକୁ କର୍କଟରୁ ବଞ୍ଚାଇବା କେବଳ ଏକ ଚିକିତ୍ସା ଲକ୍ଷ୍ୟ ନୁହେଁ ବରଂ ଏକ ନୈତିକ ଦାୟିତ୍ୱ ମଧ୍ୟ। ଏହା ସେହି ସମାଜର ଏକ ପରିଚୟ ଯିଏ ନିଜର ସବୁଠାରୁ ଦୁର୍ବଳ ତଥା ମୂଲ୍ୟବାନ ବର୍ଗକୁ ରକ୍ଷା କରିବାକୁ ସକ୍ଷମ। ଯଦି ଆମେ ବାସ୍ତବରେ ଏକ ସୁସ୍ଥ ଓ ସମୃଦ୍ଧ ଭବିଷ୍ୟର କଳ୍ପନା କରୁଛେ, ତେବେ ଆମକୁ ସୁନିଶ୍ଚିତ କରିବାକୁ ପଡ଼ିବ କି, କୌଣସି ଶିଶୁ କେବଳ ଏଥିପାଇଁ ନିଜର ବହୁମୂଲ୍ୟ ଜୀବନ ନ ହରାଉ କାହିଁକି ନା ତାକୁ ଠିକ୍ ସମୟରେ ଚିକିତ୍ସା ମିଳିପାରିଲା ନାହିଁ। କର୍କଟ ସହ ଯୁଝୁଥିବା ଶୈଶବ ଆମକୁ ଶିକ୍ଷା ଦିଏ ଯେ, ଉନ୍ନତି କେବଳ ଆର୍ଥିକ ପ୍ରଗତି ଦ୍ୱାରା ମପାଯାଇ ପାରିବ ନାହିଁ, ବରଂ ଏହା ଏକାନ୍ତ ଭାବରେ ନିର୍ଣ୍ଣିତ ହେବ କିପରି ଆମେ ଆମ ପିଲାମାନଙ୍କୁ ସୁରକ୍ଷିତ, ସୁସ୍ଥ ଓ ସମ୍ମାନଜନକ ଜୀବନ ଦେଇ ପାରୁଛେ।

# ସ୍ୱାଧୀନତା ଦିବସ କେବଳ ଗୋଟିଏ ମୁଖ ରୋଚକ ଶବ୍ଦଟିଏ ମାତ୍ର ! (୩)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଭାରତୀୟ ମୁକ୍ତିସଂଗ୍ରାମରେ ଯେଉଁ ମହାନ୍ ସ୍ୱାଧୀନତା ସଂଗ୍ରାମୀମାନେ ଯୋଗଦାନ କରିଥିଲେ ସେମାନଙ୍କର ଏକ ମାତ୍ର ପ୍ରଧାନ ସେନାପତି ଥିଲେ ମହାତ୍ମାଗାନ୍ଧୀ । ଦିଗଦର୍ଶକ ମହାତ୍ମାଗାନ୍ଧୀ ଭାରତୀୟମାନଙ୍କୁ ନିରସ୍ତ୍ର ମନେକରି ପ୍ରବଳ ପ୍ରତାପୀ ଇଂରେଜଙ୍କୁ ପରାଭୂତ କରିବା ପାଇଁ ବହୁଦିଗରୁ ବିଚାର କରୁଥିଲେ । କେଉଁ ଅସ୍ତ୍ରରେ ଶକ୍ତିଶାଳୀ ଇଂରେଜ ରାଷ୍ଟ୍ରକୁ ପରାସ୍ତ କରିବେ? ଆଧ୍ୟାତ୍ମିକତାକୁ ପୁଞ୍ଜି କରି ସ୍ୱାଧୀନତା ସଂଗ୍ରାମ ପାଇଁ ସବୁଠାରୁ ପ୍ରଧାନ ଅସ୍ତ୍ର ଭାବେ ବାଛି ନେଲେ ଅହିଂସା ଓ ଅସହଯୋଗ ଅସ୍ତ୍ର । ଗାନ୍ଧିଜୀଙ୍କର ଆହ୍ୱାନ ହେଲା ଅହିଂସା ବଳରେ ସବୁ ଅତ୍ୟାଚାର, ସବୁ ନିପୀଡନକୁ ସହିନିଅ, ଶତ୍ରୁକୁ ମିତ୍ର ଭାବେ ବିଚାର କର । ଅନ୍ୟାୟକୁ ଅସହଯୋଗ କର । ସଂଗ୍ରାମ ଭୂମିରେ ଅହିଂସା ଅସ୍ତ୍ର ଧରି ଅବତୀର୍ଣ୍ଣ ହୁଅ । ଲୋଡା ହେଲେ ବ୍ରିଟିଶ ଶାସକର ଗୁଳିଗୋଳା ମୁହଁରେ ଛାତି ପତେଇ ଦିଆ ପ୍ରାଣ ଦାନ କର । ଗାନ୍ଧୀଜୀଙ୍କର ଏହି ଆହ୍ୱାନକୁ କାଳର କଷଟିରେ ପରୀକ୍ଷା କରୁଥାନ୍ତି ସୁଭାଷ ବୋଷ । ସେ ଭାବିଲେ ଯଦି ମହାତ୍ମାଗାନ୍ଧୀଙ୍କର ଏହି ଆହ୍ୱାନ ନିରବଛିନ୍ନ ଭାବେ ପ୍ରବାହିତ ହୋଇ ଚାଲିବ, ତେବେ ସମସ୍ତ ଭାରତୀୟ ମୃତ୍ୟୁବରଣ କଲାପରେ ବି ଭାରତବର୍ଷ ସ୍ୱାଧୀନ ହୋଇ ପାରିବ ନାହିଁ ଏହି ତରୁଣ ଜଣକ ପରିବର୍ତ୍ତନ କଲେ ଇତିହାସର ମୋଡକୁ । ତତ୍କାଳିନ ପରିସ୍ଥିତିରେ ସମସ୍ତେ ସ୍ୱାଧୀନତା ପାଇଁ ଲକ୍ଷ୍ୟ କରୁଥାନ୍ତି ସୁଭାଷ ବୋଷଙ୍କ କ୍ରିୟା କଳାପକୁ, ତାଙ୍କ ଚକ୍ଷୁରେ ଉଦ୍‌ଭାସିତ ହେଉଥାଏ ବିଦ୍ରୋହ ଅଗ୍ନିର ଅଫୁରନ୍ତ ଝଲକ, ତାଙ୍କରି ଠାରୁ ହିଁ ସ୍ୱାଧୀନତା ସଂଗ୍ରାମର ପରିଭାଷା ବଦଳିଲା ବିପ୍ଳବର ତରବାରୀରେ । ସଂଘର୍ଷ ହୋଇଗଲା ସ୍ୱାଧୀନତା ପ୍ରାପ୍ତିର ମୂଳମନ୍ତ୍ର । ଏହିଠାରେ ମହାତ୍ମାଗାନ୍ଧୀଙ୍କ ଦର୍ଶନ ସହିତ ସୁଭାଷ ବୋଷଙ୍କର ମତ ମତାନ୍ତର ଘଟିଲା । ଗାନ୍ଧୀଙ୍କ ଅନୁଗାମୀମାନେ ସୁଭାଷଙ୍କର ମତ ସହିତ ଏକ ପ୍ରକାର ସହଯୋଗ ରକ୍ଷା କରି ପାରୁନଥିଲେ ବି ସୁଭାଷବୋଷଙ୍କୁ ଆନ୍ତରିକ ସମର୍ଥନ କରୁଥିବାର ପରିଲକ୍ଷିତ ହେଉଥିଲା । ତରୁଣ ସୁବାଷ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇ ଯେତେବେଳେ କଂଗ୍ରେସ ସଭାପତି ପଦପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ଲାଭ କଲେ ଓ ପଟ୍ଟାଭି ସୀତାରାମେୟା ପରାସ୍ତ ହେଲେ । ସେତେବେଳେ ଗାନ୍ଧୀଜୀମଧ୍ୟ କହିଲେ ପଟ୍ଟାଭିଙ୍କ ପରାଜୟ ମୋର ପରାଜୟ । ସୁଭାଷ ପ୍ରତି ଗାନ୍ଧୀଜୀଙ୍କର ତୀବ୍ର ବିରୋଧ ମନୋଭାବ ଏହିଠାରେ ହିଁ ସ୍ପଷ୍ଟ ହୋଇଥିଲା । ଗାନ୍ଧୀଜୀଙ୍କ ଅନୁଗାମୀମାନଙ୍କର ଅସହଯୋଗ ସୁଭାଷଙ୍କୁ ବାଧ୍ୟ କଲା କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେବା ପାଇଁ, କିନ୍ତୁ ତାଙ୍କ ମନର ଶକ୍ତି, ଆଧ୍ୟାତ୍ମିକ ଚିନ୍ତନ ଓ ଆତ୍ମବଳୟ ମହାଶକ୍ତି ତାଙ୍କ ଗତିପଥର ସମସ୍ତ ରାସ୍ତା ଉନ୍ମୋଚିତ ହୋଇଗଲା । ବାସ୍ତବରେ ସେ କୋକି ମହାଶକ୍ତି ଭାବେ ଆଗେଇ ଚାଲିଲେ ବ୍ରିଟିଶରାଜ ବିରୁଦ୍ଧରେ । ସୁଭାଷଙ୍କର ଏହି ନିର୍ଭୀକତା, ତାଙ୍କର ମାନସିକତାକୁ ବ୍ରିଟିଶ ଶାସକମାନେ ଲକ୍ଷ୍ୟ କରି ତାଙ୍କୁ କାରାରୁଦ୍ଧ କଲେ । ଅସୁସ୍ଥ ସୁଭାଷ କଲିକତାରେ କଡା ସଶସ୍ତ୍ର ପୁଲିସ୍ ପହରା ମଧ୍ୟରେ ନଜର ବନ୍ଦୀ ଭାବେ ରହିଥାନ୍ତି । ୧୯୪୦ ମସିହା ହେଉଛି ଇତିହାସର ଏକ ଘଡିସନ୍ଧି ସମୟ । ମାତ୍ର ୪୩ବର୍ଷ ବୟସରେ ସୁଭାଷ ବୋଷ ଶହ ଶହ ସଶସ୍ତ୍ର ସିପାହୀଙ୍କ ଆଖିରେ ଧୂଳି ଦେଇ ନଜରବନ୍ଦୀ ଅବସ୍ଥାରେ ଥିବା ପ୍ରକୋଷ୍ଠ ମଧ୍ୟରୁ କେଉଁଆଡେ ଅନ୍ତର୍ଦ୍ଧାନ ହୋଇଗଲେ । ସମଗ୍ର ଭାରତ ବର୍ଷର ତମାମ ସ୍ୱାଧୀନତା ସଂଗ୍ରାମୀମାନେ ତଟସ୍ଥ। ବ୍ରିଟିଶ ଶାସକମାନେ ଭୟଭୀତ ହୋଇପଡିଲେ, ଖାଲି ଭୟଭୀତ ନୁହେଁ, ସୁଭାଷ ବୋଷଙ୍କର ଏହି ଦୁଃସାହସିକ କାର୍ଯ୍ୟକୁ ଲକ୍ଷ୍ୟକରି ବ୍ରିଟିଶ ଶାସକମାନେ ବୁଝିଗଲେ ଯେ ଭାରତ ବର୍ଷରେ ସେମାନଙ୍କର କାର୍ଯ୍ୟକାଳ ଆଉ ଅଧିକ ଦିନ ନୁହେଁ । ଅନ୍ତର୍ଦ୍ଧାନ ହେବା ପୂର୍ବରୁ ସୁଭାଷ ବୋଷ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିସାରିଥିଲେ । ବିଭିନ୍ନ ଛଦ୍ମବେଶରେ ବାରମ୍ବାର ଭୟାନକ ବିପଦକୁ ବରଣ କରି ସେ କାବୁଲ, କାନ୍ଦାହାର, ଆଫଗାନିସ୍ଥାନ ପାର ହୋଇ ପହଁଞ୍ଚିଲେ ଜର୍ମାନୀରେ । ସେତେବେଳକୁ ବିଶ୍ୱବିଖ୍ୟାତ ଅପରାଧୀ ହିଟଲର୍ ଇଂରେଜଙ୍କ ବିରୁଦ୍ଧରେ ଲଢୁଥାନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ। ତାଙ୍କ ସହିତ ଆଲୋଚନା କଲେ ସୁଭାଷ। ସେଠାରୁ ଚାଲିଲେ ଜାପାନ । ଦକ୍ଷିଣ-ପୂର୍ବ ଏସିଆରେ ବନ୍ଦୀ ହୋଇ ରହିଥିବା ଭାରତୀୟ ସୈନ୍ୟମାନଙ୍କର ମୁକ୍ତିର ବ୍ୟବସ୍ଥା କଲେ । ସିଙ୍ଗାପୁର ବାଟଦେଇ ଗଲେ ବ୍ରହ୍ମଦେଶ, ସେଠାରେ ଥିବା ଭାରତୀୟ ବନ୍ଦୀମାନଙ୍କୁ ମୁକ୍ତକରି ସେହିମାନଙ୍କୁ ନେଇ ଗଢିଲେ ଆଜାଦ ହିନ୍ଦ୍ ସୈନ୍ୟବାହିନୀ । ସିଙ୍ଗାପୁରଠାରେ ଆଜାଦହିନ୍ଦ ଫୌଜ ଗଠନ କରି ବ୍ରହ୍ମଦେଶ ବାଟଦେଇ ମଣିପୁରରେ ପହଁଞ୍ଚିଲେ । ଅସାଧାରଣ ଇଚ୍ଛାଶକ୍ତି ବିଶାଳ ସେନାବାହିନୀର ନେତୃତ୍ୱ ନେଇ ଭୀଷଣ ସଂଗ୍ରାମ କଲେ ଇଂରେଜଙ୍କ ବିରୁଦ୍ଧରେ । ବିଜୟଲାଭ କଲେ ସୁଭାଷ । ବ୍ରିଟିଶ୍ ସୈନ୍ୟମାନଙ୍କ ଭିତରେ ଭୀତି ସଂଚାର ହୋଇଗଲା । ଭାରତ ଇତିହାସରେ ଏହି ଘଟଣା ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କଲା । ଭାରତ ମୁକ୍ତି ସଂଗ୍ରାମର ଇତିହାସରେ ନେତାଜୀଙ୍କର ଏହି ଦୁଃସାହସିକ ପଦକ୍ଷେପ ଅନନ୍ୟ, ସ୍ୱତନ୍ତ୍ର ଓ ସଂପୂର୍ଣ୍ଣ ନୂତନ । "ଜୟ ହିନ୍ଦ"ର ଏହି ବିଜୟ ଧ୍ୱଜା ଯେଉଁଦିନ ଉତ୍ତୋଳନ ହେଲା ସେହିଦିନ ଆଜାଦ ହିନ୍ଦ୍ ଫୌଜର ଏହି ଜାତୀୟ ପତାକାକୁ ଉଡାଇ ନେତାଜୀ ଏକ ତାରବାର୍ତ୍ତା ପଠାଇଲେ ଗାନ୍ଧୀଜୀଙ୍କ ନିକଟକୁ। ଜୟହିନ୍ଦ୍ ହେଲା ଫୌଜର ଅଭିବାଦନର ଭାଷା । ନେତାଜୀ ଲେଖିଲେ ଗାନ୍ଧୀଜୀ, ଜାତିର ପିତା, ଭାବେ ଭାରତର ଏହି ପବିତ୍ର ମୁକ୍ତି ସଂଗ୍ରାମରେ ଆମେ ଆପଣଙ୍କର ଆଶୀର୍ବାଦ ଓ ଶୁଭେଚ୍ଛା ଭିକ୍ଷା କରୁଛୁ । ପ୍ରଥମଥର ପାଇଁ ସେ ଗାନ୍ଧୀଜୀଙ୍କୁ ଜାତିର ପିତା ବୋଲି ସମ୍ବୋଧନ କରି ବାର୍ତ୍ତା ପଠାଇଥିଲେ । ନେତାଜୀ ବିପ୍ଳବୀ, ସେ ଗାନ୍ଧୀଜୀଙ୍କର ଅହିଂସା ନୀତିକୁ ସମର୍ଥନ ନକଲେ ମଧ୍ୟ ଉଭୟଙ୍କ ଲକ୍ଷ୍ୟ ଥିଲା ଏକ, ତାହା ହେଲା ଭାରତର ପୂର୍ଣ୍ଣ ସ୍ୱାଧୀନତା । ସେ ଥିଲେ ଭାରତୀୟ ଦର୍ଶନ ଆଧାରିତ ସାମ୍ୟବାଦୀ ଚିନ୍ତକ। ଉଭୟ ଥିଲେ ସାମ୍ରାଜ୍ୟ ବାଦର ବିରୋଧୀ କିନ୍ତୁ ମାର୍ଗ ଥିଲା ଭିନ୍ନ । ଲକ୍ଷ୍ୟ ସିଦ୍ଧି ପାଇଁ ସ୍ଥାନ, ପାତ୍ର କାଳ ବିଚାର କରି ହିଂସା ଅହିଂସା ପ୍ରଶ୍ନର ବିଚାର କରିବାକୁ ହେବା ସୁଭାଷଙ୍କ ବିଚାରରେ ଘାତ ପ୍ରତିଘାତ ଓ ସଂଘର୍ଷ ମଧ୍ୟ ଦେଇ ଇତିହାସର ଧାରା ସଦା ପ୍ରବାହମାନ । (କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ଗୋପପୁର

ସୁରଞ୍ଜନ ପଣ୍ଡା



ଗୋପପୁର କେତେ ଦୁର ?
ଶ୍ରାବଣରେ ସେଠି ଥାଏ କଦମ୍ବ ସମ୍ଭାର
ଯମୁନାର କୁଳୁନାଦ ଶୁଭେ ବଂଶୀସ୍ୱର। ୦।

ତାଙ୍କ ଜନ୍ମ ବହୁପୂର୍ବୁ ଦୁନିଆର ଗତି
ଗତିନୁହଁ ସୃଷ୍ଟିକରେ ଅନେକ ଦୁର୍ଗତି
ସତ୍ୟକୁ ରୋଧିବା ପାଇଁ ଶିକୁଳି ଓ ବେଡ଼ି
ଆସୁରିକ କ୍ରୁରତାର ସ୍ରୋତ ଯାଏ ମାଡ଼ି
ରକ୍ତର ସମ୍ପର୍କ ନୁହଁ ଜୀବନର ମୋହ
ରୁନ୍ଧକରେ ଦୟା ମାୟା ଜିଘାଂଷା ହିଁ ଧେୟ
କର୍ତ୍ତବ୍ୟ କାର୍ଯ୍ୟ କାରଣ ନୀତି ନୈତିକତା
ଦୂରୀଭୂତ ଚିରନ୍ତନି କାଳର ଆଧାର
ଗୋପପୁର କେତେଦୂର। ୧।

ମଦମତ୍ତ ଦାନବୀୟ ଶକ୍ତିର ପ୍ରକଟ
ଦର୍ପ ଦମ୍ଭ ହତ୍ୟା ରକ୍ତପାତର ସଙ୍କଟ
କୋମଳ ଜୀବନ ପାଇଁ ସୃଷ୍ଟିର ସମୃଦ୍ଧି
ପରାଭୂତ ସେଠି ଅସତ୍ୟହିଁ ହୋଇଥାଏ ବିଧି
କରଗତ କରିବାକୁ ଧରିତ୍ରୀ ସାଗର
ସୃଜନର ଦିବ୍ୟରାଗ ଭେଟେ ବନ୍ଦିଘର
ପ୍ରତାରଣା ପ୍ରବଞ୍ଚନା କେତେଯେ ପ୍ରପଞ୍ଚ
ଭେଟେ ଶେଷେ ବନ୍ଦିଶାଳା ନିରନ୍ଧ୍ର ଅନ୍ଧାର
ଗୋପପୁର କେତେଦୂର ? ।୨।

ଶୋଷଣ କଷଣ ଆଉ ଅନୀତି ଅନ୍ୟାୟ
ବାଧାହିନ ଗତିତାର ହୁଏ ଗ୍ରହଣୀୟ
ପାଦପାତେ କମ୍ପୁଥାଏ ସସାଗରା ଧରା
ଅମା ଅନ୍ଧାରେ ଆବଦ୍ଧ ଜୀବନର ଧାରା
ଚାରିଆଡେ ବ୍ୟାପିଯାଏ ଅଶାନ୍ତିର ସ୍ୱର
ଛିନ୍ନହୁଏ ପକ୍ଷ ମୈତ୍ରୀ ଆଉ ଶାନ୍ତି କପୋତର
ତଥାପି ମନତଳେ ହେଉଥାଏ ଆଶାର ସଂଚାର
କେବେହେବ ପ୍ରକାଶିତ ଅଷ୍ଟମ ଗର୍ଭର
ଗୋପପୁର କେତେଦୂର ।୩।

ନିଶ୍ଚୟ ସେ କାଳବଳେ ହୋଇବେ ପ୍ରକାଶ
ରାତ୍ରିର ଅନ୍ଧାରେ ନିଦ୍ରାଦେବୀ କରିଲେ ଅବଶ
କାରାଗାରର ରକ୍ଷକ ହେବ ଚେତାଶୂନ୍ୟ
ଜରାୟୁର ସୁପ୍ତିତେଜି ଆଲୋକର ହେବ ଉନ୍ମିଳନ
ସେ ଦୀପ୍ତିରେ କର୍ତ୍ତାହେବେ କେବଳ କର୍ମର
ଭୁଲିଯିବେ ନିଜ ସତ୍ୟ ନୀତି ନୈତିକତା
ମଥାପରେ ତୋଳିନେବେ ସୃଷ୍ଟିର ଆଧାର
ଗୋପପୁର କେତେଦୂର ।୪।

କୁହେଳିକା କୁଳପ୍ଲାବି ଯମୁନାର ସୁଅ
ରୋଧିକିପାରିବ ପଥ କରି ଅସହାୟ
ତଥାପି ଶୁଭିବ ଭ୍ରମ ଲୀଳା ଆରମ୍ଭ କରିବ
କେତେ କେତେ ରଙ୍ଗ ରସ ଅଗକୁ ଆସିବ
କର୍ତ୍ତା ସିଏ ଅମୃତ୍ୟୁର ପୁତ୍ର ମୃତ୍ୟୁରୁ ବିଜୟପ୍ରାପ୍ତ
ଯୁଗରୁ ଯୁଗକୁ କରିବାକୁ ଜୀବନକୁ ଦୀପ୍ତ
ନାକବୁଡ଼ି ହେଉ ଶ୍ୱାସରୁଦ୍ଧ ଧର୍ମର ପ୍ରତିଷ୍ଠାପାଇଁ
ଗୋପପୁର ଛୁଇଁବ ସେ ଅମୃତ ମାଟିର
ଗୋପପୁର କେତେଦୂର ?।୫।

ଗୋପପୁର କେଳିକୁଞ୍ଜ ପ୍ରେମର ସହର
ସେଠିଅଛି ମା କୋଳ ସଖା ସହୋଦର
ସେଠି ଅଛି ଗୋଧନ ଓ ଗିରି ଗୋବର୍ଦ୍ଧନ
ଦେବାସୁର ନାଗ ସମସ୍ତଙ୍କୁ କରିବେ ଗଞ୍ଜନ
ଧର୍ମର ବିଜୟ ପାଇଁ ବୃତ୍ତଙ୍କ ନିଧନ
ଶ୍ରୀରାଧାଙ୍କ ପ୍ରେମଲୀଳା ରାସ ସଂରଚନ
ଧର୍ମର ନିୟନ୍ତାଙ୍କୁ କୋଳେଇ ନେବାକୁ
ବୃନ୍ଦାବନ ହୋଇଛି ପ୍ରସ୍ତୁତ ଲୀଳା ରଚନାର
ଗୋପପୁର କେତେଦୂର ।୬।
------


ଅବସରପ୍ରାପ୍ତ ଅଧ୍ୟକ୍ଷ
ଧାମନଗର ମହାବିଦ୍ୟାଳୟ
ମୋ-୯୯୩୭୬୧୧୦୬୪


## ମାଆର ଅମୃତ ସନ୍ତାନ

ଅନସୂୟା ପଣ୍ଡା

ଅମୃତ ସନ୍ତାନ ଯୁବକ ଆଜିର
ଦୀପ୍ତକର ଚେତନାକୁ ତୁମର
ଚରିତ୍ରକୁ କରି ଶୃଙ୍ଖଳାର ସ୍ୱର
ଅନ୍ଧିକନ୍ଦିରେ ନିଶାକୁ ବର୍ଜନ କର
ତିଆର ସଂସ୍କୃତିର ଐଶ୍ୱର୍ଯ୍ୟପୁର।

ସଂସ୍କାର ତିଳକ ମନେ ଦିଅ ବୋଳି
ଥରେଦେଖ ଫେରି ଅଶ୍ଳୀଳତା ଫିଙ୍ଗି
ଅତୀତ ପେଡ଼ିକୁ ବିଶ୍ୱାସେ ଉଣ୍ଡାଳି
ରାମକୃଷ୍ଣ ପର୍ଶୁରାମ ବୁଦ୍ଧ ଆଦି
ଯୁଗପୁରୁଷଙ୍କ ଉତ୍ତୁଙ୍ଗ ରାଷ୍ଟ୍ରଭକ୍ତି।

ତାଙ୍କରି ଆଦର୍ଶକୁ ମନ୍ତ୍ରକରି
ପାରିବ ଅହଲ୍ୟା ରେଣୁକାଙ୍କ ପରି
ଅନେକ ମାଆଙ୍କୁ ଉଦ୍ଧାର କରି
ରାଣାପ୍ରତାପ ଶିବାଜୀ ପୃଥୀରାଜ ପରି
ଦେଶମାତୃକା ପ୍ରିତୀର ସ୍ରୋତସ୍ୱିନୀ
ବସାଅ ହୃଦୟରେ ଆଗ୍ରହ ନିଷ୍ଠା ଭରି।

ଗାନ୍ଧୀ ପଟେଲ ଭଗତ ସିଂହ
ଆଜାଦ ପରିବି ଦ୍ରୋହ ଆରମ୍ଭକର
ନବଯୁଗ ନବ ଉନ୍ମେଷର ସ୍ୱର
ମନ ହୃଦୟ ଓ କର୍ମରେ ପୃଷ୍ଟକର।

ମଧୁବାବୁ ଗୋପବନ୍ଧୁ ପଞ୍ଚସଖା ଗଜପତି
ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଆତ୍ମାର ବିଳାପ ପରି
ମନରେ ଜାଳଦେଶ ପ୍ରେମବହ୍ନି
ପ୍ରଜ୍ୱଳିତ କରଦେଶ ବିକାଶର ଅଗ୍ନି।

ନିଜଠାରୁ ଦାନବତ୍ୱ ଦୂରକରି
ଗଢ ସ୍ୱର୍ଣ୍ଣିମ ଭାରତର ଅଳକା ପୁରୀ
ଦେଖ ସମୟର ସାଇତା ଅପିହିତ
ଇତିହାସ ପୃଷ୍ଠାକୁ ଉନ୍ମାଦନା ଭରି।

ତୁମେ ସେଇ ବୀର ପ୍ରସବିନୀ
ମାଆର ଅମୃତ ସନ୍ତାନ ସନ୍ତତି
ପାରିବ ସତ ଇଚ୍ଛାରେ ପ୍ରାଣଭରି
ବିଜୟ ବୈଜୟନ୍ତ ସାରା ବିଶ୍ୱରେ
ଫର୍ଫରକରି।

ତୁମେ ହିଁ ପାରିବ ଲେଖି ନବଯୁଗ
ନିଷ୍କଳୁଷ ଇତିହାସ ଭୂଗୋଳ
ଆତଙ୍କ ଅରାଜକତାର କରି ଅନ୍ତ
ତୁମେ ହିଁ ମାନଦଣ୍ଡ କର୍ମଦଣ୍ଡ
ଭାଗ୍ୟଦଣ୍ଡ ଭାରତ ମାଆର
ଯୋଗ୍ୟତମ ଶାଶ୍ୱତ ଉପହାର।

ଯୁଗଟିଏ ଗଢ ମନକୁ ମିଶେଇ ମନରେ
ସାଧନାରେ ସମର୍ପଣରେ ବୁଦ୍ଧି ମତ୍ତାରେ
ଶୋଷଣକୁ କରି ଉତ୍ପାଟନ ସମୂଳେ
ଚଢି ନିର୍ଲିପ୍ତ ସମୟର ଛାତିରେ।



ଆଳସ୍ୟ ବିଳାସ ପରିତ୍ୟାଗ କରି
ନିଃସ୍ୱାର୍ଥ ସମାଜ ପାରିବ ତିଆରି
ଦୟା ସେବା ଦାନ ପରିବାରଠୁଁ ଆରମ୍ଭି
ଦେଖିବ ଖେଳିବ ପବନ ଆତ୍ମାରେ ଉଡି
ଶାଶ୍ୱତୀରେ ସ୍ୱତଃସ୍ଫୂର୍ତ୍ତ ବନ୍ଦେମାତରମ୍ ଧ୍ୱନି।


ଭୁବନେଶ୍ୱର
ମୋ-୯୪୩୯୨୧୧୯୬୧


## ବିଫଳ ପ୍ରେମ-ପ୍ରସଙ୍ଗ(୧)

ବନଜା ବିଶ୍ୱାଳ



ସମସ୍ତ ଅବସରରେ ସେମାନେ,
ଅତି ନିକଟତର ସମ୍ପର୍କରେ ବନ୍ଧା।
ଇଛା ନ ଥାଇ ବି ସାମୟିକ ଘଟଣାର,
ନିଷ୍କ୍ରିୟ ସାକ୍ଷୀ ହୋଇ ଉପସ୍ଥିତ।

ଆଖି ଫିଟିଲା ବେଳୁ ଦେଖି ଦେଖି,
ସ୍ୱତଃ ପ୍ରେମରେ ସମ୍ପର୍କରେ ବନ୍ଧା।
କିନ୍ତୁ ଏ ସମ୍ପର୍କର ଭିଡ଼ ବି ଅଦ୍ଭୁତ,
ମିଠା ବନ୍ଧନର ଡୋର ଗୁଡା ମିଛ !

ସମସ୍ତେ ଅଦୃଶ୍ୟ ଡୋରୀରେ,
ପରସ୍ପରକୁ ଭିଡ଼ି ଧରିଥିବା ବେଳେ... !
କେଉଁ ପ୍ରେମ ପ୍ରସଙ୍ଗଟା ସଫଳ ହେବ,
କିଏ କେମିତି ବିଚାର କରିପାରିବ ଅବା ?

ସମସ୍ତେ ନିଜର ଏଠି ପୁଣି ସମସ୍ତେ ଅଲଗା,
ଚିନ୍ତା ଚେତନାରେ, କର୍ମରେ, ସ୍ୱଭାବରେ।
ଘୃଣା ଶିଖାଉ ଥିବା ବ୍ୟକ୍ତି ବି ନିଜର,
ଘୃଣା ନିମିତ୍ତ ବଛାଯାଇଥିବା ବ୍ୟକ୍ତି ବି ନିଜର !

ସ୍ନେହ ପ୍ରେମ କାଙ୍ଗାଳ ହୃଦୟଟା ନିଃସଙ୍ଗ,
ବୁଢିଆଣୀ ଜାଲରେ ଛଟପଟ ଏଠି ସମ୍ପର୍କ।
କେମିତି ଚାଲିବ କାହାପ୍ରତି ସମର୍ପିତ ହେବ,
ନିଃସଙ୍ଗ ହୃଦୟର ଶାଶ୍ୱତ ପ୍ରେମ-ପ୍ରସଙ୍ଗ ?


ଦିଲ୍ଲୀ-୧୧୦୦୯୫
ମୋ-୮୧୪୪୫୫୭୪୬୧


## ରାୟ

ଡ. ଦୀପକ କୁମାର ମିଶ୍ର



ସମ୍ପର୍କର ସାହଚର୍ଯ୍ୟରେ ସାମିଲ ନଥିଲା ପ୍ରେମ
ଦୂର ଚକ୍ରବାଳରେ ଯାହା ଶୁଭୁଥିଲା
ତା ନଥିଲା କେଉଁ ପକ୍ଷିଣୀର ସ୍ୱର
କବାଟରେ ଯେଉଁ ଗର୍ଜୁଥିଲା ମୃଦୁ କରାଘାତ
ତାହା ଥିଲା
ଉଦ୍‌ଭ୍ରାନ୍ତ ମନର ଦିଗହରା ଦୁସ୍ଥ ପଥିକର ।

ସବୁ ସ୍ୟାହିରେ ଲେଖାଯାଏନି ପ୍ରେମ କବିତା
ସବୁ ସ୍ପର୍ଶରେ ନଥାଏ ସ୍ପନ୍ଦନ
ସବୁ କାହାଣୀରେ ନଥାଏ କମ୍ପନ
ବାସି ମିଳନର ବଦନାମ ବଦାନ୍ୟତାକୁ ପ୍ରେମ କହି
ମତେ ଭୁତେଇଚାଲିଲ ଜୀବନର ଏ ମୁଣ୍ଡରୁ ସେ ମୁଣ୍ଡ
।

ଏ କଥା ସତ ଯେ
ଦୀପଶିଖାକୁ ଫୁଙ୍କି ଲିଭେଇବା ବି ଗୋଟେ କଳା
ଓଠକୁ ଅଭଦ୍ର କହି
ଲୁଚାଯାଇପାରେ ଗୋଟେ ବଜ୍ଜାତ୍ ହୃଦୟର
ଲାଲ ଅପରାଧ ଫର୍ଦ୍ଦ ।

ଇସ୍ କହୁଥିବା ଆଖିରେ ଥାଇପାରେ ଘୃଣା ଅବା
ପ୍ରେମ
ଅବଶ୍ୟ ତୁମ ମନର ରହିତାଦେଶରେ
କାଳେ ପ୍ରେମ ଆଉ ମୁକୁଳିପାରୁନି ମିଛ ହାଜତରୁ।

ସତରେ ଆଉ ଇଚ୍ଛାନାହିଁ ହାଜରହେବାକୁ
ପ୍ରେମର କାଠକଡ଼ାରେ
ଦୟାକରି ଶୁଣେଇପାର ଏବେ
ତୁମେ ତୁମର ଏକପାଖିଆ ରାୟ ।


ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦


## !! ଆସ ମୁଁ ଶିଖାଇ ଦେବି !!

ଆସ , ମୁଁ ଶିଖାଇ ଦେବି
ଦୁଃଖ ଦରିଆରେ କେମିତି ପହଁରିବାକୁ ହୁଏ,
ଭୋକର ଜଠର ଭିତରେ
କେମିତି ନିଦକୁ ମନାଇ
ସ୍ୱପ୍ନର ସୌଧ ଗଢିହୁଏ ।

ଆସ ,ମୁଁ ଶିଖାଇ ଦେବି
ଫଗୁଣକୁ ଗୁମାନ କରି
ପ୍ରେମକୁ କେମିତି ଆହୂତି ଦେବାକୁ ହୁଏ ,
ଯୌବନକୁ ଜାଳି
ବିରହର ବିଧୁର ବେଳାରେ
ଲୁହକୁ ଲୁଚାଇବାକୁ ହୁଏ ।

ଆସ ମୁଁ ଶିଖାଇ ଦେବି
ପ୍ରତାରଣାର ବିଷ ପିଇ
କେମିତି ହସିବାକୁ ହୁଏ ,
ଛଳନାର ଜଉ ଘରେ
ତିମିର ଛାତିରେ
ଜାଗର ଜାଳିବାକୁ ହୁଏ ।

ଆସ ମୁଁ ଶିଖାଇ ଦେବି
ଅପବାଦର ନାଗରା ଶୁଣିବା ପରେ ବି
କେମିତି ଧୈର୍ଯ୍ୟର ବନ୍ଧ ବାନ୍ଧିବାକୁ ହୁଏ ,
ନିରବତାର ନହବତରେ
ପ୍ରେମର ପରିଭାଷା ବ୍ୟକ୍ତ କରିହୁଏ !





କୈଳାସ ଚନ୍ଦ୍ର ସାହାଣୀ

ଏବେ ଆସ,
ଖୁବ୍ ଧୀର ପଦପାତରେ ,
ସବୁରି ଅଲକ୍ଷରେ ମୋ ମନର ସବୁଜ ବନକୁ,
ମୁଁ ଶିଖାଇ ଦେବି
ଶାଶ୍ୱତ ପ୍ରେମର ଚଉପଦୀ
ପଦ୍ମ ପତ୍ରରେ ନୀର ପରି ଢଳଢଳ
ମରି ବଞ୍ଚିବାର ଅଦୃଶ୍ୟ କଳାକୁ !!


ବଡବିଲ, କେନ୍ଦୁଝର
୯୪୩୭୮୪୩୨୧୯


## ଶରଧାରେ ଗଲି ବଡ଼ ଦାଣ୍ଡକୁ ଲୋ

ହରିଶ୍ଚନ୍ଦ୍ର ବେହେରା



ଶରଧାରେ ଗଲି ବଡ଼ ଦାଣ୍ଡକୁ ଲୋ
ରଥଯାତ ଦେଖିବାକୁ
କାଳିଆ ଆଖିର ବାଙ୍କ ଚାହାଣି ତ
ବିନ୍ଧି ଦେଲା କଳିଜାକୁ ।।

ଦଉଡି ଧରିଲି ରଥ ଟାଣିବାକୁ
ଛିଣ୍ଡିଲା ପାଦୁ ପାଣ୍ଡୋଇ
ଡାହୁକ ଗୀତରୁ ରସ ଉଛୁଳିଲା
ଲାଜରେ ଗଲି ଗାଧୋଇ
ଘଣ୍ଟୁଆଙ୍କ ଘଣ୍ଟା କାହାଳି ମର୍ଦ୍ଦଳ
ପାଗଳ କଲା ଭକ୍ତଙ୍କୁ ।।

ଜୟଣା ତୁଳସୀ ବାସ ମହ ମହ
ଟାହିଆ ଦିଶୁଛି ତୋରା
ମାଉସୀ ଘରକୁ ଯିବେ ବୋଲି ଆହା
କି ଆକୁଳ ଚିତ୍ତ ଚୋରା
ଭାଇ ଭଉଣୀଙ୍କୁ ଆଣିଲେ ସାଥିରେ
ଛାଡି ବିଚାରି ଲକ୍ଷ୍ମୀଙ୍କୁ ।।

ଅଭିମାନ ଭରେ ଲକ୍ଷ୍ମୀଙ୍କ ଆଖିରୁ
ସେଦିନୁ ଝରଇ ଲୁହ
ହେରା ପଞ୍ଚମୀରେ ଯିବେ ଗୁଣ୍ଡିଚାକୁ
ବଡ଼ ଦାଣ୍ଡ ଗହ ଗହ

ସେବକ ସଙ୍ଗତେ କ୍ରୋଧଭର ହୋଇ
ଭାଙ୍ଗିବେ ନନ୍ଦିଘୋଷକୁ ।।


କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮


## ‘ଜହ୍ନ’ ବି ଆସିନି ହାତେ.....

ପୀୟୂଷ ପଟ୍ଟନାୟକ

ସଙ୍ଗୋପନେ ‘ଜହ୍ନ’ କହେ, କିଛି କଥା ତାରା ସବୁ ଶୁଣି
ମୋ ଆଗରେ ବଖାଣନ୍ତି ସେ କଥାର ଅବୋଧ ସାରଣୀ,
ମୁଁ ଜାଣେ ସେ କଥା ସବୁ ‘ଜହ୍ନ’ ମନ ଅବୁଝା ଯନ୍ତ୍ରଣା
ଦିନେ କେବେ ଏକାନ୍ତରେ କହିଥିଲା ହୃଦୟ ବେଦନା ।

ସେଇଭଳି କିଛି କଥା ତୁମେ ଦିନେ ମୋତେ ବି ପଚାର
ତୁମକୁ ପାରେନି କେବେ ବୁଝାଇ ମୋ ସରଳ ଉତ୍ତର,
ଚାହିଁଲନି ବୁଝିବାକୁ ସେ ଉତ୍ତର, ବିତେ ରାତି ଦିନ
ବୁଝାଇ ପାରିବ ବୋଧେ ‘ଜହ୍ନ’, ତୁମ ଅସଂହତ ମନ ।

ସେଦିନୁ ଖୋଜୁଛି ‘ଜହ୍ନ’,‘ଜହ୍ନ’ କିନ୍ତୁ ଦେଉନିତ ଧରା
ବିତିଲାଣି କେତେ ବର୍ଷ, କେତେଦିନ କେତେ ଋତୁ ପରା,
ସମୟର ଆବର୍ତ୍ତନେ ତୁମେବି ତ କାହିଁ ହଜିଗଲ
ଉଦାସ ହୃଦୟେ କିବା ଅଭିମାନେ ଶୋଇକି ପଡ଼ିଲ !

ଶୋଇଗଲ,ଏତେ ନିଦ ଉଠିବାର ନାଁଆ ନେବ ନାହିଁ
‘ଜହ୍ନ’ ବି ଆସିନି ହାତେ ସେ ଭାଷାକୁ ବୁଝାଇବା ପାଇଁ ।




ମୋ-୭୫୦୬୧୮୯୦୩୦


## ମୋ ମାଟି, ମୋ ମାତୃଭୂମି

ଡ. ସନ୍ତୋଷ କୁମାର ପଣ୍ଡା

ତୁମେ କେବଳ ଧୂଳି-ମାଟିର ସୀମାରେଖା ନୁହଁ,
ତୁମେ ଯୁଗ ଯୁଗର ଚେତନା,
ଜନ୍ମଜନ୍ମାନ୍ତରର ପୁଣ୍ୟ ଆଶୀର୍ବାଦ
ହେ ମୋର ଭାରତମାତା।

ଉତ୍ତୁଙ୍ଗ ହିମାଳୟର ଧବଳ ଶିଖର
ତୁମର ଶାଶ୍ୱତ ମୁକୁଟ ହୋଇ
ଝଲସୁଛି ଉଚ୍ଚ ଆକାଶରେ,
ଆଉ ନୀଳ ସିନ୍ଧୁର ତରଙ୍ଗ
ନିରନ୍ତର ଧୋଇଦେଉଛି
ତୁମର ଅଭୟ ଚରଣ।

ଗଙ୍ଗା, ଯମୁନା, ସରସ୍ୱତୀ ଆଦି
ପୁଣ୍ୟ ନଦୀର କଳକଳ ଧାରାରେ
ବୋହିଯାଏ ଅମୃତର ମନ୍ତ୍ର,
ଜୀବନକୁ ପବିତ୍ର କରିବାର ଚିରନ୍ତନ ଗାଥା।

ତୁମେ ସେହି ମହାତୀର୍ଥ,
ଯେଉଁଠି ବଦ୍ରି-କେଦାରରୁ ରାମେଶ୍ୱରମ୍ ଯାଏଁ,
କାମାକ୍ଷାରୁ ଦ୍ୱାରକା ଯାଏଁ
କାଶୀର ଆଳତିଠାରୁ
ନୀଳାଚଳର ଅଣସର ପିଣ୍ଡି ଯାଏଁ,
ଗୁଞ୍ଜରିତ ହୁଏ ଏକତାର ଏକକ ସ୍ପନ୍ଦନ।

ନଦୀ, ସାଗର,ପର୍ବତ, ମଠ, ମନ୍ଦିର
ପ୍ରତିଟି ଶ୍ରଦ୍ଧା କେନ୍ଦ୍ରରେ
ଆଶ୍ରୟ ପାଏ ବିଶ୍ୱର ବିଶାଳ ହୃଦୟ।

ଏ ମାଟିର ପ୍ରତିଟି ରେଣୁରେ ଲେଖା ଅଛି
ଋଷି-ମୁନିଙ୍କ ତପସ୍ୟା,
ତ୍ୟାଗୀର ଆହୁତି ଆଉ
ବୀର ସନ୍ତାନଙ୍କ ରକ୍ତରାଗ।

କେତେ ଆକ୍ରମଣ, କେତେ ଝଡ଼ଝଞ୍ଜା
ତୁମ ବକ୍ଷକୁ ବିଦ୍ଧ କରିଛି,
କିନ୍ତୁ ତୁମେ ନଇଁଯାଇନ କେବେହେଲେ;
ତୁମ ଅନ୍ତରର ଜ୍ଞାନ-ଅଗ୍ନି
କୋଣାର୍କର କାରୁକାର୍ଯ୍ୟରେ,
ବେଦ ଓ ଗୀତାର ଶ୍ଳୋକରେ,
ଶାନ୍ତି ଓ କରୁଣାର ବାର୍ତ୍ତାରେ
ଅକ୍ଷୁଣ୍ଣ ରହିଛି ଆଜି ବି।

ହେ ଜନନୀ,
ତୁମରି କୋଳରେ ଜନ୍ମ ନେବା ହିଁ
ମୋର ପରମ ସୌଭାଗ୍ୟ,
ମୋ ରକ୍ତର ପ୍ରତିଟି ଟୋପାରେ
ତୁମରି ସ୍ୱାଭିମାନର ନିଆଁ ଜଳୁଥାଉ,
ମୋ କର୍ମ, ମୋ ସ୍ୱପ୍ନ, ମୋ ଶେଷ ନିଃଶ୍ୱାସ
ତୁମରି ଗୌରବର ଚରଣ ତଳେ
ସମର୍ପିତ ହୋଇ ରହୁ ଚିରକାଳ।

ତୁମେ ହିଁ ମୋ ଧର୍ମ, ତୁମେ ହିଁ ମୋ କର୍ମ,
ତୁମେ ହିଁ ତ ମୋର ପରମ ଆରାଧ୍ୟ,
ହେ ମୋର ପୁଣ୍ୟଭୂମି ଭାରତ,
ହେ ମୋର ମୋକ୍ଷ ଭୂମି ଭାରତ,
ମଥା ମୋର ଲୋଟୁଥାଉ
ତୋ ପାଦରେ ଅବିରତ।


କଟକ
ମୋ-୮୨୪୯୦୨୧୪୨୪

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୮ ସେପ୍ଟେମ୍ବର, ଶୁକ୍ରବାର, ୨୦୨୬


# ୩୦ ବଲରେ ୧୦୦ : ବିଶ୍ୱ ରେକର୍ଡ କଲେ ଅଭିଷେକ ଶର୍ମା



**ନୂଆଦିଲ୍ଲୀ**

ଆଫଗାନିସ୍ତାନ ବିପକ୍ଷ ତୃତୀୟ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅଭିଷେକ ଶର୍ମା ମାତ୍ର ୩୦ଟି ବଲରେ ଶତକ ହାସଲ କରିଛନ୍ତି। ଏହି ସଫଳତା ସହିତ ସେ ଭାରତ ପାଇଁ ଏହି ଫର୍ମାଟରେ ଦ୍ରୁତତମ ଶତକ ହାସଲକାରୀ ଖେଳାଳି ହୋଇପାରିଛନ୍ତି। ନିଜ ଶତକ ପୂରଣ କରିବା କ୍ରମରେ ସେ ୯ଟି ଚୌକା ଓ ୧୦ଟି ଛକା ମାରିଥିଲେ। ପୂର୍ବରୁ ଭାରତ ପାଇଁ ଦ୍ରୁତତମ ଟି-୨୦ ଶତକର ରେକର୍ଡ ରୋହିତ ଶର୍ମାଙ୍କ ନାମରେ ଥିଲା, ଯିଏ ୩୫ଟି ବଲରେ ଶତକ ହାସଲ କରିଥିଲେ। ସମ୍ପୂର୍ଣ୍ଣ ରେକର୍ଡକୁ ଦେଖିଲେ, ଏହି ଫର୍ମାଟରେ ଦ୍ରୁତତମ ଶତକର ରେକର୍ଡ ଏଷ୍ଟୋନିଆର ସାହିଲ ଚୌହାନଙ୍କ ନାମରେ ରହିଛି; ସେ ୨୦୨୪ରେ ସାଇପ୍ରସ ବିପକ୍ଷରେ ମାତ୍ର ୨୭ଟି ବଲରେ ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ତୁର୍କୀର ମହମ୍ମଦ ଫହାଦ ମୌଦୁଦ ୨୯ଟି ବଲରେ ଶତକ ହାସଲ କରି ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବର୍ତ୍ତମାନ ଅଭିଷେକ ଏହି ତାଲିକାର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତେବେ ଏହା ଉଲ୍ଲେଖନୀୟ ଯେ ଅଭିଷେକ 'ଫୁଲ ମେମ୍ବର' (ପୂର୍ଣ୍ଣ ସଦସ୍ୟ) ଦଳଗୁଡ଼ିକ ମଧ୍ୟରେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଦ୍ରୁତତମ ଶତକ ହାସଲକାରୀ ଖେଳାଳି ହୋଇଛନ୍ତି, କାରଣ ସାହିଲ ଓ ଫହାଦ ଯେଉଁ ଦଳର ପ୍ରତିନିଧିତ୍ୱ କରନ୍ତି ସେଗୁଡ଼ିକର 'ଫୁଲ ମେମ୍ବର' ମାନ୍ୟତା ନାହିଁ।

ମାତ୍ର ୩୦ଟି ବଲରେ ଶତକ ହାସଲ କରିବା ପରେ, ୯ଟି ଚୌକା ଓ ୧୧ଟି ଛକା ସହାୟତାରେ ୩୪ଟି ବଲରୁ ୧୦୮ ରନ ସଂଗ୍ରହ କରି ଅଭିଷେକ ପାଭିଲିଅନକୁ ଫେରିଲେ। ସୂଚନାଯୋଗ୍ୟ, ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଅଭିଷେକ ଏକ ଶତକ ହାସଲ କରିଛନ୍ତି। ସେ ମାତ୍ର ୩୦ଟି ବଲରେ ଏହି ମାଇଲଖୁଣ୍ଟ ଅତିକ୍ରମ କରି ଟି୨୦ ଫର୍ମାଟରେ ଭାରତ ପାଇଁ ସବୁଠାରୁ ଦ୍ରୁତ ଶତକ ହାସଲକାରୀ ଖେଳାଳି ହୋଇପାରିଛନ୍ତି। ସେ ରୋହିତ ଶର୍ମାଙ୍କ ରେକର୍ଡକୁ ପଛରେ ପକାଇ ଦେଇଛନ୍ତି, ଯିଏକି ୨୦୧୭ ମସିହାରେ ଶ୍ରୀଲଙ୍କା ବିପକ୍ଷରେ ୩୫ଟି ବଲରେ ଶତକ ହାସଲ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଲେ ପ୍ରମୁଖ କ୍ରୀଡ଼ାବିତ୍

**ନୂଆଦିଲ୍ଲୀ**

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ୭୬ତମ ଜନ୍ମଦିନ ପାଳନ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଏହି ଜନ୍ମଦିନ ଅବସରରେ ଦେଶ ଓ ବିଦେଶରେ ଥିବା ତାଙ୍କ ସମର୍ଥକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି। ଗୁରୁବାର ତାଙ୍କ ଜନ୍ମଦିନକୁ କେବଳ ବିଜେପି ଦଳ କିମ୍ବା ତାଙ୍କ ସମର୍ଥକମାନେ ପାଳନ କରୁନାହାନ୍ତି, ବରଂ କ୍ରୀଡ଼ା ଜଗତର ବଡ଼ ବଡ଼ ବ୍ୟକ୍ତିତ୍ୱମାନେ ମଧ୍ୟ ତାଙ୍କ ଜନ୍ମଦିନ ପାଳନ କରୁଛନ୍ତି।

ଭାରତର ଅନେକ ବଡ଼ ବଡ଼ ଖେଳାଳି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଙ୍କ ଜନ୍ମଦିନ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ଏଥିରେ ପୂର୍ବତନ କ୍ରିକେଟର ସଚିନ୍ ତେନ୍ଦୁଲକର, ଗୌତମ ଗମ୍ଭୀର, ଯୁବରାଜ ସିଂଙ୍କ ସମେତ ପି.ଟି. ଉଷା ଏବଂ ସାଇନା ନେହୱାଲଙ୍କ ଭଳି କ୍ରୀଡ଼ା ଜଗତର ବଡ଼ ବଡ଼ ହସ୍ତିମାନେ ସାମିଲ ଅଛନ୍ତି।

ମହାନ ଖେଳାଳି ସଚିନ୍ ତେନ୍ଦୁଲକର ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଲେଖିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା। ଦେଶ ପ୍ରତି ଆପଣଙ୍କର ଅକ୍ଳାନ୍ତ ପରିଶ୍ରମ ଓ ସମର୍ପଣ ଆମ ସମସ୍ତଙ୍କୁ ସଦାବେଳେ ପ୍ରେରଣା ଯୋଗାଉଛି। ଭାରତକୁ ନୂତନ ଉଚ୍ଚତାକୁ ନେବାରେ ଆପଣଙ୍କ



ମାର୍ଗଦର୍ଶନ ଜାରି ରହୁ ଏବଂ ଆପଣଙ୍କର ଦୀର୍ଘାୟୁ, ସୁସ୍ଥ ଜୀବନ ତଥା ସୁଖ ସମୃଦ୍ଧି ପାଇଁ ମୁଁ ପ୍ରାର୍ଥନା କରୁଛି।'

ଭାରତର ପୂର୍ବତନ କ୍ରିକେଟର ତଥା ଟିମ୍ ଇଣ୍ଡିଆ ମୁଖ୍ୟ କୋଚ୍ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇ ଲେଖିଛନ୍ତି, 'ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ସୁସ୍ଥ ଓ ସୁଖମୟ ଜୀବନ କାମନା କରୁଛି। ଆପଣ ଭାରତକୁ ଏକ ଗୌରବମୟ ଭବିଷ୍ୟତ ଆଡ଼କୁ ଏହିପରି ଭାବରେ ଆଗେଇ ନେଉଥାନ୍ତୁ।'

ଭାରତୀୟ ପୂର୍ବତନ ଦିଗ୍ଗଜ କ୍ରିକେଟ୍ ଖେଳାଳି ଯୁବରାଜ ସିଂ ଲେଖିଛନ୍ତି, 'ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା। ଏକ ସୁଦୃଢ଼ ଏବଂ ଅଧିକ ପ୍ରଗତିଶୀଳ ଭବିଷ୍ୟତ ଆଡ଼କୁ ଭାରତର ଯାତ୍ରାକୁ ଆପଣଙ୍କ ନେତୃତ୍ୱ ନିରନ୍ତର ରୂପ ଦେଉଛି। ଆଗାମୀ ବର୍ଷ ଆପଣଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଏବଂ ନିରନ୍ତର ସଫଳତା ନେଇ ଆସୁ, ଏହା ହିଁ କାମନା।'

ଭାରତୀୟ ପୂର୍ବତନ କ୍ରିକେଟ୍ ଖେଳାଳି ସୁରେଶ ରୈନା ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇ ଲେଖିଛନ୍ତି, 'ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା! ଭଗବାନ ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଶକ୍ତି ଏବଂ ସୁଖ ପ୍ରଦାନ କରନ୍ତୁ। ଦେଶ ପ୍ରତି ଆପଣଙ୍କର ସମର୍ପଣ କୋଟି କୋଟି ଲୋକଙ୍କୁ ଏହିପରି ପ୍ରେରଣା ଦେଉଥାଉ ଏବଂ ଭାରତକୁ ପ୍ରଗତି, ଗୌରବ ଓ ପ୍ରତିଷ୍ଠାର ଏକ ନୂତନ ଉଚ୍ଚତାକୁ ନେଇଯାଉ। ଜୟ ହିନ୍ଦ!'

ଭାରତୀୟ ପୂର୍ବତନ ଭେଟେରାନ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇ ଲେଖିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଜନ୍ମଦିନ ଅବସରରେ ପ୍ରାର୍ଥନା ଓ ଶୁଭକାମନା ସହ ସେବା ଦିବସରେ ଆଶୀର୍ବାଦର ଦୀପ ପ୍ରଜ୍ୱଳିତ କରୁଛି। ନରେନ୍ଦ୍ର ମୋଦି ଜୀ ସେବା, ସମର୍ପଣ ଏବଂ ଏକ ସୁଦୃଢ଼ ଭାରତ ଗଠନର ଆଲୋକ ଏହିପରି ଭାବରେ ସଦାବେଳେ ପ୍ରଜ୍ୱଳିତ ହେଉଥାଉ।'

ଭାରତୀୟ ଅଲମ୍ପିକ ସଂଘ ଅଧ୍ୟକ୍ଷ ପିଟି ଉଷା ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ସେ ଏକ ଫଟୋ ସେୟାର କରି ଲେଖିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା। ଆପଣଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଆମ ଦେଶକୁ ଅଧିକ ଶାନ୍ତି, ସମୃଦ୍ଧି ତଥା ପ୍ରଗତି ପଥରେ ଆଗେଇ ନେବା ପାଇଁ ଆପଣଙ୍କୁ ନିରନ୍ତର ଶକ୍ତି ମିଳୁ, ଏହା ହିଁ ମୋର ପ୍ରାର୍ଥନା।'

ଏହା ସହିତ ପୂର୍ବତନ କ୍ରିକେଟର ତଥା କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ଆସୋସିଏସନର ସଭାପତି ଭେଙ୍କଟେଶ ପ୍ରସାଦ ଏକ୍ସ (ଟ୍ୱ) ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି। ସେ ଲେଖିଛନ୍ତି, 'ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା। ଆପଣଙ୍କର ଶକ୍ତି, ଶୃଙ୍ଖଳା ଏବଂ ଦେଶ ପ୍ରତି ଥିବା ଅତୁଟ ପ୍ରତିବଦ୍ଧତା ପ୍ରକୃତରେ ପ୍ରେରଣାଦାୟୀ ଅଟେ। ଭଗବାନ ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଶକ୍ତି ଏବଂ ଆମ ଦେଶର ସେବା ପାଇଁ ଆହୁରି ଅନେକ ବର୍ଷ ପ୍ରଦାନ କରନ୍ତୁ।'

# ଜୟ ଶାହାଙ୍କ ଟିମ୍‌ରେ ତୱେଙ୍ଗୱା ମୁକୁହଲାନିଙ୍କୁ ମିଳିଲା ବଡ଼ ଦାୟିତ୍ୱ



**ନୂଆଦିଲ୍ଲୀ**

ଜିମ୍ବାୱେ କ୍ରିକେଟକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଇଣ୍ଟରନ୍ୟାସନାଲ କ୍ରିକେଟ୍ କାଉନସିଲ୍ (ଆଇସିସି) ତୱେଙ୍ଗୱା ମୁକୁହଲାନିଙ୍କୁ ଡେପୁଟି ଚେୟାରମ୍ୟାନ୍ ଭାବେ ନିଯୁକ୍ତ କରିଛି। ତାଙ୍କ କାର୍ଯ୍ୟକାଳ ୧୪ ମାସ ରହିବ ଏବଂ ସେ ନଭେମ୍ବର ୨୦୨୭ ପର୍ଯ୍ୟନ୍ତ ଏହି ପଦରେ ରହିବେ।

ମୁକୁହଲାନି ବର୍ତ୍ତମାନ ଜିମ୍ବାୱେ କ୍ରିକେଟ୍‌ର ଚେୟାରମ୍ୟାନ୍ ଅଛନ୍ତି। ଏଥିସହ ସେ ଆଇସିସି ବୋର୍ଡରେ ଜିମ୍ବାୱେର ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ନିଯୁକ୍ତି ଆଫ୍ରିକୀୟ କ୍ରିକେଟ୍ ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ହୋଇଛି। ୨୦୨୭ କ୍ରିକେଟ୍ ବିଶ୍ୱକପ୍‌କୁ ଜିମ୍ବାୱେ, ଦକ୍ଷିଣ ଆଫ୍ରିକା ଓ ନାମିବିଆ ମିଳିତ ଭାବେ ଆୟୋଜନ କରିବେ।

ଆଇସିସି ଚେୟାରମ୍ୟାନ୍ ଜୟ ଶାହା ମୁକୁହଲାନିଙ୍କୁ ନୂଆ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଜୟ ଶାହା କହିଛନ୍ତି ଯେ, କ୍ରିକେଟ୍ ପ୍ରଶାସନରେ ମୁକୁହଲାନିଙ୍କ ଅଭିଜ୍ଞତା, ଖେଳର ବିଶ୍ୱସ୍ତରୀୟ ବୁଝାମଣା ଏବଂ କ୍ରିକେଟ୍‌ର ବିକାଶ ପ୍ରତି ତାଙ୍କ ପ୍ରତିବଦ୍ଧତା ଆଇସିସି ବୋର୍ଡ ପାଇଁ ମୂଲ୍ୟବାନ ହେବ। ମୁକୁହଲାନି ତାଙ୍କ ସହକର୍ମୀ ଡାଇରେକ୍ଟରମାନଙ୍କ ବିଶ୍ୱାସ ହାସଲ କରିଛନ୍ତି। କ୍ରିକେଟ୍‌କୁ ଅଧିକ ଦେଶ ଓ ନୂଆ ଦର୍ଶକଙ୍କ ନିକଟରେ ପହଞ୍ଚାଇବା ସହ ଖେଳର ବିକାଶ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବାରେ ତାଙ୍କ ସହ ମିଶି କାମ କରିବାକୁ ସେ ଆଗ୍ରହୀ ବୋଲି କହିଛନ୍ତି।

ତୱେଙ୍ଗୱା ମୁକୁହଲାନି ଆଇସିସିର ଡେପୁଟି ଚେୟାରମ୍ୟାନ୍ ପଦରେ ନିଯୁକ୍ତ ହେବାରେ ପ୍ରଥମ ଜିମ୍ବାୱେ ନାଗରିକ ହୋଇଛନ୍ତି। ଜୟ ଶାହା ମଧ୍ୟ ଏହାକୁ ଜିମ୍ବାୱେ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କହିଛନ୍ତି। ନୂଆ ଦାୟିତ୍ୱ ନେଇ ମୁକୁହଲାନି କହିଛନ୍ତି ଯେ ଆଇସିସି ବୋର୍ଡର ଡାଇରେକ୍ଟରମାନେ ତାଙ୍କ ଉପରେ ଭରସା ରଖିଥିବାରୁ ସେ ସମ୍ମାନିତ ଅନୁଭବ କରୁଛନ୍ତି। ଡେପୁଟି ଚେୟାରମ୍ୟାନ୍ ଭାବେ ସେ ଜୟ ଶାହାଙ୍କ ସହ ମିଶି କାମ କରିବାକୁ ଆଗ୍ରହୀ ବୋଲି କହିଛନ୍ତି।

କ୍ରିକେଟ୍‌କୁ ଅଧିକ ବ୍ୟାପକ କରିବା, ଆଇସିସି ସଦସ୍ୟଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବା ଏବଂ ନୂଆ ଦର୍ଶକ ଓ ବଜାରରେ ଖେଳକୁ ପହଞ୍ଚାଇବା ଉପରେ ଧ୍ୟାନ ଦେଇ କାମ କରିବେ ବୋଲି ସେ କହିଛନ୍ତି।

# ଆଫଗାନିସ୍ତାନକୁ ୧୨୭ ରନରେ ହରାଇଲା ଭାରତ

**ନୂଆଦିଲ୍ଲୀ**

ଗୁରୁବାର ଖେଳା ଯାଇଥିବା ତୃତୀୟ ତଥା ଶେଷ ଟି-୨୦ ମ୍ୟାଚ୍‌କୁ ଭାରତ ୧୨୭ ରନର ବିଶାଳ ବ୍ୟବଧାନରେ ଜିତି ନେଇଛି। ଅଭିଷେକ୍ ଶର୍ମାଙ୍କ ଧୁଆଁଧାର ଶତକ ବଳରେ ଭାରତ ୨୨୨ ରନର ଟାର୍ଗେଟ୍ ଦେବା ପରେ ଆଫଗାନିସ୍ତାନ ଦଳକୁ ୧୪.୧ ଓଭରରେ ମାତ୍ର ୯୪ ରନରେ ଅଲଆଉଟ୍ କରିଛି। ଆଫଗାନିସ୍ତାନ ପକ୍ଷରୁ ଅଧିନାୟକ ଇବ୍ରାହିମ୍ ଜାଦ୍ରାନ୍ ସର୍ବାଧିକ ୨୫ ରନ୍ କରିଥିବା ବେଳେ ରହମାନୁଲ୍ଲା ଗୁରବାଜ୍ (୧୫), ଅଜମତୁଲ୍ଲା ଓମରଜାଇ (୧୭) ଏବଂ ନୂର୍ ଉଲ୍ ରହମାନ୍ (୧୧) ହିଁ ଦୁଇ ଅଙ୍କ ଛୁଇଁବାରେ ସଫଳ ହୋଇ ଥିଲେ। ରାଶିଦ୍ ଖାନ୍ ୬ ରନ୍ ଏବଂ ସେଦିକୁଲ୍ଲା ଅଟଲ୍ ୧ ରନ୍ କରି ଥିଲେ। ଭାରତ ପାଇଁ ରବି ବିଷ୍ଣୋଇ ଏବଂ ନୀତିଶ କୁମାର ରେଡ୍ଡୀ ୩-୩ଟି ୱିକେଟ୍ ଅକ୍ତିଆର କରି ପାରି ଥିଲେ। ନୀତିଶ ଗୋଟିଏ ଓଭରରେ ହିଁ ତିନୋଟି ୱିକେଟ୍ ହାସଲ କରି ଥିଲେ। ଅକ୍ଷର ପଟେଲଙ୍କୁ ୨ଟି ଏବଂ ଯଶ ଠାକୁର ଓ ଜସପ୍ରୀତ ବୁମ୍ରାଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳି ଥିଲା।



ଏହା ପୂର୍ବରୁ ଭାରତ ୭ ୱିକେଟ୍ ହରାଇ ୨୨୧ ରନ୍ ସଂଗ୍ରହ କରି ଥିଲା। ଅଭିଷେକ୍ ଶର୍ମାଙ୍କ ବ୍ୟାଟରୁ 'ଶତକୀୟ ଝଡ଼' ଦେଖିବାକୁ ମିଳି ଥିଲା। ସେ ସଞ୍ଜୁ ସାମସନଙ୍କ ସହ ମିଶି ୧୪୨ ରନର ଓପନିଂ ପାର୍ଟନରସିପ୍ କରି ଥିଲେ। ଅଭିଷେକ୍ ୩୪ ବଲରେ ୧୦୮ ରନ୍ କରିଥିଲେ, ଯେଉଁଥିରେ ୯ଟି ଚୌକା ଏବଂ ୧୧ଟି ଛକା ସାମିଲ ଥିଲା। ସେ ଦଶମ ଓଭରରେ ରାଶିଦ୍ ଖାନଙ୍କ ଶିକାର ହୋଇ ଥିଲେ। ସେ ମାତ୍ର ୩୦ ବଲରେ ଶତକ ହାସଲ କରି ଇତିହାସ ରଚିଛନ୍ତି। ସେ ଟି-୨୦ ଇଣ୍ଟରନ୍ୟାସନାଲରେ ଫୁଲ୍ ମେମ୍ବର ଟିମ୍ ପକ୍ଷରୁ ସବୁଠାରୁ ଦ୍ରୁତ ଶତକ ମାରିଥିବା ଖେଳାଳି ହୋଇ ପାରିଛନ୍ତି।

ତାଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା ତିଳକ ବର୍ମା (୫ ବଲରେ ୨) ରନ୍ ଆଉଟ୍ ହୋଇ ଯାଇ ଥିଲେ। ସାମସନ୍ ୩୫ ବଲରେ ୫୦ ରନର ଯୋଗଦାନ ଦେଇଥିଲ। ତାଙ୍କ ବ୍ୟାଟରୁ ୨ଟି ଚୌକା ଓ ୪ଟି ଛକା ବାହାରି ଥିଲା। ସାମସନ୍ ୧୪ଶ ଓଭରରେ ଆଉଟ୍ ହୋଇଥିଲେ। ଶିବମ୍ ଦୁବେ (୧୦ ବଲ ୧୪), ନୀତିଶ କୁମାର ରେଡ୍ଡୀ (୪ ବଲରେ ୧) ଏବଂ ଇଶାନ୍ କିଶନ୍ (୮ ବଲରେ ୧୦) ବିଶେଷ କିଛି କମାଲ୍ କରି ପାରି ନଥିଲେ। ଇଶାନ୍ ରନ୍ ଆଉଟ୍ ହୋଇଥିଲେ। ଅଧିନାୟକ ଶ୍ରେୟସ ଆୟର ମଧ୍ୟ ରନ୍ ଆଉଟ୍ ହୋଇ ପାଭିଲିୟନ୍ ଫେରିଥିଲେ। ସେ ୨୦ ବଲରେ ୨ଟି ଛକା ସହାୟତାରେ ୨୦ ରନ୍ ସଂଗ୍ରହ କରିଥିଲେ। ଅକ୍ଷର ପଟେଲ୍ ୫ ରନ୍ କରି ଅପରାଜିତ ରହିଥିଲେ।

ଆଫଗାନିସ୍ତାନ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରି ଥିଲା। ଆଫଗାନିସ୍ତାନ ଦଳରେ ଦୁଇଟି ପରିବର୍ତ୍ତନ କରିଥିଲା। ଗୁଲବଦୀନ୍ ଏବଂ ନୂର୍ ଅହମ୍ମଦଙ୍କ ସ୍ଥାନରେ ନୂର୍ ଉଲ୍ ରହମାନ୍ ଓ ଅବଦୁଲ୍ଲା ଅହମ୍ମଦଜାଇ ଦଳକୁ ଆସି ଥିଲେ। ଅପରପକ୍ଷରେ, ୧୫ ବର୍ଷୀୟ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ଲେଇଂ ଏଲେଭେନରେ ସୁଯୋଗ ମିଳି ନଥିଲା। ଭାରତ କେବଳ ଗୋଟିଏ ପରିବର୍ତ୍ତନ କରିଥିଲା, ଅର୍ଶଦୀପ ସିଂହଙ୍କ ସ୍ଥାନରେ ଯଶ ଠାକୁରଙ୍କୁ ସୁଯୋଗ ମିଳି ଥିଲା।

# ଏଏଫ୍‌ସି ଚାମ୍ପିଅନ୍ସ ଲିଗ୍-୨ : ଇଷ୍ଟ ବେଙ୍ଗଲକୁ ଐତିହାସିକ ପଏଣ୍ଟ୍

**ଅମାନ**

ଏସିଆର ଦ୍ୱିତୀୟ ସ୍ତରୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ଚଳିତ ଏଏଫ୍‌ସି ଚାମ୍ପିଅନ୍ସ ଲିଗ୍ (ଏସିଏଲ)ରେ ଇଷ୍ଟ ବେଙ୍ଗଲ ଏଫ୍‌ସି ଐତିହାସିକ ପଏଣ୍ଟ୍ ଅର୍ଜନ କରିଛି। ଗ୍ରୁପ୍-ଡି'ରେ ନିଜର ପ୍ରଥମ ମ୍ୟାଚ୍‌କୁ ଇଷ୍ଟ ବେଙ୍ଗଲ ଅମୀମାଂସିତ ରଖି ୧ ପଏଣ୍ଟ୍ ପାଇଛି। ଜୋର୍ଡାନ୍ ପ୍ରୋ ଲିଗ୍ ବିଜେତା ଅଲ୍ ହୁସେନ୍ ଏସ୍‌ସି ବିପକ୍ଷ ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଆଇଏସ୍ଏଲ୍ ବିଜେତା ଇଷ୍ଟ ବେଙ୍ଗଲ ଚମତ୍କାର ଖେଳି ୨ ଗୋଲ୍‌ରେ ଆଗରେ ରହିଥିଲା। ଏହି ଦୁଇ ଗୋଲ୍ ଦଳ ପକ୍ଷରୁ ଡାନିଏଲ୍ ରାମିରେଜ (୯ ମିନିଟ୍) ଓ ଅନୱାର ଅଲୀ (୪୦ ମିନିଟ୍) ଦେଇଥିଲେ। ହେଲେ ଦ୍ୱିତୀୟାର୍ଦ୍ଧରେ ଇଷ୍ଟ ବେଙ୍ଗଲ ଧିମା ପଡ଼ି ଯାଇଥିଲା। ଅନ୍ୟପକ୍ଷରେ ନିଜ ଘରୋଇ ପଡ଼ିଆ ଅମାନ ଇଣ୍ଟରନ୍ୟାସ୍‌ନାଲ୍ ଷ୍ଟାଡିୟମ୍‌ରେ ଖେଳୁଥିବା ଅଲ୍ ହୁସେନ୍ ଏଫ୍‌ସି ସଫଳ ପ୍ରତ୍ୟାବର୍ତ୍ତନ କରି ୨ ଗୋଲ୍ ଲଦି ମ୍ୟାଚ୍ ଅମୀମାଂସିତ ରଖିଥିଲା। ଏହି ଦୁଇ ଗୋଲ୍ ଘରୋଇ ଦଳ ପକ୍ଷରୁ ମହମ୍ମଦ ଅଲ୍ ମାର୍ଡି (୬୧ ମିନିଟ୍) ଓ ଅହମ୍ମଦ ଆସାଫ୍ (୮୭ ମିନିଟ୍) କରିଥିଲେ। ଫଳରେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟରେ ସନ୍ତୁଷ୍ଟ ରହିଥିଲେ। ଏଥିସହ ୨୦୨୪-୨୫ରେ ଏସିଏଲ୍ ପୁନଃବ୍ରାଣ୍ଡ ହେବାପରେ ଏସିଆର ଏହି ଦ୍ୱିତୀୟ ସ୍ତରୀୟ ପୁରୁଷ ଫୁଟ୍‌ବଲ୍ ପ୍ରତିଯୋଗିତାରେ ପ୍ରଥମ ଭାରତୀୟ ଦଳ ଭାବେ ଇଷ୍ଟ ବେଙ୍ଗଲ ପ୍ରଥମ ପଏଣ୍ଟ ଅର୍ଜନ କରିବାର ଗୌରବ ପାଇଥିଲା। ଇଷ୍ଟ ବେଙ୍ଗଲ ନିଜର ପରବର୍ତ୍ତୀ ମ୍ୟାଚ୍ କୋଲକାତାର ବିବେକାନନ୍ଦ ଯୁବ ଭାରତୀୟ କ୍ରୀଡ଼ାଙ୍ଗନଠାରେ ଅକ୍ଟୋବର ୧୩ ତାରିଖରେ ଇରାକ୍‌ର ଅଲ୍ ସୋର୍ଟା ଏସ୍‌ସି ବିପକ୍ଷରେ ଖେଳିବ।

# ପଡ଼ିଆରେ ଗୋଟିଏ ବି ବଲ୍ ନଖେଳି ଏସିଆନ୍ ଗେମ୍ସ ସେମିଫାଇନାଲରେ ବାଂଲାଦେଶ

**ନୂଆଦିଲ୍ଲୀ**

ଏସିଆନ୍ ଗେମ୍ସ ୨୦୨୬ରେ ମହିଳା କ୍ରିକେଟ୍ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହୋଇଯାଇଛି। ଗୁରୁବାର ବାଂଲାଦେଶ ଦଳକୁ ଏକ ବଡ଼ ସଫଳତା ମିଳିଯାଇଛି। ବାଂଲାଦେଶ ମ୍ୟାଚ୍ ନଖେଳି ହିଁ ସେମିଫାଇନାଲରେ ପହଞ୍ଚିଯାଇଛି। ଗୁରୁବାର ବାଂଲାଦେଶ ଏବଂ ଚୀନ୍ ମଧ୍ୟରେ କ୍ୱାର୍ଟରଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ଖରାପ ପାଗ ଯୋଗୁଁ ଏହି ମ୍ୟାଚ୍ ଆରମ୍ଭ ହୋଇପାରିନଥିଲା। ଏହି କାରଣରୁ ବାଂଲାଦେଶର ସେମି ଫାଇନାଲରେ ସିଧାସଳଖ ଏଣ୍ଟ୍ରି କରିଛି।

ବାଂଲାଦେଶ ଏବଂ ଚୀନ୍ ମଧ୍ୟରେ ମ୍ୟାଚର ଟସ୍ ମଧ୍ୟ ହୋଇପାରିନଥିଲା। ଏସିଆନ୍ ଗେମ୍ସ ୨୦୨୬ ରେ କ୍ରିକେଟ୍ ପାଇଁ ଏକ ବଡ଼ ନିୟମ ପ୍ରସ୍ତୁତ କରାଯାଇଛି। ଯଦି କୌଣସି ନକଆଉଟ୍ ମ୍ୟାଚ୍ ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ସମ୍ପୂର୍ଣ୍ଣ ହୋଇପାରେନାହିଁ, ତେବେ ର୍ୟାଙ୍କିଂରେ ଭଲ ସ୍ଥିତିରେ ଥିବା ଦଳକୁ ଆଗକୁ ଯିବାର ସୁଯୋଗ ମିଳିଯିବ।

ବାଂଲାଦେଶର ଆଇସିସି ର୍ୟାଙ୍କିଂ ଏବଂ ଟୁର୍ଣ୍ଣାମେଣ୍ଟର ସିଡିଙ୍ଗ୍ ଚୀନ୍ ତୁଳନାରେ ଅଧିକ ରହିଛି। ଚୀନ୍ ର୍ୟାଙ୍କିଂରେ ୩୬ ତମ ସ୍ଥାନରେ ରହିଛି। ଏହିପରି ଭାବେ ନଖେଳି ହିଁ ଚୀନ୍‌ର ଯାତ୍ରା ଏସିଆନ୍ ଗେମ୍ସରେ ଶେଷ ହୋଇଯାଇଛି ଏବଂ ବାଂଲାଦେଶ ଦଳ



ସେମିଫାଇନାଲରେ ନିଜ ସ୍ଥାନ ପକ୍କା କରିନେଇଛି। ବାଂଲାଦେଶକୁ ଯଦି ସେମିଫାଇନାଲରେ ବିଜୟ ମିଳେ ତେବେ ଦଳ ପାଖରେ ଫାଇନାଲରେ ସ୍ୱର୍ଣ୍ଣ ପଦକ ଜିତିବାର ସୁଯୋଗ ରହିବ। ଅନ୍ୟପଟେ ଯଦି ସେମିଫାଇନାଲରେ ପରାଜୟ ମିଳେ, ତେବେ ବ୍ରୋଞ୍ଜ ପଦକ ଜିତିବା ପାଇଁ ମ୍ୟାଚ୍ ମିଳିଯିବ।

ବାଂଲାଦେଶ କ୍ରିକେଟ୍ ଦଳକୁ ଏକ ବଡ଼ ଝଟ୍‌କା ମଧ୍ୟ ଲାଗିଛି। ନିଗାର ସୁଲତାନା ଅଧିନାୟିକା ପଦ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଏସିଆନ୍ ଗେମ୍ସ ପରେ ଟି୨୦ ର ଅଧିନାୟିକା ରହିବେ ନାହିଁ। ସେ ନିଜର ବ୍ୟାଟିଂ ଏବଂ ୱିକେଟ୍‌କିପିଂ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ଚାହୁଁଛନ୍ତି। ସେ ବୋର୍ଡକୁ ଇମେଲ୍ ଜରିଆରେ ଏହି ସୂଚନା ଦେଇଛନ୍ତି। ତେବେ ଦିନିକିଆରେ ସେ ଅଧିନାୟକତ୍ୱ ଜାରି ରଖିବେ। ସୁଲତାନା ୨୦୨୩ ରେ ଟି୨୦ ଦଳର ଅଧିନାୟିକା ହୋଇଥିଲେ। ସେ ଏପର୍ଯ୍ୟନ୍ତ ବାଂଲାଦେଶ ପାଇଁ ୮୦ଟି ଟି୨୦ ମ୍ୟାଚ୍‌ରେ ଅଧିନାୟକତ୍ୱ କରିଛନ୍ତି। ସୁଲତାନା ଏସିଆନ୍ ଗେମ୍ସରେ ଭଲ ପ୍ରଦର୍ଶନ କରି ଦଳକୁ ସଫଳତା ଦେବାକୁ ଚାହିଁବେ।

ଏସିଆନ୍ ଗେମ୍ସରେ ଭାରତୀୟ ମହିଳା ଦଳ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିବ। ସେପ୍ଟେମ୍ବର ୧୮ରେ ଭାରତର କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ଜାପାନ ସହିତ ହେବ। ଟିମ୍ ଇଣ୍ଡିଆ ଅତ୍ୟନ୍ତ ଶକ୍ତିଶାଳୀ ଅଟେ। ନିକଟରେ ଦଳ ଏସିଆ କପ୍ ଫାଇନାଲରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ସମଗ୍ର ଏସିଆ କପ୍‌ରେ ଭାରତୀୟ ଦଳର ଦାପଟ ଦେଖିବାକୁ ମିଳିଥିଲା। ସମସ୍ତ ମ୍ୟାଚ୍‌ରେ ଭାରତ ଏକତରଫା ବିଜୟ ହାସଲ କରିଥିଲା। ଭାରତୀୟ ଦଳର ନଜର ଏବେ ଏସିଆନ୍ ଗେମ୍ସରେ ଗୋଲ୍ଡ (ସ୍ୱର୍ଣ୍ଣ ପଦକ) ଜିତିବା ଉପରେ ରହିବ।

# ଭାରତ ଆସିବାକୁ ମନା କଲା : ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ରଖିଲା ବଡ଼ ଦାବି

**ନୂଆଦିଲ୍ଲୀ**

ପୁରୁଷ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ୨୦୨୬ ଆରମ୍ଭ ହେବା ପୂର୍ବରୁ ଭାରତ ଆସିବାକୁ ପାକିସ୍ତାନ ମନା କରିଦେଇଛି। ଏହି ଟୁର୍ଣ୍ଣାମେଣ୍ଟ ଭାରତର ପଞ୍ଜାବ ରାଜ୍ୟରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ବର୍ତ୍ତମାନ ଏହା ଆରମ୍ଭ ହେବା ପୂର୍ବରୁ ପାକିସ୍ତାନ ଏକ ବଡ଼ ଦାବି କରିଛି। ସୂଚନାଯୋଗ୍ୟ ଯେ, ୨୦୨୬ ପୁରୁଷ ଏସିଆନ୍ ହକି ଚାମ୍ପିଅନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟ ୨୭ ଅକ୍ଟୋବରରୁ ୦୫ ନଭେମ୍ବର ମଧ୍ୟରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଏବଂ ପାକିସ୍ତାନ ସମେତ ୬ଟି ଦଳ ରହିଛନ୍ତି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ବାଂଲାଦେଶ, ଓମାନ, ଚୀନ, ଜାପାନ ଓ କୋରିଆ ସାମିଲ ଅଛନ୍ତି।

ପିଟିଆଇର ରିପୋର୍ଟ ଅନୁଯାୟୀ, ପାକିସ୍ତାନ ହକି ଫେଡେରେସନର ଅନ୍ତରୀଣ ଅଧ୍ୟକ୍ଷ ମୋହିଉଦ୍ଦିନ ଅହମ୍ମଦ ୱାନୀ ଏକ ବୟାନ ଜାରି କରି ଏସିଆନ୍ ହକି ଫେଡେରେସନକୁ



ଟୁର୍ଣ୍ଣାମେଣ୍ଟକୁ ସମ୍ପୂର୍ଣ୍ଣ ରୂପେ କୌଣସି ଏକ ନିରପେକ୍ଷ ସ୍ଥାନକୁ ସ୍ଥାନାନ୍ତରିତ କରିବାକୁ କିମ୍ବା ଅତି କମ୍‌ରେ ପାକିସ୍ତାନର ସମସ୍ତ ମ୍ୟାଚ୍ କୌଣସି ଏକ ନିରପେକ୍ଷ ସ୍ଥାନରେ ଆୟୋଜନ କରିବାକୁ ଅନୁରୋଧ କରିଛନ୍ତି।

ଅହମ୍ମଦ ୱାନୀ କହିଛନ୍ତି ଯେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ବର୍ତ୍ତମାନର ସମ୍ବେଦନଶୀଳ ଦ୍ୱିପାକ୍ଷିକ ପରିସ୍ଥିତି ଏବଂ ସୁରକ୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ତାଙ୍କ କହିବା ଅନୁଯାୟୀ, ପାକିସ୍ତାନର ଉଦ୍ଦେଶ୍ୟ ହେଉଛି ନିଜ ଖେଳାଳି ଏବଂ ଅଫିସିଆଲମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଉପଯୁକ୍ତ ପରିବେଶ ସୁନିଶ୍ଚିତ କରିବା, ଯଦ୍ୱାରା ଦଳ ଟୁର୍ଣ୍ଣାମେଣ୍ଟରେ ସମ୍ପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିପାରିବ।

ପାକିସ୍ତାନ ହକି ଫେଡେରେସନ୍ ଏହା ମଧ୍ୟ କହିଛି ଯେ, ସେମାନେ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଏବଂ ଅନ୍ତର୍ଜାତୀୟ ସ୍ତରରେ ହକିର ପ୍ରୋତ୍ସାହନ ସପକ୍ଷରେ ଅଛନ୍ତି। ୱାନୀ କହିଛନ୍ତି ଯେ, ପାକିସ୍ତାନ ପଡ଼ିଆରେ ଭାରତ ସମେତ ସମସ୍ତ ଏଫ୍ଆଇଏଚ୍ ସଦସ୍ୟ ଦେଶଗୁଡ଼ିକର ସାମ୍ନା କରିବାକୁ ପ୍ରସ୍ତୁତ ଅଛି ଏବଂ ଖେଳକୁ ରାଜନୀତିରୁ ଦୂରେଇ ରଖିବା ନୀତିକୁ ସମର୍ଥନ କରେ। ଆମର ପୂର୍ଣ୍ଣ ଆଶା ଅଛି ଯେ, ଏସିଆନ୍ ହକି ଫେଡେରେସନ୍ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନର ବିନା କୌଣସି ବାଧାରେ ଓ ସମ୍ପୂର୍ଣ୍ଣ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ନିରପେକ୍ଷ ସ୍ଥାନର ଆମର ସମ୍ମାନଜନକ ପ୍ରସ୍ତାବ ଉପରେ ସକାରାତ୍ମକ ଭାବେ ବିଚାର କରିବ।

ପାକିସ୍ତାନ ଅନୁରୋଧକୁ ପ୍ରତ୍ୟାଖ୍ୟାନ କଲା ହକି ଇଣ୍ଡିଆ : ପାକିସ୍ତାନର ଏହି ଦାବି ଉପରେ ହକି ଇଣ୍ଡିଆର ସାଧାରଣ ସମ୍ପାଦକ ତଥା ଏସିଆନ୍ ହକି ଫେଡେରେସନର ଉପସଭାପତି ଭୋଲାନାଥ ସିଂହ ସ୍ପଷ୍ଟ ପ୍ରତିକ୍ରିୟା ଦେଇଛନ୍ତି। ସେ ପିଟିଆଇକୁ କହିଛନ୍ତି ଯେ, ଭେନ୍ୟୁ ପରିବର୍ତ୍ତନ କରିବା ପାଇଁ କୌଣସି ବି ଅନୁରୋଧ ଉପରେ ବିଚାର କରାଯିବ ନାହିଁ। ପୂର୍ବରୁ ମଧ୍ୟ ପାକିସ୍ତାନ ଏଭଳି କରିସାରିଛି। ଯଦି ସେମାନେ ଏସିଆନ୍ ଚାମ୍ପିଅନ୍ସ ଟ୍ରଫିରେ ଖେଳିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ଭାରତ ଆସିବାକୁ ହେବ।

ଭୋଲା ନାଥ ସିଂହଙ୍କ କହିବା ଅନୁଯାୟୀ, ଟୁର୍ଣ୍ଣାମେଣ୍ଟର ଭେନ୍ୟୁରେ କୌଣସି ପରିବର୍ତ୍ତନ ହେବ ନାହିଁ। ସେ କହିଛନ୍ତି ଯେ ଯଦି ପାକିସ୍ତାନକୁ ଏସିଆନ୍ ଚାମ୍ପିଅନ୍ସ ଟ୍ରଫିରେ ଭାଗ ନେବାର ଅଛି, ତେବେ ତାକୁ ଭାରତ ଆସି ଖେଳିବାକୁ ପଡ଼ିବ। ପାକିସ୍ତାନ ନିଜ ଜିଦ୍‌ରେ ଅଟଳ ରହିବା ସ୍ଥିତିରେ ସମ୍ଭାବ୍ୟ ବିକଳ୍ପ ବିଷୟରେ ପଚରା ଯିବାରୁ ଭୋଲା ନାଥ ସିଂହ କହିଛନ୍ତି ଯେ ବାଂଲାଦେଶ ଏବଂ ଓମାନ ଭଳି ଦୁଇଟି ଦଳ ଅଛନ୍ତି, ଯେଉଁମାନେ ପାକିସ୍ତାନ ସ୍ଥାନରେ ସାମିଲ ହୋଇପାରିବେ।

ଭାରତରେ ଆୟୋଜିତ ହେବାକୁ ଥିବା ହକି ପ୍ରତିଯୋଗିତାରେ ଭାଗ ନେବାକୁ ନେଇ ପାକିସ୍ତାନ ସୁରକ୍ଷା ଚିନ୍ତା ପ୍ରକଟ କରିବା ଏହା ପ୍ରଥମ ଘଟଣା ନୁହେଁ। ଗତ ବର୍ଷ ମଧ୍ୟ ପାକିସ୍ତାନ ତାମିଲନାଡୁରେ ଆୟୋଜିତ ଏଫ୍ଆଇଏଚ୍ ଜୁନିୟର ୱାର୍ଲ୍ଡ କପ୍ ଏବଂ ଏସିଆ କପ୍‌ରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲା। ଏହି ଦୁଇଟି ଯାକ ସୁଯୋଗରେ ସୁରକ୍ଷା ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରାଯାଇଥିଲା।



ଭୁବନେଶ୍ୱର : ୟୁନିଟ୍-୨ ସ୍ଥିତ ସରକାରୀ ଉଦ୍ୟାନ (କ୍ୟାପିଟାଲ ନର୍ସରୀ) କର୍ମଚାରୀଙ୍କ ବିଶ୍ୱକର୍ମା ପୂଜା।

# ଆର୍ଜେଣ୍ଟିନା ଜର୍ସିରେ ଶେଷ ଥର ପାଇଁ ନଜର ଆସିବେ ଲିଓନେଲ ମେସି

**ନୂଆଦିଲ୍ଲୀ**

ଲିଓନେଲ ମେସି କିଛି ସପ୍ତାହ ପୂର୍ବରୁ ଅନ୍ତର୍ଜାତୀୟ ଫୁଟବଲରୁ ନିଜର ଅବସର ଘୋଷଣା କରିଥିଲେ। ଏହି ସମୟରେ ମନେ ହେଉଥିଲା ଯେ ମେସି ଆଉ କେବେ ଆର୍ଜେଣ୍ଟିନା ପାଇଁ ଖେଳିବେ ନାହିଁ, କିନ୍ତୁ ବର୍ତ୍ତମାନ ଆଧିକାରିକ ଭାବେ ତାଙ୍କର ବିଦାୟୀ ମ୍ୟାଚ୍ ଘୋଷଣା କରାଯାଇଛି। ମେସି ନିଜ ଦେଶ ଆର୍ଜେଣ୍ଟିନାରେ ନିଜର ଶେଷ ମ୍ୟାଚ୍ ଖେଳୁଥିବାର ଶୀଘ୍ର ନଜର ଆସିବେ। ଇରଇ ର ସଭାପତି ଆଧିକାରିକ ଭାବେ ମେସିଙ୍କ ବିଦାୟୀ ମ୍ୟାଚ୍ ଘୋଷଣା କରିଛନ୍ତି। ବର୍ତ୍ତମାନ ମେସି ଅକ୍ଟୋବର ପ୍ରଥମ ସପ୍ତାହରେ ଶେଷ ଥର ପାଇଁ ଆର୍ଜେଣ୍ଟିନାର ଜର୍ସି ପିନ୍ଧି ଖେଳୁଥିବାର ନଜର ଆସିବେ।

ଆର୍ଜେଣ୍ଟିନିଆନ୍ ଫୁଟବଲ୍ ଆସୋସିଏସନ ଘୋଷଣା କରିଛି ଯେ ଅକ୍ଟୋବର ମାସରେ ଲିଓନେଲ ମେସି ନିଜର ବିଦାୟୀ ମ୍ୟାଚ୍ ଖେଳିବେ। ଇରଇ ସଭାପତି କ୍ଲଡିଓ ଟାପିଆ ସୋସିଆଲ ମିଡିଆରେ ଏହି ସୂଚନା ଦେଇ ଲେଖିଛନ୍ତି, 'ଆମେ ଦୁନିଆର ସର୍ବଶ୍ରେଷ୍ଠ ଖେଳାଳି ତଥା ମହାନ ଦିଗ୍ଗଜଙ୍କୁ ଚୟନ ପାଇଁ ଡାକିଛୁ। ଆମ ଅଧିନାୟକ ଲିଓନେଲ ଆନ୍ଦ୍ରେସ ମେସି ୬ ଅକ୍ଟୋବରରେ ଆର୍ଜେଣ୍ଟିନାରେ ନିଜର ଏକ ସମ୍ମାନଜନକ ବିଦାୟୀ ମ୍ୟାଚ୍ ପାଇଁ ସମ୍ପୂର୍ଣ୍ଣ ହକଦାର।'

ଆର୍ଜେଣ୍ଟିନା ୨୧ ସେପ୍ଟେମ୍ବରରୁ ୬ ଅକ୍ଟୋବର ମଧ୍ୟରେ ତିନିଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ବିଶ୍ୱକପ୍ ପରେ ଏହା ଦଳର ପ୍ରଥମ କିଛି ମ୍ୟାଚ୍ ହେବ। ୬ ଅକ୍ଟୋବରରେ ବୁଏନୋସ୍ ଆଇରିସ୍‌ର ମନୁମେଣ୍ଟାଲ ଷ୍ଟାଡିୟମରେ



ଆର୍ଜେଣ୍ଟିନା ଏବଂ ବେନିନ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏହା ଲିଓନେଲ ମେସିଙ୍କ ଅନ୍ତର୍ଜାତୀୟ ଫୁଟବଲ୍ କ୍ୟାରିୟରର ଶେଷ ମ୍ୟାଚ୍ ହେବ। ମେସିଙ୍କୁ ଇରଇ ସଭାପତିଙ୍କ ତରଫରୁ ଖେଳିବା ପାଇଁ ନିମନ୍ତ୍ରଣ ମଧ୍ୟ ମିଳିସାରିଛି।

ଆର୍ଜେଣ୍ଟିନିଆନ୍ ଫୁଟବଲ୍ ଆସୋସିଏସନ ସ୍କ୍ୱାଡ୍ ଘୋଷଣା କରିବା ସହ ସ୍ପଷ୍ଟ କରିଛି ଯେ ଲିଓନେଲ ମେସି ଏହି ମ୍ୟାଚ୍ ଖେଳିବେ। ଆସୋସିଏସନ୍ ନିଜ ବୟାନରେ ଲେଖିଛନ୍ତି, 'ଲିଓନେଲ ମେସି, ରୋଡ୍ରିଗୋ ଡି ପଲ୍ ଏବଂ ଜିଓଭାନି ଲୋ ସେଲସୋ ୬ ଅକ୍ଟୋବରରେ ହେବାକୁ ଥିବା ଶେଷ ଫ୍ରେଣ୍ଡଲି ମ୍ୟାଚ୍‌ରେ ଭାଗ ନେବେ।'

ଲିଓନେଲ ମେସି ନିଜର ଶେଷ ଅନ୍ତର୍ଜାତୀୟ ଫୁଟବଲ୍ ମ୍ୟାଚ୍ ସ୍ପେନ୍ ବିପକ୍ଷରେ ଖେଳିଥିଲେ। ଫିଫା ବିଶ୍ୱକପ୍ ୨୦୨୬ର ଫାଇନାଲରେ ସ୍ପେନ୍ ଏବଂ ଆର୍ଜେଣ୍ଟିନା ମଧ୍ୟରେ ମହାଲଢ଼େଇ ହୋଇଥିଲା। ଏହି ରୋମାଞ୍ଚକର ମ୍ୟାଚ୍‌ରେ ମେସିଙ୍କ ଆର୍ଜେଣ୍ଟିନାକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା ଏବଂ ଏହା ପରେ ମେସି ନିଜ କ୍ୟାରିୟରକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଥିଲେ। ଯଦିଓ ୬ ଅକ୍ଟୋବରରେ ଏହି ମହାନ ଖେଳାଳି ନିଜ କ୍ୟାରିୟରର ଅନ୍ତ କରିବାକୁ ଯାଉଛନ୍ତି ଏବଂ ଏହି ମ୍ୟାଚ୍‌କୁ ନେଇ ବର୍ତ୍ତମାନଠାରୁ ହିଁ ବହୁତ କ୍ରେଜ୍ ଦେଖିବାକୁ ମିଳୁଛି।

ଲିଓନେଲ ମେସି ନିଜ ଅନ୍ତର୍ଜାତୀୟ ଫୁଟବଲ୍ କ୍ୟାରିୟରରେ ଆର୍ଜେଣ୍ଟିନା ପାଇଁ ୨୦୭ଟି ମ୍ୟାଚ୍‌ରେ ଭାଗ ନେଇଛନ୍ତି ଏବଂ ସେ ୧୨୫ଟି ଗୋଲ୍ କରିସାରିଛନ୍ତି। ସେ ଫୁଟବଲ୍ ଇତିହାସର ସବୁଠାରୁ ସଫଳ ଖେଳାଳିମାନଙ୍କ ମଧ୍ୟରୁ ଜଣେ ଭାବେ ଗଣାଯାନ୍ତି। ବେନିନ୍ ବିପକ୍ଷରେ ହେବାକୁ ଥିବା ଏହି ବିଦାୟୀ ମ୍ୟାଚ୍ ମେସିଙ୍କର ଅନ୍ତର୍ଜାତୀୟ ଫୁଟବଲରେ ୨୦୮ତମ ମ୍ୟାଚ୍ ହେବ। ମେସି ନିଜର ଏହି ଶେଷ ମ୍ୟାଚ୍‌ରେ କିଛି ଚମତ୍କାର ଗୋଲ୍ କରି ଅନ୍ତର୍ଜାତୀୟ ଫୁଟବଲରୁ ବିଦାୟ ନେବାକୁ ଚାହିଁବେ।





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ୍ରଧାନମନ୍ତ୍ରୀ ମୋଦୀ...

ମୋଦୀଜୀଙ୍କ ଦୀର୍ଘ ୫୦ ବର୍ଷର ଜନସେବା ଏବଂ ୨୫ ବର୍ଷର ନିରବଚ୍ଛିନ୍ନ ଶାସନ ଦେଶରେ କାୟାକଳ୍ପ ଆଣିଛି। ତାଙ୍କର ଏହି କଲ୍ୟାଣକାରୀ ଆଦର୍ଶରେ ଅନୁପ୍ରାଣିତ ହୋଇ ପାଳିତ ହେଉଥିବା ଏକ ମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ମାନବସେବା ଓ ତ୍ୟାଗର ଏକ ବିରାଟ ଜନ-ଆନ୍ଦୋଳନ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ରକ୍ତ ଅଭାବରୁ ଯେପରି କୌଣସି ଜୀବନ ଅସମୟରେ ଝଡ଼ି ନପଡ଼େ, ସେଥିପାଇଁ ସରକାର ସଂକଳ୍ପବଦ୍ଧ। ଏହି ଶିବିରରେ ଆଜି ୬,୫୦୦ ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ରକ୍ତ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୨୦୨୬-୨୭ ବଜେଟ୍‌ରେ ୫୦ କୋଟି ୫୪ ଲକ୍ଷ ଟଙ୍କାର ବ୍ୟୟବରାଦ ସହ 'ଅଟଳ ରକ୍ତଦାନ ଅଭିଯାନ' ଆରମ୍ଭ କରାଯାଇଛି। ଏହା ଅଧୀନରେ ନୂତନ ମେଡିକାଲ କଲେଜଗୁଡ଼ିକରେ ରକ୍ତଭଣ୍ଡାର ସ୍ଥାପନ ଏବଂ ପୁରୁଣା ରକ୍ତଭଣ୍ଡାରଗୁଡ଼ିକର ଆଧୁନିକୀକରଣ କରାଯାଉଛି। ଦେଶର ବିକାଶ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଏକ ପ୍ରଭାବଶାଳୀ ଭୂ-ରାଜନୈତିକ ଓ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି। ପ୍ରତିରକ୍ଷା ଆମଦାନୀ ୭୦%ରୁ ହ୍ରାସ ପାଇ ୩୫%ରେ ପହଞ୍ଚିବା ସହ ସେମିକଣ୍ଡକ୍ଟର ଓ ସ୍ପେସ୍ ଟେକ୍ନୋଲୋଜି କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେଉଛି। ୨୦୪୭ ପୂର୍ବରୁ ବିକଶିତ ଭାରତର ଲକ୍ଷ୍ୟ ହାସଲ ହେବା ସୁନିଶ୍ଚିତ। ସେହିପରି ରାଜ୍ୟର ଯୁବଶକ୍ତିଙ୍କୁ ଆହ୍ୱାନ ଦେଇ ସେ କହିଥିଲେ ଯେ, ଯୁବବର୍ଗ ନିଜ ଦୈନନ୍ଦିନ ଜୀବନରୁ କିଛି ସମୟ କାଢ଼ି ସମାଜସେବାରେ ନିୟୋଜିତ ହେବା ସହ ଦେଶସେବା ପାଇଁ ବ୍ରତୀ ହେବା ହିଁ ମୋଦୀଜୀଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ନଗର ଉନ୍ନୟନ, ଗୃହ ନିର୍ମାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟସଭା ସାଂସଦ ମନମୋହନ ସାମଲ, ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଭାଷଣ ଦେଇଥିବା ବେଳେ ଏକାମ୍ର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଉଟଳି ବିଧାୟକ ଇରାସିସ ଆଚାର୍ଯ୍ୟ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଯୁବନେତା ଅଭିଲାଷ ପଣ୍ଡା, ଦଳର ବରିଷ୍ଠ ନେତୃବୃନ୍ଦ, ରକ୍ତଦାତା, ଯୁବ ସ୍ୱେଚ୍ଛାସେବୀ ଏବଂ ଗଣମାଧ୍ୟମର ପ୍ରତିନିଧିଗଣ ଉପସ୍ଥିତ ଥିଲେ। ସେହିପରି ସନ୍ଧ୍ୟାରେ ଭୁବନେଶ୍ୱରର ଐତିହାସିକ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦୀପ ପ୍ରଜ୍ଜ୍ୱଳନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସନ୍ଧ୍ୟା ଆରତୀର ଘଣ୍ଟ ଘଣ୍ଟା-ଶଙ୍ଖ ଧ୍ୱନି ଏବଂ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଗାୟନରେ ମୁକ୍ତେଶ୍ୱର'ର ପ୍ରାଚୀନ ପାଷାଣ ପ୍ରାଚୀର ଗୁଞ୍ଜରିତ ହୋଇଉଠିଥିଲା। ଭକ୍ତିର ଏହି ମାଦକତା ଭିତରେ, ହଜାର ହଜାର ମହିଳା ଏକାଠି ହୋଇ ଜାଳିଥିଲେ ୧୧,୦୦୦ରୁ ଅଧିକ ଦୀପ। ଗୋଟିଏ ପରେ ଗୋଟିଏ ସଳିତା ଜଳିଉଠିବା କ୍ଷଣି ସମ୍ପୂର୍ଣ୍ଣ ମନ୍ଦିର ପରିସର ଏକ ସ୍ୱର୍ଣ୍ଣାଭ ପ୍ରଭାରେ ପ୍ରଜ୍ୱଳିତ ହୋଇଉଠିଥିଲା, ଯେମିତି ମନେହେଉଥିଲା ଆକାଶର ତାରାସବୁ ମାଟିକୁ ଓହ୍ଲାଇ ଆସିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜୟନ୍ତୀ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମରେ ହଜାର ହଜାର ମହିଳା ତଥା ଯୁବବର୍ଗଙ୍କ ସମାଗମ ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ ସୃଷ୍ଟି କରିଥିଲା। ହାତରେ ଜଳନ୍ତା ଦୀପ ଧରି ଉପସ୍ଥିତ ସମସ୍ତେ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ଦୀର୍ଘ ଆୟୁ, ସୁସ୍ଥ ଓ ନିରାମୟ ଜୀବନ ପାଇଁ ନିଷ୍ପାପର ପ୍ରାର୍ଥନା କରିଥିଲେ। ଏହି ମୁହୂର୍ତ୍ତ ଆହୁରି ଆକର୍ଷଣୀୟ ହୋଇ ଉଠିଥିଲା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ। ମୁଖ୍ୟମନ୍ତ୍ରୀଙ୍କ ସମେତ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଏହି ଆଧ୍ୟାତ୍ମିକ ସମାବେଶ ମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜେ ଉପସ୍ଥିତ ସମସ୍ତ ଉତ୍ସାହିତ ଯୁବବର୍ଗଙ୍କ ଗହଣକୁ ଯାଇ ସେମାନଙ୍କ ସହ ଭାବବିନିମୟ କରିଥିଲେ। ସମସ୍ତଙ୍କ ଏହି ଅକୁଣ୍ଠ ଆଶୀର୍ବାଦ, ସମର୍ପଣ ଓ ଶ୍ରଦ୍ଧାଭାବକୁ ସେ ଆନ୍ତରିକତାର ସହ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ''ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ୭୬ତମ ଜନ୍ମ ଦିନ ଅବସରରେ ମୁଁ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଏହି ପବିତ୍ର ଦୀପର ଶିଖା ମୋଦୀଜୀଙ୍କ ପ୍ରତି ସାଢେ଼ ଚାରି କୋଟି ଓଡ଼ିଶାବାସୀଙ୍କ ହୃଦୟରୁ ନିସୃତ ଆଶୀର୍ବାଦର ପ୍ରତୀକ। ଭାରତ ନିଶ୍ଚୟ ବିଶ୍ୱଗୁରୁ ହେବ, ମୋଦୀଜୀଙ୍କ ସ୍ୱପ୍ନ ସାକାର କରିବାକୁ ଆମେ ନିରନ୍ତର ଉଦ୍ୟମ ଜାରି ରଖିବୁ।'' ପ୍ରସିଦ୍ଧ ଓଡ଼ିଆ ଗାୟକ-ଗାୟିକାମାନଙ୍କ ଭକ୍ତିପୂତ ଭଜନ ପରିବେଶକୁ ଅଧିକ ଆଧ୍ୟାତ୍ମିକ ଓ ମନ୍ତ୍ରମୁଗ୍ଧକର କରିତୋଳିଥିଲା।

## ସେମିକଣ୍ଡକ୍ଟର ନିର୍ମାଣ...

ଭିତ୍ତିଭୂମି ପାଇଁ ଆବଶ୍ୟକ ପ୍ରଯୁକ୍ତିର ବିକାଶ ଉପରେ ମଧ୍ୟ ଜୋର ଦିଆଯାଉଛି। ମୋଦୀ କହିଛନ୍ତି ଯେ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଭାରତର ପ୍ରାଥମିକତା ମଧ୍ୟରେ ସାମିଲ ଅଛି ଏବଂ ଏହି ଦିଗରେ ଅନେକ ସଂସ୍କାର କରାଯାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏପର୍ଯ୍ୟନ୍ତ ୧୨ଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇସାରିଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ପରିସର ଆହୁରି ବଢ଼ାଯିବ। ସେ ରାସାୟନିକ ପଦାର୍ଥ ଏବଂ ଗ୍ୟାସ୍ ସମେତ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳା ସହ ଜଡ଼ିତ କ୍ଷେତ୍ରର କମ୍ପାନୀଗୁଡ଼ିକୁ ମଧ୍ୟ ଭାରତରେ ଉପଲବ୍ଧ ସୁଯୋଗର ଲାଭ ଉଠାଇବାକୁ ଅନୁରୋଧ କରିଛନ୍ତି।

## ସମ୍ବେଦନଶୀଳ ଅଞ୍ଚଳରେ...

ଏମ୍‌ଏସ୍‌ଏମ୍‌ଇ ବିଭାଗର ବିଭିନ୍ନ ପ୍ରସଙ୍ଗ ସ୍ଥାନ ପାଇଥିଲା। ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଳଯୋଗାଣ ଓ ବିଭିନ୍ନ ପ୍ରକଳ୍ପଗୁଡ଼ିକରେ ଜମି ସମ୍ବନ୍ଧୀୟ ସମସ୍ୟା ଦୂର କରିବା ଉପରେ ଆଲୋଚନା ହୋଇଥିଲା। ଖୋର୍ଦ୍ଧା, ସମ୍ବଲପୁର ଓ କଟକ ଜିଲ୍ଲାର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଜମି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳମାନଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ କ୍ରେଡିଟ୍ ରିପେମେଣ୍ଟ ଗ୍ୟାରେଣ୍ଟି ସବ୍-ସ୍କିମ୍ ଅଧୀନରେ ଛୋଟ ସହରାଞ୍ଚଳ ସଂସ୍ଥାଗୁଡ଼ିକୁ ବଜାରଭିତ୍ତିକ ଅର୍ଥ ସଂଗ୍ରହର ସୁଯୋଗ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ଜ୍ୟ ପରିଚାଳନା ନିୟମର ଜିଲ୍ଲାସ୍ତରୀୟ ଅନୁପାଳନର ସମୀକ୍ଷା କରାଯାଇଥିଲା। ଶ୍ରମ ଓ ଇଏସ୍‌ଆଇ ବିଭାଗ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ୍ ପାଇଁ ଜମିର ସୁବ୍ୟବସ୍ଥା, ଶିଶୁ ଶ୍ରମ ନିରାକରଣ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ, ଶ୍ରମ ନିରୀକ୍ଷଣ କମିଟି ଏବଂ ରାସାୟନିକ ଦୁର୍ଘଟଣା ପାଇଁ ଜିଲ୍ଲା ଓ ସ୍ଥାନୀୟ ସଙ୍କଟ ପରିଚାଳନା ଗୋଷ୍ଠୀର ନିୟମିତ ବୈଠକ ଓ ମକ୍ ଡ୍ରିଲ୍ ଉପରେ ଆଲୋଚନା ହୋଇଥିଲା। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ମାସ-୨୦୨୬, 'ସୁପୋଷିତ ଓଡ଼ିଶା' ମିଶନ, ଡିଜିଟାଲ୍ ନିରୀକ୍ଷଣ ଫର୍ମ ଆଦି ବିଭିନ୍ନ ପ୍ରସଙ୍ଗ ସମୀକ୍ଷା କରାଯାଇଥିଲା। ପୋଷଣ ମାସ ସମୟରେ ଶିଶୁମାନଙ୍କ ଅପପୋଷଣ ଚିହ୍ନଟ ଓ ରେଫରାଲ, ଗର୍ଭବତୀ ମହିଳାଙ୍କ ପଞ୍ଜୀକରଣ, ପିତାମାନଙ୍କ ଅଂଶଗ୍ରହଣ ଏବଂ ସମ୍ବେଦନଶୀଳ ଅଞ୍ଚଳରେ ପୋଷଣ ସେବାର ପହଞ୍ଚ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବାୟୋମେଡିକାଲ୍ ବର୍ଜ୍ୟ ପରିଚାଳନା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଜମି, ଆୟୁଷ ମେଡିକାଲ୍ କଲେଜ, 'ଆମ ହସ୍ପିଟାଲ' କାର୍ଯ୍ୟ ଏବଂ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାଭିତ୍ତିକ ଅଗ୍ରଗତି ଆଲୋଚନା ହୋଇଥିଲା। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ 'ସୃଜନିକା' କ୍ରାଫ୍ଟ କ୍ଲଷ୍ଟର, ପ୍ରମୁଖ କ୍ରାଫ୍ଟ କ୍ଲଷ୍ଟର, ହସ୍ତଶିଳ୍ପ, ହସ୍ତତନ୍ତ, ରେଶମ ଓ ବୟନ କ୍ଷେତ୍ରର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜିଲ୍ଲାଭିତ୍ତିକ ଜମି ଆବଣ୍ଟନ, ପ୍ରକଳ୍ପ ଡିପିଆର୍ ଏବଂ ବିଭିନ୍ନ କାର୍ଯ୍ୟାନ୍ୱୟନ ବାଧା ଦୂର କରିବା ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ 'ଏଗ୍ରିଷ୍ଟାକ୍' ଅଧୀନରେ କୃଷକ ପଞ୍ଜୀକରଣ ଏବଂ ଖରିଫ-୨୦୨୬ ଡିଜିଟାଲ କ୍ରପ୍ ସର୍ଭେର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆବାସିକ ହଷ୍ଟେଲ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ସହ ଛାତ୍ରଛାତ୍ରୀଙ୍କ ଅପାର୍ ଆଇଡି ସୃଷ୍ଟି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ଅନୁଷ୍ଠିତ ହେବା, ଏମ୍‌ଏସ୍‌ଏମ୍‌ଇ ପାର୍କ, ଓଡ଼ିଶା ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଏବଂ କ୍ରେଡିଟ୍ ସୁବିଧା ସମ୍ପର୍କରେ ଅଗ୍ରଗତି ସମୀକ୍ଷା ହୋଇଥିଲା। ରାଜ୍ୟରେ ୩୦ଟି ଜିଲ୍ଲାରେ ୩୦ଟି ଏମ୍‌ଏସ୍‌ଏମ୍‌ଇ ପାର୍କ ବିକଶିତ କରିବାର ଯୋଜନା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ନିଜ ଜିଲ୍ଲାରେ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରଖି ଜମି ଅଧିଗ୍ରହଣ, ପ୍ରକଳ୍ପଅନୁମୋଦନ, ନିର୍ମାଣ ଓ କାର୍ଯ୍ୟାନ୍ୱୟନ ସମ୍ପର୍କିତ ସମସ୍ୟାଗୁଡ଼ିକର ସମୟସୀମା ମଧ୍ୟରେ ସମାଧାନ କରିବା ସହ ନିୟମିତ ଭାବେ ପ୍ରଗତିର ସମୀକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାସ୍ତରୀୟ ନିରୀକ୍ଷଣ ଓ ବିଭାଗୀୟ ସମନ୍ୱୟ ମାଧ୍ୟମରେ ଅନୁମୋଦିତ ପ୍ରକଳ୍ପ ଓ ଯୋଜନାଗୁଡ଼ିକର ଲାଭ ଲୋକଙ୍କ ନିକଟରେ ଯେପରି ଶୀଘ୍ର ପହଞ୍ଚିପାରିବ, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ।

## ଲୋକସେବା ଭବନ ପରିସର...

ଦେବା ପାଇଁ ଆମେ ସର୍ବଦା ତତ୍ପର ଅଛୁ। ତମାଖୁ ବ୍ୟବହାରରୁ ସମ୍ପୂର୍ଣ୍ଣ ବିରତି ପାଇଁ ଆଗାମୀ ଦିନରେ ମଧ୍ୟ ଆମର ପ୍ରୟାସ ଜାରି ରହିବ।" ବିଜ୍ଞପ୍ତି ଅନୁଯାୟୀ, ଲୋକସେବା ଭବନ ପରିସରରେ ଧୂମପାନ, ତମାଖୁ ସେବନ ଏବଂ ତମାଖୁ ଛେପ ପକାଇବା ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏହି ନିୟମର ଉଲ୍ଲଂଘନକୁ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯିବ।

## ପୁଣି ଘୁଞ୍ଚିଲା ଡିଜିପି ନିଯୁକ୍ତି...

କୌଣସି ନିର୍ଦ୍ଦିଷ୍ଟ ଆଧାର ନିରୂପଣ କରିନାହାନ୍ତି। ଡିଜିପି ନିଯୁକ୍ତି ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇ ନାହିଁ ବୋଲି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି ଆଡଭୋକେଟ୍ ଜେନେରାଲ।

## ଆମେରିକୀୟ ହାଉସ୍ ପାସ୍...

ଅଧିକାର ରାଷ୍ଟ୍ରପତିଙ୍କୁ ମିଳିବ। ଏହି ବ୍ୟବସ୍ଥାର ପ୍ରଭାବ ଭାରତ ଓ ଚୀନ୍ ଉପରେ ପଡ଼ିବାର ସମ୍ଭାବନାକୁ ନେଇ ବିଶେଷ ଆଲୋଚନା ହେଉଛି। କାରଣ ଉଭୟ ଦେଶ ରୁଷ୍‌ରୁ ବିପୁଳ ପରିମାଣରେ ଅଶୋଧିତ ତୈଳ କିଣୁଛନ୍ତି। ତେବେ ବିଲ୍‌ରେ କିଛି ବିଶେଷ ପରିସ୍ଥିତିରେ ଛାଡ଼ ଏବଂ ଟାରିଫ୍‌ରୁ ରକ୍ଷା ପାଇବାର ବ୍ୟବସ୍ଥା ମଧ୍ୟ ସାମିଲ ରହିଛି। ପ୍ରସ୍ତାବିତ ଆଇନରେ ରୁଷ୍ ସହ ଜଡ଼ିତ ଅଧିକାରୀ, ଓଲିଗାର୍କ (ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତି), ସେମାନଙ୍କ ପରିବାର ସଦସ୍ୟ, ବିଦେଶୀ ବ୍ୟକ୍ତିବିଶେଷ ଏବଂ ରୁଷୀୟ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକ ଉପରେ ପ୍ରାଥମିକ ଓ ଦ୍ୱିତୀୟକ ଆର୍ଥିକ କଟକଣା ଲଗାଇବାର ବ୍ୟବସ୍ଥା ରହିଛି। ଏହାର ଉଦ୍ଦେଶ୍ୟ ରୁଷର ଅର୍ଥନୀତି ଏବଂ ୟୁକ୍ରେନ୍ ଯୁଦ୍ଧକୁ ଆର୍ଥିକ ସମର୍ଥନ ଦେଉଥିବା ନେଟୱର୍କ ଉପରେ ଚାପ ବଢ଼ାଇବା। ଏହି ବିଲ୍‌ରେ ଇରାନ୍ ବିରୋଧରେ ରହିଥିବା ବର୍ତ୍ତମାନର କଟକଣାକୁ ଆଗକୁ ବଢ଼ାଇବାର ବ୍ୟବସ୍ଥା ମଧ୍ୟ ରହିଛି। ଏହା ଅନୁସାରେ, ଇରାନର ଶକ୍ତି ଓ ଅସ୍ତ୍ର କ୍ଷେତ୍ର ସହ ଜଡ଼ିତ କଟକଣାର ଅବଧି ବଢ଼ାଯାଇପାରେ। ବିଲ୍‌କୁ ବିରୋଧ କରୁଥିବା କିଛି ଡେମୋକ୍ରାଟିକ୍ ସାଂସଦ ରାଷ୍ଟ୍ରପତିଙ୍କୁ ମିଳୁଥିବା ବ୍ୟାପକ ଟାରିଫ୍ ଅଧିକାରକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ସେମାନଙ୍କ ଯୁକ୍ତି ହେଉଛି, ଏହା ରାଷ୍ଟ୍ରପତିଙ୍କୁ ବାଣିଜ୍ୟ ନୀତିରେ ବହୁତ ବ୍ୟାପକ ଅଧିକାର ପ୍ରଦାନ କରିପାରେ ଏବଂ ଏହାର ପ୍ରଭାବ ଆମେରିକାର ଅର୍ଥନୀତି ଉପରେ ପଡ଼ିପାରେ।

## ସମ୍ଭାବ୍ୟ ବାତ୍ୟାର ମୁକାବିଲା...

ଗତି କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଶନିବାର ସନ୍ଧ୍ୟା ସୁଦ୍ଧା ସେହି ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ତତ୍‌ପରେ, ଏହା କ୍ରମଶଃ ଘନୀଭୂତ ହୋଇ ପରବର୍ତ୍ତୀ ୩-୪ ଦିନ ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏପଟେ ରାଜ୍ୟ ଉପରେ ଟ୍ରଫ ଲାଇନ ସହ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ହୋଇଥିବା ବେଳେ ୫ ଦିନ ଯାଏଁ ହାଲୁକାରୁ ମାଧ୍ୟମ ଧରଣର ବର୍ଷା ସହ ଗୋଟେ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ଦେଇଛି ପାଣିପାଗ ବିଭାଗ। ଆସନ୍ତା ୨୪ ଘଣ୍ଟାରେ ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝରରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ରହିଥିବା ବେଳେ ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଛି। କଟକ ଜଗତସିଂହପୁର କେନ୍ଦ୍ରାପଡା ଯାଜପୁର, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଦେଓଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ବରଗଡ଼ ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ବଜ୍ରପାତ ସହ ୪୦ରୁ ୫୦ କିମି ଝଡ଼ିପବନକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ରହିଥିବା ବେଳେ ଅବଶିଷ୍ଟ ୧୫ ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ବଜ୍ରପାତ ସହ ୩୦ ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଆଇଏସ୍ ପ୍ରମାଣପତ୍ର ହାସଲ

## ବଜାରରେ ଅଗ୍ରଣୀ ସ୍ଥିତି ସୁଦୃଢ଼ ଏବଂ ସ୍ୱତନ୍ତ୍ର ଇସ୍ପାତ କ୍ଷେତ୍ରରେ ଆମଦାନୀ ବିକଳ୍ପ ବ୍ୟବସ୍ଥାକୁ ପ୍ରୋତ୍ସାହନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆର୍ସେଲରମିତ୍ତଲନିପ୍ପନ୍‌ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ଦୁଇଟି ଗୁରୁତ୍ୱପୂର୍ଣ୍ଣ ନୂତନ ମାନକ ଅଧୀନରେ 'ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍' (ବିଆଇଏସ୍) ଲାଇସେନ୍ସ ହାସଲ କରି ଆଧୁନିକ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ନିଜର ଅଗ୍ରଣୀ ସ୍ଥିତିକୁ ଆହୁରି ଅଧିକ ସୁଦୃଢ଼ କରିଛି।ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଭାରତର ପ୍ରଥମ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ଭାବରେ ଆଇଏସ୍ ୨୦୬୨ (ଭାଗ ୨):୨୦୨୬ ପାଇଁ ସର୍ବଭାରତୀୟ ସ୍ତରରେ ପ୍ରଥମ ବିଆଇଏସ୍‌ଲାଇସେନ୍ସ ହାସଲ କରିଛି; ଏହା 'ହଟ୍ ରୋଲ୍ଡ କ୍ୱେଞ୍ଚଡ୍ ଆଣ୍ଡ ଟେମ୍ପର୍ଡ' (କ୍ୟୁ ଏବଂ ଟି) ଇସ୍ପାତ ପ୍ଲେଟ୍, ସିଟ୍, ଷ୍ଟ୍ରିପ୍ ଏବଂ ୱାଇଡ୍ ଫ୍ଲାଟ୍ ପାଇଁ ଏକ ନୂତନ ଭାବେ ପ୍ରଚଳିତ ମାନକ ଅଟେ।ଏହା ସହିତ, କମ୍ପାନୀ ପ୍ରି-ପେଣ୍ଟେଡ୍ ଜିଙ୍କ୍-ଆଲୁମିନିୟମ୍-ମ୍ୟାଗ୍ନେସିୟମ୍ ଆଲୟ କୋଟେଡ୍ ଷ୍ଟିଲ୍ ଷ୍ଟ୍ରିପ୍ ଏବଂ ସିଟପାଇଁ ଆଇଏସ୍ ୧୯୨୧୦:୨୦୨୫ଅଧୀନରେ ବିଆଇଏସ୍ ଲାଇସେନ୍ସ ହାସଲ କରିଛି। ଏହା ଭାରତୀୟ ବଜାରକୁ ବିଶ୍ୱସ୍ତରରଆଧୁନିକ ଇସ୍ପାତ ସମାଧାନ ଯୋଗାଇବା ଦିଗରେ ଏକ ବଡ଼ ଉପଲବ୍ଧି। ଏହି ସଫଳତାଗୁଡ଼ିକ ନବସୃଜନ, ଗୁଣବତ୍ତା ଏବଂ ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ।' ଓ 'ଆତ୍ମନିର୍ଭର ଭାରତ'ଅଭିଯାନପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ସହ ଭିତ୍ତିଭୂମି ଓ ଭାରୀ ଯାନ୍ତ୍ରିକ ଶିଳ୍ପକ୍ଷେତ୍ରରେ ନୂତନ ପଥ ଉନ୍ମୁକ୍ତ କରୁଛି।

ରାଜ୍ୟ-ପାଣ୍ଠିପ୍ରାପ୍ତ ଭିତ୍ତିଭୂମି, ପ୍ରତିରକ୍ଷା ଏବଂ ସାର୍ବଜନୀନ କ୍ଷେତ୍ରର ପ୍ରକଳ୍ପଗୁଡ଼ିକ ପାଇଁ ଇସ୍ପାତ ଯୋଗାଣ ନିମନ୍ତେ ବିଆଇଏସ୍‌ପ୍ରମାଣପତ୍ର ଏକ ବାଧ୍ୟତାମୂଳକ ଆବଶ୍ୟକତା ଅଟେ। ଏହି ଲାଇସେନ୍ସଗୁଡ଼ିକ ଅନିବାର୍ଯ୍ୟ କ୍ରୟ ମାନଦଣ୍ଡ ପୂରଣ କରୁଥିବାରୁ, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସେହି ସରକାରୀ ଅନୁଦାନପ୍ରାପ୍ତ ପ୍ରକଳ୍ପଗୁଡ଼ିକୁ ସାମଗ୍ରୀ ଯୋଗାଇବାକୁ ସକ୍ଷମ ହେଉଛି, ଯେଉଁଥିରେ ଏହି ପ୍ରମାଣିତ ଗୁଣବତ୍ତା ବିଶିଷ୍ଟ ସାମଗ୍ରୀର ଆବଶ୍ୟକତା ରହିଛି। ନୂତନ ଭାବେ ପ୍ରଚଳିତ ଆଇଏସ୍ ୨୦୬୨ (ଭାଗ ୨):୨୦୨୬ ହେଉଛି ପ୍ରଥମ ବିଆଇଏସ୍ ମାନକ, ଯାହା ବିଶେଷ ଭାବରେ କ୍ୱେଞ୍ଚଡ୍ ଆଣ୍ଡ ଟେମ୍ପର୍ଡଇସ୍ପାତ ପ୍ଲେଟ୍ ପାଇଁ ପ୍ରସ୍ତୁତ କରାଯାଇଛି। ଏକ ସ୍ୱତନ୍ତ୍ର ହିଟ୍-ଟ୍ରିଟମେଣ୍ଟ ପ୍ରକ୍ରିୟା ମାଧ୍ୟମରେ ଉତ୍ପାଦିତ, କ୍ୟୁ ଏବଂ ଟିଇସ୍ପାତ ଅସାଧାରଣ ଭାବରେ ଉଚ୍ଚ ଶକ୍ତି ଏବଂ ସ୍ଥାୟୀତ୍ୱ ପ୍ରଦାନ କରିବା ସହିତ ହାଲୁକା କିନ୍ତୁ ଅଧିକ ଶକ୍ତିଶାଳୀ ଓ ଅଧିକ ଭାର ବହନକୁ ସକ୍ଷମ କରିଥାଏ। ଏହି ଉତ୍ପାଦଗୁଡ଼ିକ ସେତୁ, ଭାରୀ ଇଞ୍ଜିନିୟରିଂ ଉପକରଣ, ଖଣି ଯନ୍ତ୍ରପାତି, ଅଫଶୋର ଷ୍ଟ୍ରକଚର୍ସ, ସାମୁଦ୍ରିକ ପ୍ରୟୋଗ ଏବଂ ଅନ୍ୟାନ୍ୟ ଆହ୍ୱାନମୂଳକ ଶିଳ୍ପ ପରିବେଶରେ ବ୍ୟାପକ ଭାବରେ ବ୍ୟବହୃତ ହୁଏ, ଯେଉଁଠାରେ ସୁରକ୍ଷା ଏବଂ କାର୍ଯ୍ୟଦକ୍ଷତା ବେଶ ଗୁରୁତ୍ୱପୂର୍ଣ୍ଣ। ଆଇଏସ୍ ୧୯୨୧୦:୨୦୨୫ମାନକ, ପୂର୍ବରୁ ରଙ୍ଗ କରାଯାଇଥିବା ଜିଙ୍କ୍-ଆଲୁମିନିୟମ୍-ମ୍ୟାଗ୍ନେସିୟମ୍ ଆବରଣଯୁକ୍ତ ଇସ୍ପାତ ଉତ୍ପାଦଗୁଡ଼ିକ ପାଇଁ ଏକ ଗୁଣବତ୍ତା ଢାଞ୍ଚା ନିର୍ଦ୍ଧାରଣ କରିଥାଏ। ଏହି ବର୍ଗ ଅଧୀନରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଉତ୍ପାଦ, ଆର୍ସେଲରମିତ୍ତଲର ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ଜିଙ୍କ୍-ଆଲୁମିନିୟମ୍-ମ୍ୟାଗ୍ନେସିୟମ୍ ଆବରଣଯୁକ୍ତ ଇସ୍ପାତ ପ୍ରଯୁକ୍ତିବିଦ୍ୟା 'ଅପ୍ଟିଗାଲ୍ସ' ଉପରେ ଆଧାରିତ। ପାରମ୍ପରିକ ରଙ୍ଗ-ଆବରଣଯୁକ୍ତ ଇସ୍ପାତ ଉତ୍ପାଦ ତୁଳନାରେ, ଏହି ଆଧୁନିକ ଆବରଣ କଳଙ୍କିଠାରୁ ଯଥେଷ୍ଟ ଉନ୍ନତପ୍ରତିରୋଧ ପ୍ରଦାନକରିବା ସହିତଅତ୍ୟାଧୁନିକ ସୁରକ୍ଷା, ଦୀର୍ଘକାଳୀନ ସେବାଏବଂ କମ୍ ରକ୍ଷଣାବେକ୍ଷଣ ଆବଶ୍ୟକ କରିଥାଏ। ଏହି ଉତ୍ପାଦଗୁଡ଼ିକ ଛାତ ଓ ବାହ୍ୟ ଆବରଣ (କ୍ଲେଡିଂ), ପୂର୍ବ-ନିର୍ମିତ କୋଠାଘର, ଭିତ୍ତିଭୂମି, ଗୋଦାମ, ରେଳବାଇ ଏବଂ ଶିଳ୍ପ ନିର୍ମାଣ କ୍ଷେତ୍ରରେ ବ୍ୟାପକ ଭାବରେ ବ୍ୟବହୃତ ହୋଇଥାଏ। ଏଏମ୍/ଏନ୍‌ଏସ୍ ଇଣ୍ଡିଆ ବର୍ତ୍ତମାନ ୨୫ ଟି ବିଆଇଏସ୍‌ଲାଇସେନ୍ସ ହାସଲ କରିଛି, ଯେଉଁଥିରେ ଆଇଏସ୍ ୩୦୩୯, ଆଇଏସ୍ ୧୮୮୦୯: ୨୦୨୪ ଏବଂ ଆଇଏସ୍ ୨୦୬୨ (ଭାଗ ୨):୨୦୨୬ ଅଧୀନରେ ତିନୋଟି ପ୍ରତିଷ୍ଠିତ 'ଅଲ୍ ଇଣ୍ଡିଆ ଫାଷ୍ଟ ଲାଇସେନ୍ସ'ଅନ୍ତର୍ଭୁକ୍ତ, ଯାହା ଭାରତୀୟ ବଜାରରେ ଅତ୍ୟାଧୁନିକ ଇସ୍ପାତ ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱସ୍ତରୀୟ ଉତ୍ପାଦ ପ୍ରଚଳନ କ୍ଷେତ୍ରରେ କମ୍ପାନୀର ନିରନ୍ତର ଅଗ୍ରଣୀ ଭୂମିକାକୁ ପ୍ରତିଫଳିତ କରୁଛି।

# ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ୍‌ରେ 'ଶ୍ରମବୀର'ମାନଙ୍କ ସହ ବିଶ୍ୱକର୍ମା ପୂଜା ପାଳନ କଲେ ନବୀନ ଜିନ୍ଦଲ

**ଅନୁଗୋଳ, ନ୍ୟୁଜ ବ୍ୟୁରୋ**

ଜିନ୍ଦଲ ଷ୍ଟିଲ୍‌ର ଚେୟାରମ୍ୟାନ ନବୀନ ଜିନ୍ଦଲ ଅନୁଗୋଳ ପ୍ଲାଣ୍ଟରେ 'ଶ୍ରମବୀର' ଓ କର୍ମଚାରୀମାନଙ୍କ ସହ ଭଗବାନ ବିଶ୍ୱକର୍ମାଙ୍କ ପୂଜାରେ ସାମିଲ ହୋଇଥିଲେ। ଏହି ଅବସରରେ ସେ କର୍ମଚାରୀମାନଙ୍କ ଦକ୍ଷତା, ନିଷ୍ଠା ଓ ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହିତ କହିଥିଲେ ଯେ, ସେମାନଙ୍କ ଅବଦାନ କମ୍ପାନୀର ନିରନ୍ତର ବିକାଶ ଓ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ଜିନ୍ଦଲଙ୍କ ସହ ଜିନ୍ଦଲ ଷ୍ଟିଲ୍‌ର ମ୍ୟାନେଜିଂ ଡାଇରେକ୍ଟର ଭି. ଆର. ଶର୍ମା, ସିଓଓ ରାଜୀବ କୁମାର, ଅନୁଗୋଳର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଦାମୋଦର ମିତ୍ତଲ, ସ୍ପେଶାଲ୍ ପ୍ରୋଜେକ୍ଟସ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ହୃଦୟେଶ୍ୱର ଝା, ଗ୍ରୁପ୍ ସିଏଚ୍‌ଆରଓ ସୁଖଜିତ ସିଂହ ପସରିଚା, ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପ୍ଲେଟ୍ ମିଲ୍ ଅଞ୍ଚଳରେ ପାରମ୍ପରିକ ବୈଦିକ ରୀତିନୀତିରେ ପୂଜାର୍ଚ୍ଚନା ସହ ଏହି ଉତ୍ସବର ଶୁଭାରମ୍ଭ ହୋଇଥିଲା। ଏଠାରେ ଦିବ୍ୟ ସ୍ଥପତି ଭଗବାନ ବିଶ୍ୱକର୍ମାଙ୍କ ପୂଜା କରାଯାଇ କର୍ମଚାରୀ, ସେମାନଙ୍କ ପରିବାର ଓ ସମାଜର ସୁରକ୍ଷା, ସମୃଦ୍ଧି ଓ ମଙ୍ଗଳ ପାଇଁ ଆଶୀର୍ବାଦ କାମନା କରାଯାଇଥିଲା। ଏହି ଉତ୍ସବରେ କର୍ମଚାରୀ, ସେମାନଙ୍କ ପରିବାର, ଜିନ୍ଦଲ ନଗରର ବାସିନ୍ଦା ଓ ସ୍ଥାନୀୟ ସମୁଦାୟର ସଦସ୍ୟମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୭୩ ଜଣ 'ଶ୍ରମବୀର'ଙ୍କ ଦକ୍ଷତା, ନିଷ୍ଠା, ଶୃଙ୍ଖଳା ଓ ନିରାପଦ କାର୍ଯ୍ୟ ପ୍ରଣାଳୀ ପ୍ରତି ପ୍ରତିବଦ୍ଧତାକୁ ସମ୍ମାନ ଜଣାଇବା ପାଇଁ ଏକ ସ୍ୱତନ୍ତ୍ର 'ରିୱାର୍ଡ ଆଣ୍ଡ ରେକଗ୍ନିସନ୍ ପ୍ରୋଗ୍ରାମ୍' ଆୟୋଜନ କରାଯାଇଥିଲା। ତିନିଟି ବର୍ଗରେ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା— ଉଲ୍ଲେଖନୀୟ ସାମଗ୍ରିକ ଅବଦାନ ଓ ପ୍ରଦର୍ଶନ ପାଇଁ 'ବିଶ୍ୱକର୍ମା ରତ୍ନ' (ଅଲରାଉଣ୍ଡର୍ ଆୱାର୍ଡ); କାର୍ଯ୍ୟସ୍ଥଳରେ ସୁରକ୍ଷା ପ୍ରତି ଅନୁକରଣୀୟ ପ୍ରତିବଦ୍ଧତା ପାଇଁ 'ସେଫ୍ଟି ଚାମ୍ପିଅନ୍' (ସୁରକ୍ଷା ଶ୍ରେଷ୍ଠ ଆୱାର୍ଡ), ଏବଂ ଅସାଧାରଣ ଶୃଙ୍ଖଳା ଓ ସାଂଗଠନିକ ମୂଲ୍ୟବୋଧର ଅନୁପାଳନ ପାଇଁ 'ଡିସିପ୍ଲିନ୍ ଆୱାର୍ଡ' (ଅନୁଶାସନ ଗୌରବ ଆୱାର୍ଡ)। ଏହି ଅବସରରେ ନବୀନ ଜିନ୍ଦଲ କହିଥିଲେ, "ଆମର 'ଶ୍ରମବୀର'ମାନେ ହିଁ ଜିନ୍ଦଲ ଷ୍ଟିଲ୍‌ର ପ୍ରତ୍ୟେକ ସଫଳତା ପଛର ପ୍ରକୃତ ଶକ୍ତି। ଆମର ବିକାଶ ଯାତ୍ରାରେ ସେମାନଙ୍କ ଦକ୍ଷତା, ନିଷ୍ଠା ଓ ପ୍ରତିବଦ୍ଧତାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ମୁଁ ଆମର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି ଏବଂ ଆମେ ଯେକୌଣସି କାର୍ଯ୍ୟ କରିବା ସମୟରେ ସୁରକ୍ଷା, ଗୁଣବତ୍ତା ଓ ଉତ୍କର୍ଷତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ସମସ୍ତଙ୍କୁ ଆହ୍ୱାନ କରୁଛି।" ଜିନ୍ଦଲ ଷ୍ଟିଲ୍‌ର ମ୍ୟାନେଜିଂ ଡାଇରେକ୍ଟର ଭି. ଆର. ଶର୍ମା କହିଥିଲେ, "ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ। କାରଣ, ଆମର ଲୋକମାନେ ନିରାପଦରେ ନିଜ ପରିବାର ନିକଟକୁ ଫେରିଲେ ହିଁ ସଫଳତା ପ୍ରକୃତ ଅର୍ଥରେ ସାର୍ଥକ ହୋଇଥାଏ। ମୁଁ ସମସ୍ତଙ୍କୁ ନିରାପଦ କାର୍ଯ୍ୟ ପ୍ରଣାଳୀ ଅନୁସରଣ କରିବା ସହ ପ୍ରତ୍ୟେକ କାର୍ଯ୍ୟରେ ସଚେତନ ରହିବାକୁ ଆହ୍ୱାନ କରୁଛି। ଏହି ପବିତ୍ର ଅବସରରେ ମୁଁ ଭଗବାନ ବିଶ୍ୱକର୍ମାଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ, ସେ ଆମକୁ ଆମର ଦାୟିତ୍ୱଗୁଡ଼ିକୁ ଦକ୍ଷତାର ସହ ତୁଲାଇବା ଏବଂ ଏକାଠି ହୋଇ ଆମର ଲକ୍ଷ୍ୟ ହାସଲ କରିବା ପାଇଁ ଆଶୀର୍ବାଦ ଓ ମାର୍ଗଦର୍ଶନ ପ୍ରଦାନ କରନ୍ତୁ।" ଦେବଭୂମି, ଜିନ୍ଦଲ ନଗରସ୍ଥିତ ଜଗନ୍ନାଥ ମନ୍ଦିର, ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟର ଫର୍ ଆଡଭାନ୍ସଡ୍ ୱେଲ୍ଡିଂ ଟେକ୍ନୋଲୋଜି, ଶ୍ରମବୀର ବିହାର, ପ୍ରିକାଷ୍ଟ ପ୍ଲାଣ୍ଟ ସମେତ ପ୍ଲାଣ୍ଟ ଓ ଟାଉନ୍‌ସିପ୍‌ର ବିଭିନ୍ନ ସ୍ଥାନରେ ମଧ୍ୟ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଆୟୋଜନ କରାଯାଇଥିଲା। ଅନୁଗୋଳ ହ୍ୟୁମାନ୍ ରିସୋର୍ସେସ୍‌ର ହେଡ୍ ଶ୍ରୀ ସୁଭାଷ ଚନ୍ଦ୍ରଙ୍କ ମାର୍ଗଦର୍ଶନରେ ହ୍ୟୁମାନ୍ ରିସୋର୍ସେସ୍ ଓ ଆଡମିନିଷ୍ଟ୍ରେସନ୍ ଟିମ୍ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।



# 'ଟେକ୍‌ନୋଭା - ଇଣ୍ଟିଗ୍ରେଟେଡ୍ ନଲେଜ୍ ହବ୍' ଖୋର୍ଦ୍ଧା ରୋଡ ମେମୁ କାର୍ ଶେଡ୍‌ରେ ଉଦ୍‌ଘାଟିତ

**ଖୋର୍ଦ୍ଧାରୋଡ, ନ୍ୟୁଜ ବ୍ୟୁରୋ**

ମେମୁ ଟ୍ରେନ୍‌ର ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ଆହୁରି ଦକ୍ଷ, ସୁରକ୍ଷିତ ଓ ବୈଷୟିକ ଭାବେ ସୁଦୃଢ଼ କରିବା ଦିଗରେ ଏକ ଅଭିନବ ପଦକ୍ଷେପ ସ୍ୱରୂପ, ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ଖୋର୍ଦ୍ଧା ରୋଡ୍‌ସ୍ଥିତ ମେମୁ କାର୍ ଶେଡ ରେ "ଟେକ୍‌ନୋଭା - ଇଣ୍ଟିଗ୍ରେଟେଡ୍ ନଲେଜ୍ ହବ୍" ଉଦ୍‌ଘାଟିତ ହୋଇଛି।




ଖୋର୍ଦ୍ଧା ରୋଡ୍ ମଣ୍ଡଳର ରେଳ ପ୍ରବନ୍ଧକ ଡି. ସୁନୀଲ ଏହି ଜ୍ଞାନ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଡିଆରଏମ୍ (ଓପି) ଶ୍ରୀ ପି.କେ. ବେହେରାଙ୍କ ସମେତ ବିଦ୍ୟୁତ୍ (ଓପି), ବିଦ୍ୟୁତ୍ (ଜି), ପରିଚାଳନା, ସଙ୍କେତ ଓ ଦୂରସଞ୍ଚାର, ଭଣ୍ଡାର ଶାଖାର ଅଧିକାରୀବୃନ୍ଦ ଏବଂ ଡିଇଇ/ମେମୁ/ଖୋର୍ଦ୍ଧା ରୋଡ୍ ଉପସ୍ଥିତ ଥିଲେ। ଟେକ୍‌ନୋଭା ଏକ ସମନ୍ୱିତ ବୈଷୟିକ ଜ୍ଞାନ କେନ୍ଦ୍ର ଭାବେ ପାରମ୍ପରିକ ଏବଂ ୩-ଫେଜ୍ ମେମୁ ଟ୍ରେନ ର ବିଭିନ୍ନ ବୈଦ୍ୟୁତିକ, ବାୟୁଚାଳିତ ଓ ଯାନ୍ତ୍ରିକ ଯନ୍ତ୍ରାଂଶ, ସେଗୁଡ଼ିକର କାର୍ଯ୍ୟପ୍ରଣାଳୀ, ପରୀକ୍ଷା ଏବଂ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ଆବଶ୍ୟକୀୟ ବୈଷୟିକ ତଥ୍ୟକୁ ଏକ ସ୍ଥାନରେ ସଂଗ୍ରହ କରିଛି। ଏହି ଜ୍ଞାନ କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି "ସହଜରେ ଅଦ୍ୟତନ ଜ୍ଞାନ ଉପଲବ୍ଧ କରାଇବା" ପ୍ରଦାନ କରିବା। ଏହା କର୍ମଚାରୀମାନଙ୍କ ପାଇଁ ଆବଶ୍ୟକୀୟ ବୈଷୟିକ ସୂଚନାର ଏକ ତୁରନ୍ତ ଭାବେ କାର୍ଯ୍ୟ କରିବ। ଫଳରେ କର୍ମଚାରୀମାନେ ମେମୁ ଟ୍ରେନ୍‌ର ବିଭିନ୍ନ ଯନ୍ତ୍ରପାତି, ପ୍ରଣାଳୀ ଓ ରକ୍ଷଣାବେକ୍ଷଣ ପ୍ରକ୍ରିୟା ସମ୍ପର୍କିତ ଜ୍ଞାନକୁ ଆବଶ୍ୟକ ସମୟରେ ଶୀଘ୍ର ପୁନର୍ବାର ସହଜ କରିପାରିବେ। 'ଟେକ୍‌ନୋଭା' ମାଧ୍ୟମରେ ମେମୁ ରକ୍ଷଣାବେକ୍ଷଣରେ ନିୟୋଜିତ କର୍ମଚାରୀମାନଙ୍କ ମଧ୍ୟରେ ନିରନ୍ତର ଶିକ୍ଷା, ବୈଷୟିକ ଜ୍ଞାନର ଆଦାନପ୍ରଦାନ, ଦକ୍ଷତା ବିକାଶ ଏବଂ ନିରାପଦ ରକ୍ଷଣାବେକ୍ଷଣ ପଦ୍ଧତିକୁ ଅଧିକ ପ୍ରୋତ୍ସାହନ ମିଳିବ। ଏହି ଅଭିନବ ପଦକ୍ଷେପ ମେମୁ ଟ୍ରେନ୍‌ର ରକ୍ଷଣାବେକ୍ଷଣ କାର୍ଯ୍ୟରେ ବୈଷୟିକ ଦକ୍ଷତା ବୃଦ୍ଧି ସହିତ ସୁରକ୍ଷା, ନିର୍ଭରଯୋଗ୍ୟତା ଓ କାର୍ଯ୍ୟକ୍ଷମତାକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ।

# ୟୁପିଆଇ ବ୍ୟବହାର ଉପରେ ଟ୍ୟାକ୍ସକୁ ନେଇ ବର୍ଷିଲା କଂଗ୍ରେସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ୟୁପିଆଇ ବ୍ୟବହାର ଉପରେ ଟ୍ୟାକ୍ସକୁ ନେଇ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ଓଡ଼ିଶା ପ୍ରଭାରୀ ଲାଲଜୀ ଦେଶାଇ, ଓପିସିସି ସଭାପତି ଭକ୍ତ ଚରଣ ଦାସ ବିଜେପି ସରକାର ଉପରେ ବର୍ଷିଛନ୍ତି।

ସଭାପତି ଶ୍ରୀ ଦାସ କହିଛନ୍ତି ଯେ, ୟୁନିଫାଇଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ ବା ୟୁପିଆଇ ଆଜିକାଲି ସାଧାରଣ ଲୋକଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଛି, ହେଲେ ଏହା ସହିତ ଜଡ଼ିତ ସାମ୍ପ୍ରତିକ ସମସ୍ୟା ଗରିବ ଓ ମଧ୍ୟବିତ୍ତ ଶ୍ରେଣୀ ପାଇଁ ବଡ଼ ଚିନ୍ତାର କାରଣ ସାଜିଛି। ସରକାର ପ୍ରଥମେ ନଗଦମୁକ୍ତ କାରବାରର ପ୍ରତିଶ୍ରୁତି ଦେଇ ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହନ ଦେଇଥିଲେ, କିନ୍ତୁ ଏବେ ବିଭିନ୍ନ ୱାଲେଟ୍ ଓ ପ୍ଲାଟଫର୍ମ କାରବାର ଉପରେ ଲୁକ୍କାୟିତ ଚାର୍ଜ ଓ ଅତିରିକ୍ତ ଶୁଳ୍କ ଲଗାଯାଉଥିବାରୁ ଏହା ଛୋଟ ଦୋକାନୀ, ପରିବା ବିକ୍ରେତା ଏବଂ ସାଧାରଣ ଗ୍ରାହକଙ୍କ ଆର୍ଥିକ ବୋଝ ବଢ଼ାଇ ଦେଇଛି। ସବୁଠାରୁ ମାରାତ୍ମକ ବିଷୟ ହେଉଛି, ବର୍ତ୍ତମାନ ସମୟରେ ବଢ଼ି ଚାଲିଥିବା ୟୁପିଆଇ ସାଇବର ଠକେଇ ଓ ଫିସିଂ ସ୍କାମର ଶିକାର ଗ୍ରାମାଂଚଳର ଅପାଠୁଆ ଏବଂ ସରଳ ଲୋକମାନେ ହିଁ ହେଉଛନ୍ତି। ବ୍ୟାଙ୍କ କିମ୍ବା ପ୍ରଶାସନ ତରଫରୁ ତୁରନ୍ତ ସହାୟତା ବା ଅଭିଯୋଗର ସମାଧାନ ନ ମିଳିବା କାରଣରୁ ଜଣେ ସାଧାରଣ ନାଗରିକ ତାର ରକ୍ତଝାଳ ବୁହା ଧନ ହରାଇ ସମ୍ପୂର୍ଣ୍ଣ ଅସହାୟ ହୋଇପଡୁଛି। ପ୍ରଥମେ ମାଗଣାର ପ୍ରଲୋଭନ ଦେଖାଇ ଲୋକଙ୍କୁ ଜାଲରେ ଫସାଅ, ଆଉ ତା'ପରେ ସେମାନଙ୍କ ରକ୍ତଝାଳ ବୁହା ଧନ ଉପରେ ଟ୍ୟାକ୍ସ ବସାଅ! ଏହି ଜନବିରୋଧୀ ନିଷ୍ପତି ଯୋଗୁଁ ଆମର ସାଧାରଣ ଗ୍ରାହକ ଏବଂ ଖୁଚୁରା ବ୍ୟବସାୟୀମାନେ ହିଁ ସବୁଠାରୁ ବେଶୀ ହଇରାଣ ହେବେ, ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବ। କଂଗ୍ରେସ ଦଳ ଏହି 'ବେପାରୀ ନୀତି' କୁ କଦାପି ବରଦାସ୍ତ କରିବ ନାହିଁ। ଆମେ ଗରିବଙ୍କ ହକ୍ ପାଇଁ ରାଜପଥକୁ ଓହ୍ଲାଇବୁ ବୋଲି ସଭାପତି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

ଏହି ସରକାର ଏକ ମିଛୁଆ ସରକାର। ଖୋଦ୍ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଗଷ୍ଟ ୬ ଓ ୧୦ରେ ଦୁଇଥର ପାର୍ଲାମେଣ୍ଟରେ କହିଥିଲେ, ସେପରି କିଛି ନାହିଁ। ଅଥଚ ୫ ସପ୍ତାହ ଗଲାନି, ସେପ୍ଟେମ୍ବର ୧୪ରେ ବିଜ୍ଞପ୍ତି ପ୍ରକାଶ କରିଦେଲେ ଯେ ଅକ୍ଟୋବର ୧୫ରୁ ଏଣୁଏଣିକି ୨୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ୟୁପିଆଇ କାରବାରରେ ଟ୍ୟାକ୍ସ ଲାଗିବ। ଏହା ମିଛୁଆ ସରକାରର ଆଉ ଏକ ମିଛ।

ଏଆଇସିସି ଓଡ଼ିଶା ପ୍ରଭାରୀ ଶ୍ରୀ ଦେଶାଇ କହିଛନ୍ତି ଯେ, ମୋଦୀ ଶାହା ଏବଂ ଅର୍ଥମନ୍ତ୍ରୀ ଲୋକଙ୍କ ପକେଟକୁ ଟଙ୍କା ଆସିବ ବୋଲି ଭୁଟାଇ ପକେଟମାର କରୁଛନ୍ତି। ସେମାନେ ଏହି ଟ୍ୟାକ୍ସ ଦ୍ୱାରା ଲୋକେ ଲାଭବାନ ହେବେ ବୋଲି କହୁଛନ୍ତି ତାହା ସମସ୍ତଙ୍କ ବୁଝିବା ଶକ୍ତି ବାହାରେ। ବିଭିନ୍ନ ଉପାୟ ଅବଲମ୍ବନ କରି ଏମାନେ କେବଳ ଅର୍ଥ ଲୁଟ କରୁଛନ୍ତି। ଏମଏମଡିଆର ଏହାର ଏକ ନିଛକ ଉଦାହରଣ। କିନ୍ତୁ କଂଗ୍ରେସ ସବୁବେଳେ ଜନତାଙ୍କ ସାଥିରେ ଅଛି ଓ ଏହି ଡବଲ ଇଞ୍ଜିନ ସରକାରକୁ ଯେତେଦିନ ପର୍ଯ୍ୟନ୍ତ ହଟାଇବେ ନାହିଁ ସେତେଦିନ ପର୍ଯ୍ୟନ୍ତ ଏମାନେ ଜନତାଙ୍କ ରକ୍ତ ଚୋଷୁଥିବେ ବୋଲି ଶ୍ରୀ ଦେଶାଇ ମତବ୍ୟକ୍ତ କରିଥିଲେ।

# ଦକ୍ଷିଣ ଆଫ୍ରିକା ଗସ୍ତରେ ବାଚସ୍ପତି

## କେପ୍‌ଟାଉନ୍ ଠାରେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀରେ ଯୋଗଦାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ କେପ୍ ଟାଉନ୍ ଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ୬୯ତମ ଅଧିବେଶନରେ ଯୋଗ ଦେଇଛନ୍ତି। ସେଠାକାର ଅନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୬ଟି ଦେଶର ବାଚସ୍ପତି, ମନ୍ତ୍ରୀ, ସାଂସଦ, ବିଧାୟକ ଓ ସଚିବଙ୍କ ସମେତ ବିଭିନ୍ନ ଦେଶର ପ୍ରତିନିଧିମାନେ ଯୋଗଦେଇଛନ୍ତି। ଅଧିବେଶନରେ ଉଦ୍‌ବୋଧନ ଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଭାରତର ଦୃଷ୍ଟିକୋଣ ହେଉଛି ବିକାଶ ଏବଂ ସ୍ଥିରତା ସହ ଏକତ୍ର ଭାବେ ଆଗକୁ ବଢ଼ିବା ଉଚିତ। ବିକାଶ ଏବଂ ଜଳବାୟୁ ସ୍ଥିରତା ପୃଥକ ଭାବରେ ଅନୁସରଣ କରାଯାଇପାରିବ ନାହିଁ। କୃଷି, ଜଳ, ଶକ୍ତି, ସ୍ୱାସ୍ଥ୍ୟ, ସହର, ଭିତିଭୂମି, ଜଙ୍ଗଲ, ଉପକୂଳ ଏବଂ ବିପର୍ଯ୍ୟୟ ପରିଚାଳନା ସହିତ ଜଳବାୟୁ ସମସ୍ୟା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏଣୁ ରାଜ୍ୟ ଏବଂ ସ୍ଥାନୀୟ ପ୍ରତିଷ୍ଠାନଗୁଡ଼ିକ ସ୍ଥାନୀୟ ପରିସ୍ଥିତି ଅନୁଯାୟୀ ପରିବେଶ ଏବଂ ସମ୍ବଳ ପାଇଁ ଉପଯୁକ୍ତ ସମାଧାନ ନିର୍ଣ୍ଣୟ କରନ୍ତି। ଜଳବାୟୁ ସ୍ଥିରତା ବିକାଶର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଥିବାରୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନକୁ ଏକାଠି ସମାଧାନ କରାଯିବା ଉଚିତ। ଏହା ଦ୍ୱାରା ସ୍ୱଚ୍ଛ ଶକ୍ତି, ଶକ୍ତି କ୍ଷେତ୍ରରେ ଦକ୍ଷତା, ଉନ୍ନତ ବର୍ଜ୍ୟ ପରିଚାଳନା, ଉନ୍ନତ ଅର୍ଥନୀତି ପଦ୍ଧତି ଦ୍ୱାରା ଜଳବାୟୁ, ଜନସ୍ୱାସ୍ଥ୍ୟ ଏବଂ ଜୀବନର ଗୁଣବତାରେ ଉତ୍କର୍ଷ ହାସଲ କରାଯାଇପାରିବ। ଶ୍ରୀମତୀ ପାଢ଼ୀ ଓଡ଼ିଶାରେ ପ୍ରକୃତିକ ବିପର୍ଯ୍ୟୟର ପ୍ରତିକୂଳ ପ୍ରଭାବ ବିଷୟ ଉଲ୍ଲେଖ କରି କହିଲେ ଯେ ପ୍ରାରମ୍ଭିକ ସତର୍କତା ବ୍ୟବସ୍ଥା, ଘୂର୍ଣ୍ଣିଝଡ଼, ଆଶ୍ରୟସ୍ଥଳ, ସ୍ଥାନାନ୍ତର ବ୍ୟବସ୍ଥା, ସାଂଗଠନିକ ସମନ୍ୱୟ ଏବଂ ଗୋଷ୍ଠୀ ସଂପୃକ୍ତି ଯୋଗୁଁ ରାଜ୍ୟ ଏହି ପ୍ରତିକୂଳତାକୁ ଅତିକ୍ରମ କରିପାରିଛି। ଜଳବାୟୁ ପରିବର୍ତ୍ତନ କେବଳ ଏକ ପରିବେଶଗତ କିମ୍ବା ବୈଜ୍ଞାନିକ ଆହ୍ୱାନ ନୁହେଁ। ଏଣୁ ରାଜ୍ୟ ସରକାର ଏଥି ପାଇଁ ଆଇନ ପ୍ରଣୟନ ସହ ବଜେଟ୍ ବ୍ୟବସ୍ଥା କରିଛନ୍ତି। ତଦାରଖ ଏବଂ ଉତରଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ଗୋଷ୍ଠୀ ସହଭାଗିତା ଜଳବାୟୁର ସ୍ଥିରତା ପାଇଁ ଅପରିହାର୍ଯ୍ୟ ବୋଲି ବାଚସ୍ପତି କହିଛନ୍ତି।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/26-27/E-Tender/47 ତା.17.09.2026ରିଖ

ଟେଣ୍ଡର ସଂ. etendersouthkur-144-2026, ତା.31.08.2026ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ବିଭିନ୍ନ ବ୍ରିଜ୍ ପାଇଁ ପାଣି ତଳ ଯାଞ୍ଚ ରିପୋର୍ଟ ଆଧାରରେ ସେତୁର ଭିତ୍ତିଭୂମି, ପିୟର୍ (ଖୁଣ୍ଟ) ଏବଂ ସବ୍-ଷ୍ଟ୍ରକଚର୍ (ନିମ୍ନ ଭାଗ) ଉପାଦାନଗୁଡ଼ିକର ପାଣି-ତଳ ମରାମତି ଓ ସୁଦୃଢ଼ୀକରଣ ପାଇଁ ପ୍ରସ୍ତାବ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 502.63 ଲକ୍ଷ, EMD : ₹ 10,05,300.00, ଶେଷ ହେବା ଅବଧି : 06 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.09.2026ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-450/R/26-27

ଭୁବନେଶ୍ୱର, ୧୮ ସେପ୍ଟେମ୍ବର, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ବଜାପଲ୍ଲୀ ଗାଁରେ ମାଟି ତଳୁ ବାହାରିଲା ମା' କାଳୀଙ୍କ ସୁନା ମୂର୍ତ୍ତି



**ଦିଗପହଣ୍ଡି ୧୭।୦୯ ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ବଜାପଲ୍ଲୀ ଗାଁରେ ଆଶ୍ଚର୍ଯ୍ୟକର ଘଟଣା । ମାଟି ତଳୁ ବାହାରିଲା ମା' କାଳୀଙ୍କ ମୂର୍ତ୍ତି । ଏହି ମୂର୍ତ୍ତିକୁ ଦେଖିବାକୁ ଜମୁଛି ଲୋକଙ୍କ ଭିଡ଼ । ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲା ବଜାପଲ୍ଲୀ ଗାଁର ଦୁଦଷ୍ଟି ରେଡ୍ଡୀଙ୍କ ଝିଅ କାମିନ ରେଡ୍ଡୀଙ୍କ ଏକ ସୁନାମୁଦି ହଜିଯାଇଥିଲା। ମୁଦିକୁ ଚାରିଆଡେ ଖୋଜିବା ପରେ ବି କୌଣସି ପତ୍ତା ମିଳିନଥିଲା । ଶେଷରେ ଘରର ବାରିପଟେ ଥିବା ମାଟିକୁ ଘରର କିଛି ଲୋକ ଖୋଳିଥିଲେ । ଏହି ସମୟରେ ହଠାତ୍ ମାଟି ତଳୁ ମା' କାଳୀଙ୍କ ମୂର୍ତ୍ତି ମିଳିଥିଲା। ମୂର୍ତ୍ତିଟି ସୁନାର ବୋଲି ସ୍ଥାନୀୟ ଲୋକେ କହୁଛନ୍ତି । ହେଲେ ଏହା କେତେ ଦୂର ଠିକ୍, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ତେବେ ମାଟି ତଳୁ ଏଭଳି ସୁନା ମୂର୍ତ୍ତି ମିଳିବା ବହୁତ ଦୁର୍ଲଭ। ତେଣୁ ତାକୁ ନେଇ ପୁରା ଗାଁ ଏବଂ ଆଖପାଖ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଗାଁରେ ମୂର୍ତ୍ତିକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ମଧ୍ୟ ଜମୁଛି ।



ଭୁବନେଶ୍ୱରରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା :-ଟିପିସିଓଡିଏଲ୍ ୟୁନିଟ୍-୯ ପ୍ଲାଣ୍ଟ ସେକ୍ସନ




ୱାଟକୋ ସେକ୍ସନ ୟୁନିଟ୍-୯ ପ୍ଲାଣ୍ଟ



ମଞ୍ଚେଶ୍ୱର ରେଲୱେ ୱାର୍କସପ୍

# ବାଲୁକାକଳା ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା




**ଭୁବନେଶ୍ୱର, ୧୭/୦୯ ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ୭୬ ବର୍ଷରେ ପଦାର୍ପଣ କରିଛନ୍ତି । ଏହି ଅବସରରେ ବିଜେପି ନେତୃତ୍ୱାଧିନ, ଏନ୍‌ଡିଏ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କର ନେତୃତ୍ୱ, ଜନସେବା ପ୍ରତି ପ୍ରତିବଦ୍ଧତା ଏବଂ ଦେଶର ବିକାଶରେ ତାଙ୍କ ଅବଦାନ ପାଇଁ ବିଭିନ୍ନ ମହଲରୁ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟିଛି । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସ ଅବସରରେ ତାଙ୍କୁ ଶୁଭେଚ୍ଛା ଜଣାଇ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ଏକ ବାଲୁକାକୃତି ନିର୍ମାଣ କରିଛନ୍ତି ।

## କିଟ୍ ଓ କିସ୍ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିନ ପାଳନ

# ମୋଦୀଙ୍କ ଜନକଲ୍ୟାଣକାରୀ ପଦକ୍ଷେପକୁ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରଶଂସା






**ଭୁବନେଶ୍ୱର, ୧୭।୯ ନ୍ୟୁଜ ବ୍ୟୁରୋ**

କିସ୍ ଓ କିଟ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ପାଳିତ ହୋଇଯାଇଛି । ଗୁରୁବାର ସକାଳେ ଓଡ଼ିଶା ସରକାରଙ୍କ ତରଫରୁ ଆୟୋଜିତ ବିଶାଳ ରକ୍ତଦାନ ଶିବିରରେ କିଟ୍ ଓ କିସ୍‌ର ୩ହଜାର ପିଲା ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କିସ୍ ପିଲାଙ୍କ ସହ ଅଲୋଚନା କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହାପରେ କିସ୍ ପରିସରରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀ କେକ୍ କାଟି ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଛାତ୍ରଛାତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବା ମାସ୍କ ପିନ୍ଧି ଜନ୍ମଦିନ କେକ୍ କାଟି ଅତ୍ୟନ୍ତ ଉତ୍ସାହର ସହ ଏହି ଉତ୍ସବରେ ସାମିଲ ହୋଇଥିଲେ। ପରେ ଶ୍ରୀବାଣୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରରେ କିସ୍‌ର ଜନଜାତି ପିଲାମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘ ଜୀବନ କାମନା କରି ସମୂହ ଦୀପଦାନ କରିଥିଲେ। ଏହା ସହ ଶ୍ରୀବାଣୀକ୍ଷେତ୍ର ବେଦସ୍କୁଲ୍ ବେଦାଧ୍ୟାୟୀଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ପିଲାମାନଙ୍କୁ ମୋଦୀଙ୍କ ବିଷୟରେ କହିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଜନକଲ୍ୟାଣକାରୀ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିବା ସହ ଜନଜାତି ସମୁଦାୟର ସଶକ୍ତିକରଣ ଏବଂ ବିକାଶ ଦିଗରେ ତାଙ୍କର ପ୍ରଚେଷ୍ଟା ପାଇଁ ଡ. ସାମନ୍ତ ଧନ୍ୟବାଦ ଜଣାଇଥିଲେ।

## ପୁଅଙ୍କ ଚିକିତ୍ସା ପାଇଁ ଇସ୍ତଫା ଦେଇଥିବା

# ବିଚାରପତିଙ୍କୁ ପୁଣି ଚାକିରି ଫେରାଇଲେ ହାଇକୋର୍ଟ

**କଟକ, ୧୭/୦୯ ନ୍ୟୁଜ ବ୍ୟୁରୋ**

ପୁଅଙ୍କ ଚିକିତ୍ସା ପାଇଁ ଚାକିରି ଛାଡ଼ିଥିଲେ ବିଚାରପତି, ପୁଣି ଫେରାଇଲେ ହାଇକୋର୍ଟ । ନିଜ



ଅଟିଜମ୍ ପୀଡ଼ିତ ନାବାଳକ ପୁଅର ଚିକିତ୍ସା ଓ ଯତ୍ନ ପାଇଁ ବିଚାର ବିଭାଗୀୟ ଚାକିରିରୁ ଇସ୍ତଫା ଦେଇଥିବା ଜଣେ ମହିଳା ବିଚାରପତିଙ୍କୁ ପୁଣି ଚାକିରି ଫେରାଇଛନ୍ତି ଓଡ଼ିଶା ହାଇକୋର୍ଟ । ପାରିବାରିକ ପରିସ୍ଥିତି ଓ ପୁଅଙ୍କ ଚିକିତ୍ସାଜନିତ ଆବଶ୍ୟକତାକୁ ବିଚାରକୁ ନେଇ ହାଇକୋର୍ଟ ଏହି ରାୟ ଦେଇଛନ୍ତି । ସୂଚନା ଅନୁସାରେ, ବିଚାରପତି ଇପ୍ସିତା ମହାନ୍ତି ନିଜ ପୁଅଙ୍କ ଚିକିତ୍ସା ଓ ଦେଖାଶୁଣା ପାଇଁ ଚାକିରିରୁ ଇସ୍ତଫା ଦେଇଥିଲେ । ପରେ ସେ ନିଜ ଇସ୍ତଫା ପ୍ରତ୍ୟାହାର କରିଥିଲେ। ତେବେ ତାଙ୍କ ଇସ୍ତଫା ଗ୍ରହଣ କରାଯାଇଥିବାରୁ ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସେପ୍ଟେମ୍ବର ୧୦ରେ ବିଚାରପତି ମନାସ ରଞ୍ଜନ ପାଠକ ଓ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଡିଭିଜନ୍ ବେଞ୍ଚ ଏହି ମାମଲାର ରାୟ ଶୁଣାଇଛନ୍ତି । ବେଞ୍ଚ କହିଛନ୍ତି ଯେ, ଇସ୍ତଫା ପ୍ରତ୍ୟାହାର କରିବା ପରେ ତାହା ଗ୍ରହଣ କରାଯିବା ଉଚିତ ନଥିଲା। ତେଣୁ ତାଙ୍କୁ ପୁଣି ବିଚାର ବିଭାଗୀୟ ସେବାରେ ନିଯୁକ୍ତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତାଙ୍କୁ ଅତିରିକ୍ତ ସିଭିଲ୍ ଜଜ୍ -କମ୍- ଏସ୍‌ଡିଜେଏମ୍ ଭାବେ ପୁନଃନିଯୁକ୍ତ କରାଯିବ । ତେବେ ହାଇକୋର୍ଟ ପଛୁଆ ବେତନ ଦେବାକୁ ମନା କରିଥିବା ବେଳେ ସେବାର ନିରନ୍ତରତା ଏବଂ ୨୦୨୩ ଜାନୁଆରୀ ୩ରୁ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ପ୍ରଦାନ କରିବାକୁ କହିଛନ୍ତି । ରାୟ ଦେବା ବେଳେ ବେଞ୍ଚ ତାଙ୍କ ପରିବାରର ବାସ୍ତବ ପରିସ୍ଥିତିକୁ ଗୁରୁତ୍ୱ ଦେଇଥିଲେ । ଜୀବନର ଜଟିଳ ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ନିଜସ୍ୱ ସମସ୍ୟା ସହ ଲଢ଼ନ୍ତି ବୋଲି କୋର୍ଟ ମତ ଦେଇଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୧୭/୦୯/୨୦୨୬
୫,୬୧,୦୯୭/- ଟଙ୍କା
ସୁନା:- ୦୨ ଗ୍ରାମ୍ ୦୦୦ମିଲିଗ୍ରାମ
ରୂପା:-୧୯ ଗ୍ରାମ୍ ୦୦୦ମିଲିଗ୍ରାମ

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଚାରା ରୋପଣ କଲେ ରାଜ୍ୟପାଳ



**ଭୁବନେଶ୍ୱର, ୧୭।୯ ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁବାର ଲୋକ ଭବନ ପରିସରସ୍ଥିତ ଅଟଳ ବନରେ 'ଏକ ପେଡ୍ ମା' କେ ନାମ' ଅଭିଯାନ ଅଧୀନରେ ଚାରା ରୋପଣ କରିଛନ୍ତି।

ଏହି ଅବସରରେ ରାଜ୍ୟପାଳ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ତାଙ୍କ ସୁସ୍ଥ, ସୁଖୀ ଓ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି । ଗୁଜୁରାଟର ମୁଖ୍ୟମନ୍ତ୍ରୀ ଏବଂ ପରେ ଭାରତର ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦୀଜୀଙ୍କ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଥିବା ରାଜ୍ୟପାଳ ଉଲ୍ଲେଖ କରିଛନ୍ତି।

ଚାରା ରୋପଣ କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟପାଳ କହିଥିଲେ ଯେ 'ଏକ ପେଡ୍ ମା କେ ନାମ' ପ୍ରଧାନମନ୍ତ୍ରୀଙ୍କ ଏକ ପ୍ରିୟ କାର୍ଯ୍ୟକ୍ରମ। ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ପାଇଁ ଏଭଳି ପଦକ୍ଷେପର ଗୁରୁତ୍ୱ ରହିଛି ବୋଲି ସେ କହିଥିଲେ। ମୋଦୀଙ୍କ ସାର୍ବଜନୀନ ଜୀବନ କାଳରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ଜନକଲ୍ୟାଣମୂଳକ ପଦକ୍ଷେପକୁ ମଧ୍ୟ ରାଜ୍ୟପାଳ ସ୍ମରଣ କରିଛନ୍ତି। ଏଥିସହ ଭାରତର ବିକାଶ ସହ ବିଶ୍ୱସ୍ତରରେ ଦେଶର ଛବିକୁ ଅଧିକ ସୁଦୃଢ଼ କରିବା ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କର ସୁସ୍ଥ ଓ ସୁଖୀ ଜୀବନ କାମନା କରୁଛି ଏବଂ ମୋର ଶୁଭେଚ୍ଛା ଜଣାଉଛି ବୋଲି ରାଜ୍ୟପାଳ କହିଛନ୍ତି।

## ପ୍ରଭାତୀ ପରିଡାଙ୍କୁ ଭେଟିଲେ ବରିଷ୍ଠ ସାମ୍ବାଦିକଙ୍କ ପ୍ରତିନିଧିମଣ୍ଡଳୀ

**ଭୁବନେଶ୍ୱର,୧୭/୦୯ ନ୍ୟୁଜ ବ୍ୟୁରୋ**

ପ୍ରେସ୍ ଇନଫର୍ମେସନ୍ ବ୍ୟୁରୋ (ପିଆଇବି) ପକ୍ଷରୁ ଆୟୋଜିତ ପ୍ରେସ୍ ଟୁର୍ ଅଧୀନରେ ବିଭିନ୍ନ ରାଜ୍ୟରୁ ଆସିଥିବା ବରିଷ୍ଠ ସାମ୍ବାଦିକଙ୍କ ଏକ ପ୍ରତିନିଧିମଣ୍ଡଳୀ ଗୁରୁବାର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ବିକାଶର ଯାତ୍ରା ତଥା ରାଜ୍ୟର ବିଭିନ୍ନ ଜନକଲ୍ୟାଣମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ସୁଦୃଢ଼ କରିବା ଦିଗରେ ଏହା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ଶ୍ରୀମତୀ ପରିଡା କହିଛନ୍ତି।



**ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!**

ସାପ୍ତାହିକ ସମ୍ବାଦ ପତ୍ରିକା ରବିବାସରୀୟ କଳିକା ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ବଢୁଛି ନଦୀକୁ ଡେଇଁ ଆତ୍ମହତ୍ୟା ଘଟଣା

# ୫ ବର୍ଷରେ ଗଲାଣି ୫୫ ଜୀବନ

**କଟକ, ୧୭/୦୯ ନ୍ୟୁଜ ବ୍ୟୁରୋ**

ନଦୀକୁ ଡେଇଁ ଆତ୍ମହତ୍ୟା ଘଟଣା ବଢ଼ିବାରେ ଲାଗିଛି। ୫ବର୍ଷରେ କଟକ ଅଗ୍ନିଶମ ବିଭାଗ ଅଧୀନରେ ୧୨ଜଣ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ୯ଜଣଙ୍କ ମୃତ୍ୟୁ ହୋଇଛି। ମାତ୍ର ୩ଜଣ ଉଦ୍ଧାର ହୋଇଛନ୍ତି। ସେହିପରି ଭୁବନେଶ୍ୱର ଅଗ୍ନିଶମ ସର୍କଲରେ ୫୧ଜଣ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ୪୬ଜଣଙ୍କର ମୃତ୍ୟୁ ହୋଇଛି। ନଦୀକୁ ଡେଇଁ ଆତ୍ମହତ୍ୟା ମାମଲା କ୍ରମଶଃ ବଢୁଥିବା ବେଳେ ଏହା ଅଗ୍ନିଶମ ବିଭାଗ ଏବଂ ପୁଲିସ ପାଇଁ ଚିନ୍ତା ବଢ଼ାଇଛି। ସେପ୍ଟେମ୍ବର ୧ରେ ଶିଖରପୁର ବ୍ରିଜ୍ ଉପରୁ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ ଯୁବକ। ସେହିପରି ଅଗଷ୍ଟ ୨୭ରେ ବିରୂପା ନଦୀକୁ ଡେଇଁ ଆତ୍ମହତ୍ୟା



କରିଥିଲେ ସୁରଜିତ ବାରିକ ନାମକ ଯୁବକ। ତେବେ ଏହି ଦୁଇଟି ଘଟଣା ନୁହେଁ କଟକ, ଟାଙ୍ଗି, ଚୌଦ୍ୱାର, ନିଶ୍ଚିନ୍ତକୋଇଲି ଅଗ୍ନିଶମ କେନ୍ଦ୍ର ଅଧୀନରେ ୧୨ଜଣ ନଦୀରେ ବୁଡ଼ି ଆତ୍ମହତ୍ୟ ଉଦ୍ୟମ ଘଟଣା ସମ୍ନାକୁ ଆସିଛି। ୨୦୨୧ରୁ ୨୦୨୬ ମଧ୍ୟରେ ଟୁଇନ୍ ସିଟିରେ ନଦୀକୁ ଡେଇଁ ୫୫ଜଣଙ୍କ ଜୀବନ ଯାଇଛି। ଯାହା ଅଗ୍ନିଶମ ବିଭାଗ ଓ ପୁଲିସର ଚିନ୍ତା ବଢ଼ାଇଛି। ବିଶେଷକରି କଟକ ଯୋବ୍ରା, ପୁରୀଘାଟ, ମଙ୍ଗଳାବାଗ, ତାଳଦଣ୍ଡା କେନାଲ, ଖାନ୍‌ନଗର ଆଦି ଅଞ୍ଚଳରେ ନଦୀରେ ବୁଡ଼ି ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। କେନ୍ଦ୍ରାଞ୍ଚଳ ରେଞ୍ଜ, ଉତ୍ତରାଞ୍ଚଳ ରେଞ୍ଜ ଏବଂ ଦକ୍ଷିଣାଞ୍ଚଳ ରେଞ୍ଜରେ ଗତ ୫ବର୍ଷରେ ୧୫୧ରୁ ଅଧିକ ଲୋକ ନଦୀ, ନାଳ, ପୋଖରୀରେ ବୁଡ଼ି ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ, ମାତ୍ର ୩୫ଜଣଙ୍କୁ ଉଦ୍ଧାର କରାଯାଇଛି। ୧୧୬ଜଣଙ୍କ ମୃତ୍ୟୁ ହୋଇଛି। ବିଶେଷ କରି କେନ୍ଦ୍ରାଞ୍ଚଳ ରେଞ୍ଜର କଟକ ଏବଂ ଭୁବନେଶ୍ୱର ସର୍କଲରେ ଆତ୍ମହତ୍ୟା ମାମଲା ଅଧିକ। ବିଶେଷଜ୍ଞଙ୍କ ମତରେ ପାରିବାରିକ ଅଶାନ୍ତି, ପ୍ରେମ ଓ ପ୍ରତାରଣାକୁ କେନ୍ଦ୍ର କରି ଆତ୍ମହତ୍ୟ ଘଟଣା ଅଧିକ ଘଟୁଛି। ଆତ୍ମହତ୍ୟା ସମସ୍ୟାର ସମାଧାନ ନୁହେଁ ବୋଲି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ତେବେ ପୁଲିସ ଓ ଅଗ୍ନିଶମ ବିଭାଗ ଆତ୍ମହତ୍ୟା ଉଦ୍ୟମ ରୋକିବାକୁ କି ପଦକ୍ଷେପ ନେଉଛି ତାହା ଦେଖିବାର କଥା।




**ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com